R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୫୦
ତିଥି: ପୂର୍ଣ୍ଣିମା
୨୪ ନଭେମ୍ବର ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXXI, No. 50
24 November 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

ଅକୱାନ ପ୍ରଭାବିତ ଗଞ୍ଜାମ ଜିଲ୍ଲା କ୍ଷତିଗ୍ରସ୍ତ ଚାଷୀଙ୍କ ଚାଷ ଜମି ବୁଲିଲେ ମୁଖ୍ୟମନ୍ତ୍ରୀ

ଚଳିତ ମାସ ଶେଷ ସୁଦ୍ଧା ସହାୟତା



ଛତ୍ରପୁର, ୨୩ ।୧୧ (ସବୁ) : ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆକାଶମାର୍ଗରୁ ଗଞ୍ଜାମ ଜିଲ୍ଲାର ବାତ୍ୟା ଅକୱାନ ପରବର୍ତ୍ତୀ ସ୍ଥିତି ଅନୁଧ୍ୟାନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟ ମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉପସ୍ଥିତ ଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ମଧ୍ୟ ଗଞ୍ଜାମରେ ଉପସ୍ଥିତ ଥିଲେ । ସେମାନେ ସଡକ ପଥରେ ପୁରୁଷୋତ୍ତମପୁର ବ୍ଲକ ଓ ଛତ୍ରପୁର ବ୍ଲକ ଅଞ୍ଚଳର କ୍ଷତିଗ୍ରସ୍ତ ଚାଷ ଜମି ବୁଲି ଦେଖିବା ସହିତ କ୍ଷତିଗ୍ରସ୍ତ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ । ପୁରୁଷୋତ୍ତମପୁର ବ୍ଲକର ହାଣ୍ଡିଘର ଏବଂ ଛତ୍ରପୁର ବ୍ଲକର ବଉଳ ଗାଁରେ କ୍ଷତିଗ୍ରସ୍ତ ଚାଷଜମି ଅନୁଧ୍ୟାନ କରିଥିଲେ ଏବଂ ଗ୍ରାମବାସୀଙ୍କ ସହିତ ଅଞ୍ଚଳ ପରିଦର୍ଶନ ପରେ ମୁଖ୍ୟମନ୍ତ୍ରୀ ରଷିକୂଲ୍ୟା ସମ୍ମିଳନୀ କକ୍ଷରେ ବାତ୍ୟା ପରବର୍ତ୍ତୀ କ୍ଷୟକ୍ଷତି, ପୁନରୁଦ୍ଧାର ଓ ସହାୟତା ସମ୍ପର୍କରେ ଜିଲ୍ଲା ପ୍ରଶାସନ ସହିତ ଏକ ଉଚ୍ଚ ସ୍ତରୀୟ ସମୀକ୍ଷା ବୈଠକ କରିଥିଲେ । ଜିଲ୍ଲା ପ୍ରଶାସନକୁ କ୍ଷୟକ୍ଷତିର ଆକଳନ ତୁରନ୍ତ ସାରି ଚଳିତ ମାସ ଶେଷ ସୁଦ୍ଧା ସହାୟତା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ସମୀକ୍ଷା ପରେ ଗଣମାଧ୍ୟମ ଆଗରେ

◆ ରାସନ କାର୍ଡ ନଥିଲେ ବି କ୍ଷତିଗ୍ରସ୍ତଙ୍କୁ ମିଳିବ ସହାୟତା

ମୁଖ୍ୟମନ୍ତ୍ରୀ କ୍ଷୟକ୍ଷତି ଓ ସହାୟତା ବାବଦରେ ପଚାରି ବୁଝିଥିଲେ । ପ୍ରଭାବିତ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗଞ୍ଜାମ ଜିଲ୍ଲାରେ ବାତ୍ୟା (୯ ପୃଷ୍ଠାରେ)

ରାଜ୍ୟରେ ବଢିବ ଶୀତ, କମିବ କୁହୁଡିର ପ୍ରଭାବ

ଭୁବନେଶ୍ୱର, ୨୩ ।୧୧ (ସବୁ): ବାତ୍ୟା ଅକୱାନ୍ ପ୍ରଭାବରେ ବାୟୁମଣ୍ଡଳରେ ଜଳୀୟବାଷ୍ପର ମାତ୍ରାଧିକ ବୃଦ୍ଧି ହେତୁ, ରାତ୍ରି ତାପମାତ୍ରାରେ ଦୃଷ୍ଟାନ୍ତମୂଳକ ଭାବେ ବୃଦ୍ଧି ଘଟିଛି । ଫଳ ସ୍ୱରୂପ ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନରେ ରାତ୍ରି ତାପମାତ୍ରା ୨୧ରୁ ୨୩ ଡିଗ୍ରୀ ଅନୁଭୂତ ହେବା ସହ ଗତ ୩-୪ଦିନ ହେ ଶୀତର ପ୍ରକୋପ ଆଦୌ ଅନୁଭୂତ ହେଉନାହିଁ। ତଥା ମାତ୍ରାଧିକ ଜଳୀୟବାଷ୍ପ ହେତୁ ତଥା ବାୟୁ ଚଳାଚଳରେ ନିଷ୍କ୍ରିୟତା ହେତୁ ଅଧିକାଂଶ ଅଞ୍ଚଳରେ ମଧ୍ୟ ରାତିରୁ ସକାଳ ଯାଏଁ ଘନ କୁହୁଡ଼ି ଦୃଶ୍ୟମାନ ହେଉଛି । କିନ୍ତୁ ଆଗାମୀ ୩-୪ଦିନ ଯାଏଁ ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ଥଣ୍ଡା ବାୟୁ ରାଜ୍ୟ ମଧ୍ୟକୁ ପ୍ରବେଶ କରିବା ସହ ଜଳୀୟବାଷ୍ପର ମାତ୍ରା କମିବା ସହ ଧୀରେ ଧୀରେ ଶୀତର ପ୍ରକୋପ ବୃଦ୍ଧି ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଜ୍ଞାନୀ କହିଛନ୍ତି ।

ପାଣିପାଗ ବିଜ୍ଞାନୀଙ୍କ କହିବାନୁସାରେ, ଏହି ଉତ୍ତରପଶ୍ଚିମ ଦିଗରୁ ଥଣ୍ଡା ବାୟୁର ପ୍ରବାହ ସ୍ୱରୂପ ବାୟୁ ମଣ୍ଡଳରେ ଜଳୀୟବାଷ୍ପର ମାତ୍ରା କମିବା ସହ କୁହୁଡ଼ିର ପ୍ରଭାବ କମିବାର ସମ୍ଭାବନା ରହିଛି । ଉତ୍ତର ପଶ୍ଚିମ ଦିଗରୁ ପ୍ରବାହିତ ହେବାକୁ ଥିବା ଥଣ୍ଡା ଶୁଷ୍କ ବାୟୁ ପ୍ରଭାବରେ ଆଗାମୀ ୩-୪ ଦିନ ମଧ୍ୟରେ ରାଜ୍ୟରେ ରାତ୍ରି ତାପମାତ୍ରା ୪ରୁ ୬ ଡ଼ିଗ୍ରୀ ଯାଏଁ ହ୍ରାସ ସହ ଅଭ୍ୟାନ୍ତରିଣ ଓଡ଼ିଶାରେ ସର୍ବନିମ୍ନ ୧୦ ଡିଗ୍ରୀ ଯାଏଁ ତାପମାତ୍ରା ଛୁଇଁପାରେ । ଉପକୂଳ ଓଡ଼ିଶାରେ କିଛି ଅଞ୍ଚଳରେ ୧୫ ଡିଗ୍ରୀରୁ କମ ତାପମାତ୍ରା ରେକର୍ଡ ହେବାର ପୂର୍ବାନୁମାନ କରାଯାଇଛି ।

ଦଶମଶ୍ରେଣୀ ଛାତ୍ରକୁ ସହପାଠୀଙ୍କ ଛୁରାମାଡ଼

ବାଲେଶ୍ୱର, ୨୩ ।୧୧ (ସବୁ) : ବାଲେଶ୍ୱର ପବ୍ଲିକ୍ ହାଇସ୍କୁଲରେ ସୋମବାର ଘଟିଛି ଏକ ଅଭାବନୀୟ ଘଟଣା । ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କୁ ତାଙ୍କ ସହପାଠୀ ଛୁରାମାଡ଼ କରିଥିବା ଜଣାପଡ଼ିଛି । କ୍ଲାସରୁମରେ ଉଭୟ ସହପାଠୀଙ୍କ ମଧ୍ୟରେ କଳହ ହୋଇଥିଲା । ଖେଳ ଛୁଟି ବେଳେ ସହପାଠୀ ଜଣକ ଅନ୍ୟ ସହପାଠୀଙ୍କ ବେକରେ ଛୁରାମାଡ଼ କରିଥିଲେ । ବେକରେ ଆଘାତ ଲାଗିବା ଫଳରେ ଛାତ୍ର ଜଣକ ଗୁରୁତର ଆହତ ହୋଇଥିଲେ ।

ଘଟଣାକୁ କେନ୍ଦ୍ର କରି ସ୍କୁଲ ପରିସରରେ ଚାଞ୍ଚଲ୍ୟ ଖେଳି ଯାଇଥିଲା । ଆହତ ଛାତ୍ରଙ୍କୁ ସଙ୍ଗେ ସଙ୍ଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତାଙ୍କ ବେକରେ ୮ଟି ଷ୍ଟିଚ୍ ପଡ଼ିଥିଲା । ଖବର ପାଇ ଛୁଟିରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀମଣି ସାହୁ ବିଦ୍ୟାଳୟରେ ପହଞ୍ଚିଥିଲେ । ଉଭୟ ଛାତ୍ର ଓ ଅଭିଭାବକଙ୍କୁ ନେଇ ଘଟଣା ସମ୍ପର୍କରେ ବୁଝାସୁଝା କରିଥିଲେ । ଅନ୍ୟ ଛାତ୍ର କାହିଁକି ଛୁରି ମାରିଲେ ସେ ନେଇ ସେ ପଚରାଉଚରା କରିଥିଲେ । ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ନେଇ ଏକ ବୈଠକ ବସିଥିଲା । ଏହି ବୈଠକରେ ଆପୋଷ ସମାଧାନ ହୋଇଥିବା ଜଣାପଡ଼ିଛି । ଅପରପକ୍ଷରେ ବିଦ୍ୟାଳୟରେ ଏଭଳି ଛୁରାମାଡ଼ ଘଟଣାକୁ ନେଇ ଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି । ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ ଅଭିଯୋଗ ହୋଇନଥିବା ସହଦେବଖୁଣ୍ଟା ଥାନା ପୁଲିସ ପକ୍ଷରୁ କୁହାଯାଇଛି ।

ଲାଞ୍ଚ ନେଇ ୨ ସିଜିଏସ୍‌ଟି ଅଧିକାରୀ ଗିରଫ

ଭୁବନେଶ୍ୱର, ୨୩ ।୧୧ (ସବୁ) : ଲାଞ୍ଚ ନେବା ବେଳେ ଦୁଇଜଣ ସିଜିଏସ୍‌ଟି ଅଧିକାରୀଙ୍କୁ ମାଡିବସିଲା ସିବିଆଇ ସ୍ୱତନ୍ତ୍ର ଟିମ୍ । ଜଣେ ବ୍ୟବସାୟୀଙ୍କୁ ଫେବର ଦେଖାଇବା ପାଇଁ ଏହି ଲାଞ୍ଚ କାରବାର ହେଉଥିବା ଖବର ମିଳିଛି । ଭୁବନେଶ୍ୱର ସିଜିଏସ୍‌ଟି ଅଫିସ୍‌ରେ ଜଣେ ବ୍ୟବସାୟୀଙ୍କ ମାମଲା ଥିଲା । ପୂର୍ବରୁ ତାଙ୍କ ବିରୋଧରେ ଜିଏସ୍‌ଟି ଫାଙ୍କି ମାମଲା ଥିଲା । ସେହି ମାମଲାରୁ ମୁକୁଳିବା ପାଇଁ ସେ ସିଜିଏସ୍‌ଟି ଅଫିସ୍‌ର ସୁପରିଟେଣ୍ଡେଣ୍ଟଙ୍କ ସହ ଯୋଗାଯୋଗ କରିବାରୁ ଟଙ୍କା କାରବାର ସମ୍ପର୍କରେ କଥା ହୋଇଥିଲା । ଏଥିରେ ବ୍ୟବସାୟୀ ବିରକ୍ତି ହୋଇ ସିବିଆଇରେ ଜଣାଇଥିଲେ । (୯ ପୃଷ୍ଠାରେ)

ମୁଣ୍ଡପିଛା ଋଣଭାର ୨୭ ହଜାର

ଭୁବନେଶ୍ୱର, ୨୩ ।୧୧ (ସବୁ) :ରାଜ୍ୟରେ ମୁଣ୍ଡପିଛା ଋଣଭାର ବୃଦ୍ଧିପାଇଛି । ଅକ୍ଟୋବର ୨୦୨୬ ସୁଦ୍ଧା ପ୍ରତ୍ୟେକ ବ୍ୟକ୍ତିର ମୁଣ୍ଡପିଛା ଋଣଭାର ୨୭୫୦୨ ଟଙ୍କାରେ ପହଞ୍ଚିଛି । ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ବିଧାନସଭାରେ ଉତ୍ତର ରଖିଛନ୍ତି ।

ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ମୁଣ୍ଡପିଛା ଋଣଭାର ୨୬୧୩୩ ଥିଲା । ଏବେ ଏହା ବଢି ୨୭,୫୦୨ ଟଙ୍କାରେ ପହଞ୍ଚିଛି । ରାଜ୍ୟର ମୋଟ ଋଣଭାର ୧ ଲକ୍ଷ ୩୦ ହଜାର ୨୫କୋଟି ଟଙ୍କା ଟପିଛି । ତେବେ ୨୦୨୫-୨୬ରେ ଓଡିଶାରେ ମୁଣ୍ଡପିଛା ଆୟ ୧ ଲକ୍ଷ ୮୬ ହଜାର ୬୬୧ ଟଙ୍କା ଆକଳନ ହୋଇଛି । ଋଣ ବଢିବା ସମ୍ପର୍କରେ ଉଲ୍ଲେଖ କରାଯାଇଛି ଯେ ଏହି ଅର୍ଥକୁ ପୁଞ୍ଜି ବିନିଯୋଗ ଓ ବିକାଶମୂଳକ କାର୍ଯ୍ୟରେ ଖର୍ଚ୍ଚ କରାଯାଉଛି । ଏଫଆରବିଏମ ଆଇନ ଅନୁସାରେ ଋଣ ଓ (୯ ପୃଷ୍ଠାରେ)

ଏସ୍‌ଆଇଆରରେ ବାଦ୍ ପଡ଼ିଥିବା ଆବେଦନକୁ ପ୍ରାଥମିକତା ଦିଅ



କୋଲକାତା, ୨୩ ।୧୧ : ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ଏସ୍‌ଆଇଆର୍ ପରେ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ବ୍ୟକ୍ତିଙ୍କ ଆବେଦନର ଶୁଣାଣିକୁ ପ୍ରାଥମିକତା ଦେବାକୁ ସୋମବାର ସୁପ୍ରିମକୋର୍ଟ ଆପିଲ୍ ଟ୍ରିବ୍ୟୁନାଲଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଭୋଟର ତାଲିକାରେ ନାମ ସାମିଲ୍ ହେବା ବିରୋଧରେ ଦାଖଲ ଆବେଦନଗୁଡ଼ିକର ଶୁଣାଣିକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିବାକୁ କହିଛନ୍ତି ।

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନଗୁଡ଼ିକୁ (୯ ପୃଷ୍ଠାରେ)

ତିନିଦିନ ପରେ ବିଧାନସଭା ସ୍ୱାଭାବିକ

ଭୁବନେଶ୍ୱର, ୨୩ ।୧୧ (ସବୁ): ରାଜ୍ୟରେ ଗରିବ, ଅସହାୟ ଭତ୍ତା ନପାଇ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ଭତ୍ତା ଦେବାରେ ବିଫଳ ହୋଇଛି । କେହି କେହି ମଧ୍ୟ ଭତ୍ତା ଟଙ୍କା ନମିଳିବାରୁ ଆତ୍ମହତ୍ୟା ଉଦ୍ୟମ କରିଥିବା ବିରୋଧୀ ଅଭିଯୋଗ କରିଛନ୍ତି । ଯେଉଁ ବ୍ୟକ୍ତି ଭତ୍ତା ପାଉନାହାନ୍ତି, ସେମାନଙ୍କ ନିକଟରେ ଭତ୍ତା ପହଞ୍ଚାଇବାକୁ ପଡିବ ବୋଲି ବିରୋଧୀ ସଭ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ସପଟେ ବିରୋଧୀ ସଭ୍ୟଙ୍କୁ କଡ଼ା ଜବାବ ଦେଇ କହିଛନ୍ତି, ନିର୍ବାଚନ ଆସିଲେ ପୂର୍ବ ସରକାରର ଭତ୍ତା ବୃଦ୍ଧି କଥା ମନେ ପଡେ । ଏବର (୯ ପୃଷ୍ଠାରେ)

ଭତ୍ତା ପ୍ରସଙ୍ଗରେ ସରକାରଙ୍କୁ ଘେରିଲେ ବିରୋଧୀ

ଭତ୍ତା ନପାଇ ଆତ୍ମହତ୍ୟା କରୁଛନ୍ତି ହିତାଧିକାରୀ : ବିଜେଡି

ସରକାର ସାମାଜିକ ସୁରକ୍ଷା ଦେବାରେ ବିଫଳ : କଂଗ୍ରେସ

ଏବେ ଯୋଗ୍ୟତା ହିଁ ଏକମାତ୍ର ମାନଦଣ୍ଡ : ଶାସକ

୫.୫ ଲକ୍ଷକୁ ନୂଆ ଭତ୍ତା ମିଳିଛି : ମନ୍ତ୍ରୀ

ଭୁବନେଶ୍ୱର, ୨୩ ।୧୧ (ସବୁ): ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସରକାର ଅସହାୟ, ବିଧବା ଓ ଗରିବ ଲୋକଙ୍କ ପ୍ରତି ସମ୍ବେଦନଶୀଳ ଅଛନ୍ତି । ବିକାଶ ରଞ୍ଜନ ପାତ୍ରଙ୍କୁ ଦିବ୍ୟାଙ୍ଗ ଭତ୍ତା ୩୫୦୦ ଟଙ୍କା ଦେଉଛୁ । ୨୪ ବର୍ଷ ସରକାର ତାଙ୍କ ପାଇଁ ଚିନ୍ତା କଲେନି, ସବୁ ବକେୟା ଟଙ୍କା ଦିଆଯାଇଛି । ପଞ୍ଜାବ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଭତ୍ତା ଟଙ୍କା ଦିଆଯାଇଛି । ହେଲେ ଯାନ୍ତ୍ରିକ ତ୍ରୁଟି (୯ ପୃଷ୍ଠାରେ)

ବିଦେଶ ଗସ୍ତ ପ୍ରସଙ୍ଗର ତଦନ୍ତ ନିର୍ଦ୍ଦେଶ

ଠିକଣା ସମୟରେ ଦିଆଯିବ ଉଚିତ୍ ଜବାବ : ନବୀନ



ଭୁବନେଶ୍ୱର, ୨୩ ।୧୧ (ସବୁ) : ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ ତାଙ୍କର ତତ୍କାଳୀନ ବ୍ୟକ୍ତିଗତ ସଚିବ ଭି. କେ ପାଣ୍ଡିଆନ ଏବଂ ଆଇପିଏସ୍ ରବିକାନ୍ତଙ୍କ ବିଦେଶ ଗସ୍ତର ତଦନ୍ତ ଲାଗି ସରକାର ଦେଇଥିବା ନିର୍ଦ୍ଦେଶକୁ ନେଇ ଆରୋପ ପ୍ରତ୍ୟାରୋପ ତୀବ୍ର ହେଉଛି । ଏହି ପ୍ରସଙ୍ଗରେ ଆଜି ଶ୍ରୀ ପଟ୍ଟନାୟକ ତାଙ୍କର ଜବାବ୍ ରଖିଛନ୍ତି । (୯ ପୃଷ୍ଠାରେ)

ବିଦ୍ୟାଭାରତୀ ଚାକିରିରୁ ନିଲମ୍ବିତ

ଭୁବନେଶ୍ୱର, ୨୩ ।୧୧ (ସବୁ) : ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ପତ୍ନୀ ବିଦ୍ୟାଭାରତୀ ପଣ୍ଡାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି । ସୌମ୍ୟରଞ୍ଜନ ମୃତ୍ୟୁ ମାମଲାରେ ସରକାରଙ୍କ ପକ୍ଷରୁ ଆଉ ଏକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏବେ ବିଦ୍ୟାଭାରତୀ ଜେଲ୍‌ରେ ଅଛନ୍ତି । ପାରଳାଖେମଣ୍ଡି ଆଇଆଇସି ଓ ଏସ୍‌ଡିଜେଏମ୍ କୋର୍ଟଙ୍କ ଚିଠି ଆଧାରରେ ତାଙ୍କୁ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସାକେନ୍ଦ୍ର ନିର୍ଦ୍ଦେଶକ ତାଙ୍କୁ ନିଲମ୍ବିତ କରିଛନ୍ତି । କପ୍ତିପଦା ଶାଳଚୁଆ ପଶୁଧନ ସେବାକେନ୍ଦ୍ରରେ ଏଲ୍‌ଆଇ ଭାବେ ବିଦ୍ୟାଭାରତୀ ପଣ୍ଡା କାର୍ଯ୍ୟରତ ଥିଲେ । ଗତ ୨ ତାରିଖରେ ସେ କୋର୍ଟରେ ଆତ୍ମସମର୍ପଣ କରିବା ପରେ ଗିରଫ ହୋଇଥିଲେ । ଏବେ ବିଚାର ବିଭାଗୀୟ (୯ ପୃଷ୍ଠାରେ)

ଉନ୍ନତ ଚାଷ ପ୍ରଣାଳୀ ଦେଲା ଭିନ୍ନ ପରିଚୟ


ଚାଷୀଙ୍କ ଲାଗି ପ୍ରେରଣା ସାଜିଲେ ଦୁର୍ଯ୍ୟ

ମାଣ୍ଡିଆ ଚାଷୀଙ୍କ ଲାଗି ପାଲଟିଲେ ଆଦର୍ଶ




ଭୁବନେଶ୍ୱର, ୨୩ ।୧୧ (ସବୁ): ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ତୋୟାପୁଟ ଗ୍ରାମ ପଞ୍ଚାୟତର ଦୁର୍ଯ୍ୟ ହିକକା । ନିଜ ପରିବାରନିଜ ଗାଁରେ ରୁହନ୍ତି । ତାଙ୍କ ପାଖରେ ଚାଷପୋଯୋଗୀ ଜମି ଥିଲା, କିନ୍ତୁ ଆବଶ୍ୟକ ଜ୍ଞାନ କୌଶଳ ଓ ସଠିକ ମାର୍ଗଦର୍ଶନର ଅଭାବ ଥିଲା । ସେ ପାରମ୍ପରିକ ପ୍ରଣାଳୀରେ ମାଣ୍ଡିଆକୁ ଜମିରେ ବୁଣୁଥିଲେ । ସମ୍ପୂର୍ଣ୍ଣ ଭାବେ ବର୍ଷା ଭରସାରେ ଚାଷ ହେଉଥିଲା । ଅମଳ କମ ହେଉଥିଲା, ଘର ଚଳାଇବା କଷ୍ଟ ହେଉଥିଲା । ଜମି ଥିଲା, କିନ୍ତୁ ଜମିରୁ ଚାଷ କରି ଉତ୍ପାଦନ କି ଭଲ ଟଙ୍କା ମିଳୁନଥିଲା । ସେ ଚାହୁଁଥିଲେ କିଛି ନୂଆ କରିବାକୁ, କିନ୍ତୁ କେମିତି କରିବେ ଜାଣି ନଥିଲେ । ସେତିକି ବେଳେ ତାଙ୍କ ଗାଁରେ ପହଞ୍ଚିଥିଲା ପରିଦର୍ଶକ ପ୍ରତିନିଧି ଦଳ । ଏହି ପ୍ରତନିଧି ଦଳରେ ଥିଲେ ସିୱାଇଏସଡ଼ି ଓ ସ୍ଥାନୀୟ କୃଷି ବିଭାଗର ଅଧିକାରୀ । ସେହି ଦିନରୁ ତାଙ୍କ ଜୀବନର ମୋଡ଼ ବଦଳିଗଲା । ଆବଶ୍ୟକ ଜ୍ଞାନ କୌଶଳ ମିଳିଲା, ଆତ୍ମବିଶ୍ୱାସ ବଢ଼ିଲା, ଆଶା ପୁନର୍ଜିବୀତ ହେଲା, ପରେ ସ୍ୱପ୍ନ ଦେଖିବା ଆରମ୍ଭ କଲେ ଦୁର୍ଯ୍ୟ ।

ଭୁବନେଶ୍ୱର ସ୍ଥିତ ଅଗ୍ରଶୀ ସାମାଜିକ ଅନୁଷ୍ଠାନ ସିୱାଇଏସଡ଼ି ପକ୍ଷରୁ ତାଙ୍କୁ ବୈଷୟିକ ଜ୍ଞାନ ପ୍ରଦାନ କରାଯିବା ସହିତ କିପରି ପ୍ରଥମେ ନର୍ସରୀ କରିବା, ୨୧ ଦିନ ପରେ ମୁଖ୍ୟ ଜମିରେ ଲଗାଇବା, ୧୦ ଇଞ୍ଚ ଧାଡ଼ି ଧାଡ଼ିରେ ଗଛ ଲଗାଇବାପରାମର୍ଶ ଦିଆଗଲା । ସେହିପରି ପନିପରିବା ପାଇଁ ଟ୍ରେଲିସ ପଦ୍ଧତି, ଯେଉଁଥିରେ ଲତା ଜାତୀୟ ପନିପରିବା (୯ ପୃଷ୍ଠାରେ)



ବିଦ୍ୟୁତ୍ ଝଟକା ମାରିବ ଦାନ୍ତ ବ୍ୟାକ୍ଟେରିଆ

ଦାନ୍ତ ଘଷିବାର ମାତ୍ର କିଛି ଘଣ୍ଟା ପରେ ପାଟିରେ ପୁଣି ବ୍ୟାକ୍ଟେରିଆ ଜମା ହେବା ଆରମ୍ଭ କରିଥାଏ । ତେବେ ଚୀନର ବୈଜ୍ଞାନିକମାନେ ଏକ ଏପରି ଅଭିନବ ଟୁଥବ୍ରଶ୍ ବିକଶିତ କରିଛନ୍ତି ଯାହା ବ୍ରିସଲ୍ସ ମାଧ୍ୟମରେ ସାମାନ୍ୟ ବିଦ୍ୟୁତ୍ ପ୍ରବାହ ସୃଷ୍ଟି କରି ବ୍ୟାକ୍ଟେରିଆକୁ ନଷ୍ଟ କରିଥାଏ । ପଲିଭିନାଇଲିଡିନ୍ ଫ୍ଲୋରାଇଡ୍ ନାମକ ଏକ ପଦାର୍ଥରୁ ନିର୍ମିତ ଏହି ଟୁଥବ୍ରଶର ବ୍ରିସଲ୍ସ ଦାନ୍ତ ଘଷିବା ସମୟରେ ସାମାନ୍ୟ ବିଦ୍ୟୁତ୍ ପ୍ରବାହ ସୃଷ୍ଟି କରେ । ଯାହା 'ଚିଆକ୍ଟିଭ୍ ଅକ୍ସିଜେନ୍ ସ୍ପିସିସ୍' ଉତ୍ପନ୍ନ କରି ବ୍ୟାକ୍ଟେରିଆ ବ୍ୟାପିବା ରୋକିବାରେ ସାହାଯ୍ୟ କରେ । ଦାନ୍ତ ଓ ମାଢ଼ି ସମସ୍ୟାରେ ପୀଡ଼ିତ ୧୧୫ ଜଣ ଲୋକଙ୍କ ଉପରେ ଗବେଷକମାନେ ଏହି ଟୁଥବ୍ରଶର ପରୀକ୍ଷଣ କରିଥିଲେ । ତିନିମାସ ପରେ ଅଂଶଗ୍ରହଣକାରୀଙ୍କ ନିକଟରେ ସାଧାରଣ ଟୁଥବ୍ରଶ୍ ତୁଳନାରେ ପ୍ଲକ୍ , ମାଢ଼ି ଫୁଲା ଏବଂ ରକ୍ତସ୍ରାବ ଅଧିକ ପ୍ରଭାବଶାଳୀ ଭାବେ ହ୍ରାସ ପାଇଥିବା ଦେଖିବାକୁ ମିଳିଥିଲା । 'ସାଇନ୍ସ ଆଡଭାନ୍ସେସ୍' ପତ୍ରିକାରେ ପ୍ରକାଶିତ ଏହି ଅଧ୍ୟୟନ ଅନୁଯାୟୀ, ପରୀକ୍ଷାଗାର ଏବଂ ପଶୁମାନଙ୍କ ଉପରେ କରାଯାଇଥିବା ପରୀକ୍ଷଣରୁ ଏହି ନୂତନ ଟୁଥବ୍ରଶରେ ୯୯ ପ୍ରତିଶତରୁ ଅଧିକ ସଫେଇ ଦକ୍ଷତା ଥିବା ଜଣାପଡ଼ିଛି । ପରୀକ୍ଷଣ ସମୟରେ କୌଣସି ବ୍ୟବହାରକାରୀ ଯନ୍ତ୍ରଣା କିମ୍ବା ବିଦ୍ୟୁତ୍ ଝଟକା ଅନୁଭବ କରିନଥିବା ସୂଚନା ମିଳିଛି ।



କାର୍ତ୍ତିକ ପୂର୍ଣ୍ଣିମା

କାର୍ତ୍ତିକ ମାସର ଶେଷ ତିଥି କାର୍ତ୍ତିକ ପୂର୍ଣ୍ଣିମା ବା ରାସ ପୂର୍ଣ୍ଣିମା ନାମରେ ପରିଚିତ । ଓଡ଼ିଶାର ଆଚାର ବିଚାର, ଚାଲିଚଳଣି ତଥା ଧର୍ମୀୟ ଭାବନା ସହିତ ଏହି ପର୍ବ ଜଡ଼ିତ । ଉତ୍କଳର ପ୍ରାଚୀନ ଇତିହାସ ଓ ଖ୍ରୀଷ୍ଟପୂର୍ବୀୟ କାଳରେ ଓଡ଼ିଶାରେ ନୌବାଣିଜ୍ୟ ଦୃଷ୍ଟିକୋଣରୁ ଏହି ପର୍ବର ବୈଶିଷ୍ଟ୍ୟ ରହିଛି। ଏହି ପର୍ବରେ ଦୁର୍ଗାଙ୍କ ଶାରଦୀୟ ବନ୍ଦନା ପରେପରେ ଚନ୍ଦ୍ର ଏବଂ କାଳୀଙ୍କ ଆରାଧନା କରାଯାଏ। ସେହିଭଳି ଦେବ ସେନାପତି



ଚିର କୁମାର କାର୍ତ୍ତିକେୟଙ୍କ ଆରାଧନା ମଧ୍ୟ ଏହି ମାସରେ ସମ୍ପାଦିତ ହୁଏ।

ବୈଶିଷ୍ଟ୍ୟ-ଓଡ଼ିଶାର ଆଦିକବି ସାରଳା ଦାସ ରଚିତ ମହାଭାରତର ଆଦିପର୍ବରେ କାର୍ତ୍ତିକ ମାସର ପବିତ୍ରତା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ଏହିପର୍ବରେ ବର୍ଣ୍ଣିତ କାର୍ତ୍ତିକ ପୂର୍ଣ୍ଣିମା ଦିନ ଭୋଜରାଜ ଓ ଭୀଷ୍ମଙ୍କ ଗଙ୍ଗାସ୍ନାନ ଯାତ୍ରା ପ୍ରସଙ୍ଗରେ ଦର୍ଶାଯାଇଛି। କାର୍ତ୍ତିକ ମାସରେ ମୃତ୍ୟୁବରଣ କଲେ ବୈକୁଣ୍ଠ ପ୍ରାପ୍ତି ହୁଏବୋଲି ଏଠାରେ ବର୍ଣ୍ଣନା ରହିଛି। ପୁନଶ୍ଚ କାର୍ତ୍ତିକ ଏକ ଧର୍ମ ମାସ ରୂପେ ମଧ୍ୟ ପରିଚିତ। ଏହି ମାସରେ ଧର୍ମପ୍ରାଣ ଆବାଳ - ବୃଦ୍ଧ - ବନିତା ପ୍ରତ୍ୟହ ପ୍ରାତଃକାଳରେ ସ୍ନାନ ସମାପନ ପୂର୍ବକ ଦେବ ଦର୍ଶନ ଏବଂ ନଗର ସଂକୀର୍ତ୍ତନ ଆଦି କରିଥାନ୍ତି । ପୂର୍ଣ୍ଣିମା ପାଞ୍ଚଦିନ ପଞ୍ଚକ ପର୍ବ ବା ମହାପଞ୍ଚୁକ ନାମରେ ପରିଚିତ। ଏହି ପାଞ୍ଚଦିନ ପ୍ରତ୍ୟେକ ହିନ୍ଦୁ ଆମିଷ ପରିହାର ପୂର୍ବକ ପୂଜା କରିଥାନ୍ତି । କୁହାଯାଏ ଯେ ଏହି ପାଞ୍ଚଦିନକାଳ ବଗ ମଧ୍ୟ ଆମିଷ ସ୍ପର୍ଶ କରେ ନାହିଁ । ଏହି ମାସର ଶୁକ୍ଳପକ୍ଷ ଏକାଦଶୀ ବା ବଡ଼ ଏକାଦଶୀଠାରୁ ପୂର୍ଣ୍ଣିମା ପାଞ୍ଚଦିନ ଧରି ଅନୁଷ୍ଠିତ ମହାପଞ୍ଚକ ହିନ୍ଦୁମାନଙ୍କ ପାଇଁ ଧର୍ମଗତ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ । ଏହି ଦିନ ମହିଳାମାନେ ରାଇ- ଦାମୋଦର ବ୍ରତର ଉଦ୍ ଯାପନ କରିଥାନ୍ତି । ବିଧବାମାନେ ଏହି ମାସରେ ହବିଷ୍ୟ ପାଳନ ପୂର୍ବକ ପ୍ରତ୍ୟହ ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ଜ୍ୱଳନ କରିଥାନ୍ତି । ତୁଳସୀ ବୃକ୍ଷକୁ ଏହିମାସରେ ଅତ୍ୟନ୍ତ ଭକ୍ତି ସହକାରେ ଆରାଧନା କରାଯାଏ । କିମ୍ବଦନ୍ତୀ ରହିଛି ଯେ ରାକ୍ଷସ ଜଳନ୍ଧର ନିଜ ସତୀ ସ୍ୱାଧୀ ପତ୍ନୀ ତୁଳସୀଙ୍କ ପାତିବ୍ରତ୍ୟ ବଳରେ ବଳୀୟାନ ହୋଇ ଉଠିଥିଲା ଏବଂ ବୃନ୍ଦାବତୀଙ୍କ ସତୀତ୍ୱ ଅମ୍ଳାନ ରହିଥିବା ପର୍ଯ୍ୟନ୍ତ ଦେବତାମାନେ ବହୁ ଚେଷ୍ଟା ସତ୍ତ୍ୱେ ଜଳନ୍ଧର କୌଣସି ଅନିଷ୍ଟ କରିପାରି ନଥିଲେ । ଅନେକ ସ୍ଥାନରେ ଏହି ସମୟରେ ଆକାଶ ଦ୍ୱୀପ ପ୍ରଜ୍ୱଳନର ପ୍ରଥା ରହିଛି । ଗ୍ରାମରେ ଏକ ଉଚ୍ଚ ବାଉଁଶ ଖୁଣ୍ଟ ଉପରେ ପ୍ରତି ସନ୍ଧ୍ୟାରେ ଆକାଶଦୀପ ରଖାଯାଇଥାଏ । ପୂର୍ଣ୍ଣିମା ଅବସରରେ କଦଳୀପତୁଆ ନିର୍ମିତ ଡଙ୍ଗା ଭସାଇବାର ବିଧି ପ୍ରଚଳିତ । ଏହିଦିନ ପ୍ରତ୍ୟୁଷରୁ ଆବାଳ - ବୃଦ୍ଧା - ବନିତା ନଦୀ ବା ପୁଷ୍କରଣୀରେ ବୁଡ ପକାଇ କଦଳୀ ବାହୁଙ୍ଗା।





ବା ସୋଲ ତିଆରି ଖେଳଣା ଡଙ୍ଗାରେ ଦୀପ ଜ୍ୱାଳି ଏବଂ ସେଥିରେ ପାନଗୁଆ ଥୋଇ ସେସବୁ ଭସାଇ ଥାଆନ୍ତି । ଏହି ସମୟରେ ଗାନ କରନ୍ତି 'ଆ କା ମା ବୈ, ପାନ ଗୁଆ ଥୋଇ ପାନ ଗୁଆ ତୋର, ମାସକ ଧରମ ମୋର ।' ବିଶ୍ୱାସ ରହିଛି ଯେ ଏହିଦିନ ପ୍ରତ୍ୟୁଷରୁ ସ୍ନାନପୂର୍ବକ ଦେବଦର୍ଶନ କଲେ ସମସ୍ତ ପ୍ରକାର ପାପ ନାଶ ହୋଇଥାଏ । ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ - ଏଇ ଚାରିମାସ ହେଉଛି ସୂର୍ଯ୍ୟଙ୍କର ଅୟନାନ୍ତ କାଳ । ଏହି ଅୟନାନ୍ତ ଦିବସମାନଙ୍କରେ ସୌରଦେବଙ୍କ ଉପାସନା କରାଯାଏ । ପୌରାଣିକ ଅନୁଧାନରୁ ଏହି ଚାରିମାସ ଧର୍ମ ଦୃଷ୍ଟିରୁ ଶୁଭପ୍ରଦ ଏବଂ ଦେବଦେବୀଙ୍କ ଉପାସନା ସକାଶେ ଅତ୍ୟନ୍ତ ଅନୁକୂଳ । ତେବେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ କେବଳ ଓଡ଼ିଶା ନୁହେଁ ଥାଇଲାଣ୍ଡରେ ମଧ୍ୟ କଦଳୀପତୁଆ ନିର୍ମିତ ଛୋଟଛୋଟ ଡଙ୍ଗା ଭସାଇବା ପରମ୍ପରା ପ୍ରଚଳିତ। ଏହି ପୂର୍ଣ୍ଣିମା ଅବକାଶରେ ପ୍ରାଚୀନ ଉତ୍କଳର ରାଜଧାନୀ କଟକନଗରୀ ଉପକଣ୍ଠସ୍ଥ ବାରବାଟୀ ଦୁର୍ଗ ନିକଟବର୍ତ୍ତୀ ପଡ଼ିଆରେ ବାଲିଯାତ୍ରା ଅନୁଷ୍ଠିତ ହୁଏ । ଉତ୍କଳର ବିଲୁପ୍ତ ନୌପରମ୍ପରା ସହିତ ଏହାର ସଂପୃକ୍ତି ରହିଛି । କାର୍ତ୍ତିକ ପୂର୍ଣ୍ଣିମା ବୋଇତ ବନ୍ଦାଣ ଦିବସ ନାମରେ ମଧ୍ୟ ଖ୍ୟାତ । ଏହି ଅବସରରେ ଅନେକ ସ୍ଥାନରେ ବୋଇତ ବନ୍ଦାଣ ଅନୁଷ୍ଠିତ ହୋଇଥାଏ ।

ବାଜପକ୍ଷୀର ୧୦୧ ଘଣ୍ଟା ଉଡ଼ାଣ



ମଣିପୁରରୁ ଉଡ଼ାଣ ଆରମ୍ଭ କରିଥିବା 'ଅଲାଙ୍ଗ' ନାମକ ଏକ ଆମୁର୍ ବାଜପକ୍ଷୀ କୌଣସି ସ୍ଥାନରେ ନ ଅଟକି ଲଗାତାର ୧୦୧ ଘଣ୍ଟା ଉଡ଼ି ୫,୭୦୦ କିଲୋମିଟର ଦୂରତା ଅତିକ୍ରମ କରିବା ପରେ ସୋମାଲିଆରେ ପହଞ୍ଚିଛି । ତାମିଲନାଡୁର ଆଇଏଏସ୍ ଅଧିକାରୀ ସୁପ୍ରିୟା ସାହୁଙ୍କ ସୂଚନା ଅନୁସାରେ ଅଲାଙ୍ଗର ସାଥୀ 'ଅପାପାଙ୍ଗ' ମଧ୍ୟ ୯୫ ଘଣ୍ଟାରେ ୪,୧୦୦ କିଲୋମିଟର ଉଡ଼ି ଆଫ୍ରିକା ଅଭିମୁଖେ ଯାତ୍ରା ଜାରି ରଖିଛି । ଏହି ଦୁଇ ଆମୁର୍ ବାଜପକ୍ଷୀ ୨୩ଟି ଦେଶ ଅତିକ୍ରମ କରି ଗତ ଅକ୍ଟୋବର ୨୨ ତାରିଖରେ ମଣିପୁରରେ ପହଞ୍ଚିଥିଲେ । ତାମେଙ୍ଗଲୋଙ୍ଗର ଚିଉଲୁଆନ ଅଞ୍ଚଳରେ ପ୍ରାୟ ୨୫ ଦିନ ବିତାଇବା ପରେ ପୁଣିଥରେ ଆଫ୍ରିକା ଅଭିମୁଖେ ନିଜର ଯାତ୍ରା ଆରମ୍ଭ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ବନ୍ୟପ୍ରାଣୀ ସଂସ୍ଥାନର ବୈଜ୍ଞାନିକମାନେ ଗତ ନଭେମ୍ବର ୨୦୨୫ରେ ଏହି ଦୁଇ ବାଜପକ୍ଷୀଙ୍କ ଶରୀରରେ ଟ୍ରାକିଂ ଟ୍ୟାଗ୍ ଲଗାଇଥିଲେ । ଯାହା ସାହାଯ୍ୟରେ ସେମାନଙ୍କର ଉଡ଼ାଣ, ଅତିକ୍ରାନ୍ତ ଦୂରତା ଏବଂ ପ୍ରବାସ ମାର୍ଗ ଉପରେ ନଜର ରଖାଯାଇପାରୁଛି ।

ଶ୍ରଦ୍ଧାଙ୍କୁ ପ୍ରଶଂସା



ଆଗକୁ ଶ୍ରଦ୍ଧା କପୁରଙ୍କ ଫିଲ୍ମ ଇଥା ପରଦାକୁ ଆସୁଛି । ତେବେ ଇଥା ପାଇଁ ଶ୍ରଦ୍ଧାଙ୍କୁ ଅନେକ ଶୁଭେଚ୍ଛା ସହିତ ପ୍ରଶଂସା ମିଳୁଥିବା ଦେଖିବାକୁ ମିଳୁଛି । ସୂଚନା ଅନୁସାରେ ଅଭିନେତ୍ରୀ କଙ୍ଗନା ରଣାୱତ 'ଇଥା' କୁ ପ୍ରଶଂସା କରି ଏହା ବେଶ୍ ଭଲ ଲାଗୁଥିବା ପ୍ରକାଶ କରିଛନ୍ତି । ଫିଲ୍ମଟି ଆସନ୍ତା ଡିସେମ୍ବର ୪ ତାରିଖରେ ରିଲିଜ ହେବ ବୋଲି ଯୋଜନା ରହିଛି । କଙ୍ଗନା ନିଜ ଇନଷ୍ଟାଗ୍ରାମ ଷ୍ଟୋରୀରେ ଏନେଇ ଉଲ୍ଲେଖ କରିବା ସହିତ ଫିଲ୍ମର ମେକର୍ସଙ୍କୁ ପ୍ରଶଂସା କରିଛନ୍ତି । ତେବେ ଲକ୍ଷ୍ମଣ ଉତେକରଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଶ୍ରଦ୍ଧା ମହାରାଷ୍ଟ୍ରର ପ୍ରଖ୍ୟାତ ତାମାସା ଓ ଲାବଣୀ କଳାକାର ବିଠାବାଇ ନାରାୟଣଗାଓଁକରଙ୍କ ଭୂମିକାରେ ଅଭିନୟ କରୁଛନ୍ତି । ଯେଉଁଥିରେ ରଣଦୀପ ହୁଡା, ମହମ୍ମଦ ଜିଶାନ ଆୟୁବ, ସିଦ୍ଧାର୍ଥ ଯାଦବ, ଅନନ୍ତ ଯୋଶୀ, ଅକ୍ଷରା ସିଂ ଏବଂ ଉଲକା ଗୁପ୍ତାଙ୍କ ଭଳି କଳାକାରଙ୍କୁ ଦେଖିବାକୁ ମିଳିବ । ଏହାର ଟ୍ରେଲରରେ ଶ୍ରଦ୍ଧା ମହାରାଷ୍ଟ୍ରର ପାରମ୍ପରିକ ନଅ ଗଜ ଶାଢ଼ୀ ପିନ୍ଧି ଜବରଦସ୍ତ ଲାବଣୀ ନୃତ୍ୟ ପରିବେଷଣ କରୁଥିବା ଦେଖିବାକୁ ମିଳିଛି । ଏହାସହ ଟ୍ରେଲରରେ ବିଠାବାଇଙ୍କ ବ୍ୟକ୍ତିଗତ ଜୀବନର ସଂଘର୍ଷକୁ ମଧ୍ୟ ଦର୍ଶାଯାଇଛି । ତେଣୁ ଫିଲ୍ମଟି ଦର୍ଶକଙ୍କୁ ଖୁବ ପସନ୍ଦ ଆସିବବୋଲି ମେକର୍ସ ଆଶା କରିଛନ୍ତି । ସେହିଭଳି ଏଭଳି ଏକ ଭିନ୍ନସ୍ୱାଦର ଚରିତ୍ରରେ ଅଭିନୟ କରି ଶ୍ରଦ୍ଧା ମଧ୍ୟ ଖୁବ ଖୁସି ଅଛନ୍ତି । ଏହି ଚରିତ୍ରଟି ତାଙ୍କ କ୍ୟାରିୟର ପାଇଁ ଏକ ଟର୍ନିଂ ପଏଣ୍ଟ ହେବ ବୋଲି ଶ୍ରଦ୍ଧା ଆଶା ରଖିଛନ୍ତି ।

ସୋସିଆଲ କୋର୍ଟ୍ଟ



ମୁଁ ଦୀପିକାଙ୍କୁ ବହୁତ ଆଗରୁ ଜାଣିଛି । ସେ ତାଙ୍କ ଡେବ୍ୟୁ ଫିଲ୍ମ ପୂର୍ବରୁ ମୋ ଆଡ୍ଡିଂ ସ୍କୁଲ ଆସୁଥିଲେ । ସେ ବହୁତ ଭଲରେ ସବୁ ଟାସ୍କ କରନ୍ତି ।

ଅନୁପମ ଖେର, ଅଭିନେତା



ସବୁବେଳେ ଅନ୍ୟକୁ ସାହାଯ୍ୟ କରିବାର ଆବଶ୍ୟକତା ରହିଛି । ସମସ୍ତଙ୍କ ଜୀବନରେ ଏଭଳି ଲୋ ଫେଜ ଆସିଥାଏ । ସମସ୍ତେ ମଣିଷ ଏହା କିଛି ଖରାପ କଥା ନୁହେଁ ।

ଶାହରୁଖ ଖାନ, ଅଭିନେତା



ଟ୍ରୋଲରଙ୍କୁ କେବେ ଧ୍ୟାନ ଦେଇନି। ସେମାନେ ମୋତେ ଟ୍ରୋଲ କେବଳ ଭ୍ୟୁ ପାଇଁ କରନ୍ତି । ମୋତେ ଟ୍ରୋଲ କରିବା ଦ୍ୱାରା ସେମାନଙ୍କର ଫଲୋଅର୍ସ ବଢିଥାଏ ।

ସଲମାନ ଖାନ, ଅଭିନେତା

ଇତିହାସ

୧୮୭୧ - ନ୍ୟାସନାଲ ରାଇଫଲ୍ ଆସୋସିଏସନ୍‌ର ଗଠନ କରାଗଲା ।

୧୯୨୬ - ପ୍ରଖ୍ୟାତ ଦାର୍ଶନିକ ଶ୍ରୀଅରବିନ୍ଦଙ୍କୁ ପୂର୍ଣ୍ଣ ସିଦ୍ଧି ପ୍ରାପ୍ତ ହେଲା ।

୧୯୬୩ - ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ୍ କେନେଡିଙ୍କ ହତ୍ୟାକାରୀଙ୍କୁ ହତ୍ୟା କରାଗଲା ।

୧୯୮୬ - ତାମିଲନାଡୁ ବିଧାନସଭାରେ ପ୍ରଥମଥର ପାଇଁ ଏକାସଙ୍ଗେ ସଦନରୁ ନିଷ୍କାସିତ କରାଗଲା ।

୧୯୯୨ - ଚୀନର ଘରୋଇ ବିମାନ ଦୁର୍ଘଟଣାଗସ୍ତ ହୋଇ ୧୪୧ ଲୋକଙ୍କର ମୃତ୍ୟୁ ।

୧୯୯୯ - ଏଥେନ୍ସରେ ଆୟୋଜିତ ବିଶ୍ୱ ଭାରୋତ୍ତୋଳନ ଚାମ୍ପିଅନସିପ୍‌ରେ ଭାରତର କୁଞ୍ଜାରାଣୀ ଦେବୀଙ୍କୁ ରୌପ୍ୟ ପଦକ ।

୨୦୦୩ - ହିନ୍ଦୀ ଫିଲ୍ମର ଲୋକପ୍ରିୟକମେଡିଆନ ଉମା ଦେବୀ ଖତ୍ରୀଙ୍କ ପରଲୋକ ।

ହସକଥା



ରୋଗୀ: "ଡାକ୍ତରବାବୁ, ମୋର ଗୋଟିଏ ବଡ଼ ଅଭ୍ୟାସ ଅଛି... ମୁଁ ଶୋଇଲାବେଳେ ମଧ୍ୟ କଥା ହୁଏ। ଏହାର କିଛି ଉପାୟ ଅଛି କି?"

ଡାକ୍ତର: "ହଁ, ଅଛି। ଗୋଟିଏ କାମ କର, ଦିନବେଳେ କଥା ହେବା ବନ୍ଦ କରିଦିଅ, ରାତିରେ ଆପେ ଆପେ ବନ୍ଦ ହୋଇଯିବ!"



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକର ବଉଳ ଗାଁ ରେ ପହଞ୍ଚି ଫସଲ କ୍ଷୟକ୍ଷତି ଅନୁଧ୍ୟାନ କରୁଛନ୍ତି ।





ଆକାଶମାର୍ଗରୁ ଗଞ୍ଜାମ ଜିଲ୍ଲାର କ୍ଷୟକ୍ଷତି ଅନୁଧ୍ୟାନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ବିଦେଶ ଗସ୍ତକୁ ନେଇ କମିଲା ଶୂନ୍ୟକାଳ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀଙ୍କ ବାଲି ଗସ୍ତ, ଘେରିଲା ବିଜେଡି

ଭୁବନେଶ୍ୱର(ସବ୍ୟୁ): ଅଙ୍ଗନବାଡ଼ି କର୍ମୀ ରାସ୍ତାରେ ବସିଛନ୍ତି । ସରକାର ପୋଷଣ ଯୋଜନା ପାଇଁ ୬ ମାସ ହେଲା ଟଙ୍କା ଦେଇନାହାନ୍ତି । ହେଲେ ସେ ବିଭାଗର ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଦେଶ ବୁଲୁଛନ୍ତି । ବାତ୍ୟା ଓ ବନ୍ୟାର ଠିକ୍ ପରେ, ପୁଣି ବିଧାନସଭା ଅଧିବେଶନ ବେଳେ ସେ ବିଦେଶ ଗଲେ କେମିତି? କେଉଁ ଜରୁରୀ ପରିସ୍ଥିତି ପଡ଼ିଲା ଯେ, ତାଙ୍କୁ ଇଣ୍ଡୋନେସିଆ ବାଲି ଯିବାକୁ ପଡ଼ିଲା? ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଶାସକ ଦଳକୁ ଘେରିଥିଲା ବିଜେଡି ।

ଶୂନ୍ୟକାଳରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଥିଲେ, ଲୋକଙ୍କ ସମସ୍ୟା ସମାଧାନ ନ କରି ଉପମୁଖ୍ୟମନ୍ତ୍ରୀ ବିଦେଶ ବୁଲୁଛନ୍ତି । ତାହା ପୁଣି ବିଧାନସଭାର ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ଚାଲିଥିବା ସମୟରେ । ତାଙ୍କ ସହ ଆଉ ଜଣେ ମନ୍ତ୍ରୀ ମଧ୍ୟ ଯାଇଛନ୍ତି । ଏଭଳି ପରମ୍ପରା ବନ୍ଦ ହେଉ । ଶାସକ ଦଳର ନେତାମାନେ ବିଦେଶ ବୁଲା ବନ୍ଦ କରି ଲୋକଙ୍କ ସମସ୍ୟା ସମାଧାନ କରନ୍ତୁ । ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଥିଲେ, ସରକାର ଖାଲି ଉତ୍ସବ ଓ ବିଳାସରେ ମାତିଛନ୍ତି । ସୁଶାସନ ଦେବା ଭୁଲି ଉତ୍ସବ ମାନସିକତାରେ ମଜ୍ଜି ଯାଇଛନ୍ତି । ଏଭଳି ମାନସିକତା ପୂରା ସରକାରୀ କଳକୁ ଗ୍ରାସିଲାଣି । ବିଧାନସଭା ଅଧିବେଶନ ଚାଲିଛି । କିନ୍ତୁ ଗୃହରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ନାହାନ୍ତି । ସରକାରଙ୍କୁ ଏହା ଲଜ୍ଜିତ କରିବା କଥା । ବିଧାନସଭା ଚାଲିଥିବା ସମୟରେ ବାହାରକୁ ଗଲେ ବାଚସ୍ପତିଙ୍କ ଅନୁମତି ନେବା କଥା । ଉପମୁଖ୍ୟମନ୍ତ୍ରୀ ଅନୁମତି ନେଇଛନ୍ତି ତ? ହେଲେ ଏଭଳି ସମୟରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କାହିଁକି ଗଲେ ବୋଲି ସେ ପ୍ରଶ୍ନ କରିଛନ୍ତି ।

ଏହି ପ୍ରସଙ୍ଗରେ ବିଜେଡିକୁ ଜବାବ ଦେଇ ବିଜେପି ବିଧାୟକ ସନ୍ତୋଷ ଖଟୁଆ କହିଥିଲେ, ବିରୋଧୀ ଆରମ୍ଭରୁ ବିଧାନସଭାର ପ୍ରଶ୍ନକାଳକୁ ଚଲାଇ ଦେଉନଥିଲେ । ଏବେ ତାଙ୍କର ଜ୍ଞାନ ଉଦୟ ହେଲାଛ ବିଧାନସଭାରେ ଗୁରୁତ୍ୱପୂର୍ଣ୍ଣ

ବିଜେପିର ଜବାବ, ନବୀନ ଓ ପାଣ୍ଡିଆନ କୁଆଡ଼େ ଯାଉଥିଲେ

ଅଙ୍ଗନବାଡ଼ି କର୍ମୀ ରାସ୍ତାରେ ଆନ୍ଦୋଳନ କରୁଛନ୍ତି । ନିଜକୁ ଆମ ସରକାର କହୁଛନ୍ତି । ପୁଣି ଏଭଳି ବିପର୍ଯ୍ୟୟ ସମୟରେ ବିଦେଶ ବୁଲ । କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ । ବିଜେଡି ବିଧାୟକ ବ୍ୟୋମକେଶ ରାୟ କହିଥିଲେ, ବିରୋଧୀ ଦଳରେ ଥିବାବେଳେ ପ୍ରଭାତୀ ପରିଡ଼ା କହିଥିଲେ ଅଙ୍ଗନବାଡ଼ି କର୍ମୀଙ୍କ ଦରମା ୨୫ ହଜାର ହେବା କଥା । କିନ୍ତୁ ସେହି କର୍ମୀ ରାସ୍ତାରେ ବସିଥିବାବେଳେ ସେ ବିଦେଶ ବୁଲୁଛନ୍ତି । ଇଣ୍ଡୋନେସିଆର ବାଲିକୁ ଅନ୍ୟ ରାଜ୍ୟର ମନ୍ତ୍ରୀ ବା ଉପମୁଖ୍ୟମନ୍ତ୍ରୀ ଯାଇଛନ୍ତି କି? ତା ଆଲୋଚନା ହୁଏ ବୋଲି ସେମାନଙ୍କର ମନେ ପଡ଼ିଲା । ଆଗରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସେବେକାର ଛାୟା ମୁଖ୍ୟମନ୍ତ୍ରୀ ବିଦେଶ ଗସ୍ତରେ କୁଆଡ଼େ ଯାଉଥିଲେ? ବିଜେଡି ବିଧାୟକମାନେ ତାର ଉତ୍ତର ଦିଅନ୍ତୁ । ବିଧାନସଭାକୁ ସ୍ୱାଭାବିକ ଭାବେ ଚଲାଇବା ଆମର ନୈତିକ ଦାୟିତ୍ୱ । ସମସ୍ତେ ଏଥିରେ ସହଯୋଗ କରନ୍ତୁ । ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡା କହିଥିଲେ, ବିରୋଧୀ ଦଳ ବିଧାନସଭାରେ ଆଲୋଚନାକୁ ଫେରିଛନ୍ତି ଓ ବିତର୍କକୁ ଉପଭୋଗ କରୁଛନ୍ତି । ମୁଁ ଏଥିରେ ଖୁସି ।

କଳିଙ୍ଗ ବାଲିଯାତ୍ରା ମହୋତ୍ସବ ୨୦୨୬ ଉଦ୍‌ଘାଟିତ

ଓଡିଶା ଅର୍ଥନୀତି ବିକାଶରେ କେନ୍ଦ୍ରବିନ୍ଦୁ ପାରାଦୀପ : ମୁଖ୍ୟମନ୍ତ୍ରୀ

ପାରାଦୀପ ,(ଜି. ପ୍ର): ପାରାଦୀପ ଏବେ ଶିଳ୍ପ ସମୃଦ୍ଧ । ଦ୍ରୁତ ଗତିରେ ଏଠାରେ ଶିଳ୍ପର ଅଭିବୃଦ୍ଧି ହାର ବୃଦ୍ଧି ପାଉଛି । ଓଡିଶା ଅର୍ଥନୀତିରେ ଯେଉଁ ବିକାଶ ହେଉଛି, ସେଥିରେ ପାରାଦୀପ କେନ୍ଦ୍ରବିନ୍ଦୁ ପାଲଟିଛି ବୋଲି ଆଜି କଳିଙ୍ଗ ବାଲିଯାତ୍ରା ମହୋତ୍ସବ ୨୦୨୬କୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା ପ୍ରକାଶ କରିଛନ୍ତି । ସନ୍ଧ୍ୟାରେ ବନ୍ଦରନଗରୀ ପାରାଦୀପରେ ଉଦଘାଟିତ ହୋଇଛି ପ୍ରସିଦ୍ଧ କଳିଙ୍ଗ ବାଲିଯାତ୍ରା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନୁଷ୍ଠାନିକ ଭାବେ ଏହି ମହୋତ୍ସବର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ପାରାଦୀପ ଉତ୍ସବମୁଖର ହୋଇଉଠିଥିବା ବେଳେ ଆସନ୍ତା ୭ ଦିନ ଧରି ଚାଲିବ ଏହି ଐତିହାସିକ ଯାତ୍ରା ।

ଓଡ଼ିଆ ଜାତିର ଗୌରବମୟ ନୌବାଣିଜ୍ୟ ପରମ୍ପରା ଓ ସାଧବ ପୁଅଙ୍କ ସମୁଦ୍ରଯାତ୍ରାର ସ୍ମୃତିକୁ ଉଜ୍ଜୀବିତ କରି ରଖିବା ହେଉଛି ଏହି ବାଲିଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ । ପ୍ରାଚୀନ କାଳରେ ଓଡ଼ିଶାର ସାଧବମାନେ ସମୁଦ୍ରପଥରେ ଦୂରଦେଶକୁ



ଯାତ୍ରା କରି ବାଣିଜ୍ୟ କାରବାର କରୁଥିଲେ । ସେହି ଗୌରବମୟ ଇତିହାସ ଓ ପରମ୍ପରାକୁ ଆଜିର ପିଢ଼ି ନିକଟରେ ପହଞ୍ଚାଇବାରେ କଳିଙ୍ଗ ବାଲିଯାତ୍ରା ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ପାଲଟିଛି ।

ଏହି ମହୋତ୍ସବରେ ଐତିହ୍ୟ, ସଂସ୍କୃତି, କଳା ଓ ପରମ୍ପରାର ଝଲକ ଦେଖିବାକୁ ମିଳିବ । ଏଥିସହ ସ୍ଥାନୀୟ ବ୍ୟବସାୟୀ, କାରିଗର ଓ ଉଦ୍ୟୋଗୀଙ୍କ ପାଇଁ ମଧ୍ୟ ଏହି ଯାତ୍ରା ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ଆଶା ରହିଛି । ଦୀର୍ଘ ୭ ଦିନ ଧରି ପାରାଦୀପରେ ଜମିବ ଉତ୍ସବର ଆସର । ନୌବାଣିଜ୍ୟର ଗୌରବମୟ ଅତୀତକୁ ମନେ ପକାଇ ଏହି ବାଲିଯାତ୍ରା ପୁଣିଥରେ ଓଡ଼ିଆ ଅସ୍ମିତା ଓ ସାଂସ୍କୃତିକ ପରିଚୟର ବାର୍ତ୍ତା ବହନ କରିବ । ମୁଖ୍ୟମନ୍ତ୍ରୀ, ସାଂସଦ ଡଃ ବିଭୁ ପ୍ରସାଦ ତରାଇ , ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ରମାକାନ୍ତ ଭୋଇ, ଜିଲ୍ଲାପାଳ ଜେ ସୋନାଲ, ବନ୍ଦର ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତ, ପାରାଦୀପ ପୌର ପରିଷଦ ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ପ୍ରମୁଖ ଏହି ଉଦଘାଟନୀ ସଭାରେ ଯୋଗ ଦେଇ ନୌବାଣିଜ୍ୟର ଗତି ଗାଥା ଆଲୋଚନା କରିଥିଲେ ।

ଐତିହାସିକ ନୌବାଣିଜ୍ୟ ପରମ୍ପରାରୁ ଆଧୁନିକ ସହଭାଗିତା

ବାଲିରେ ଓଡ଼ିଶା-ଇଣ୍ଡୋନେସିଆ ପର୍ଯ୍ୟଟନ ବୈଠକ

ଭୁବନେଶ୍ୱର: (ସବ୍ୟୁ): ଓଡ଼ିଶା ଏବଂ ଇଣ୍ଡୋନେସିଆ ମଧ୍ୟରେ ଥିବା ଦୀର୍ଘଦିନର ଐତିହାସିକ, ସାଂସ୍କୃତିକ ଏବଂ ଜନସାଧାରଣଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଆହୁରି ସୁଦୃଢ଼ କରି, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଏବଂ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବାଲିଠାରେ ଇଣ୍ଡୋନେସିଆର 'ଇନଜର୍ଣ୍ଣି ଟୁରିଜିମ୍ ଡେଭଲପମେଣ୍ଟ କର୍ପୋରେସନ'ର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବା ସହ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମାର୍ଗଦର୍ଶନରେ ଓଡ଼ିଶା ଏବଂ ବାଲି ମଧ୍ୟରେ ଥିବା ସମ୍ପର୍କକୁ ଆହୁରି ମଜବୁତ କରିବା ଦିଗରେ ଓଡ଼ିଶାର ଲକ୍ଷ୍ୟ ସମ୍ପର୍କରେ ଅବଗତ କରିଛନ୍ତି । ଏହି ବୈଠକରେ ପର୍ଯ୍ୟଟନ କ୍ଷେତ୍ରରେ ସହଯୋଗର ନୂତନ ସମ୍ଭାବନା ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ଓଡ଼ିଶା ଏବଂ ଇଣ୍ଡୋନେସିଆ ମଧ୍ୟରେ ଥିବା ଶତାବ୍ଦୀ ପୁରୁଣା ନୌବାଣିଜ୍ୟ ଓ ସଭ୍ୟତାଗତ ସମ୍ପର୍କକୁ ଆଧାର କରି ପର୍ଯ୍ୟଟନ ପ୍ରଚାରପ୍ରସାର, ସାଂସ୍କୃତିକ ଆଦାନପ୍ରଦାନ, ପର୍ଯ୍ୟଟନ ସ୍ଥଳୀର ବିକାଶ ଏବଂ ପର୍ଯ୍ୟଟନ ସମ୍ବନ୍ଧୀୟ ସହଭାଗିତା କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବାର ସୁଯୋଗ ଚିହ୍ନଟ କରିବା ଉପରେ ଏହି ଆଲୋଚନା କେନ୍ଦ୍ରିତ ଥିଲା । ଏହି ବୈଠକରେ 'ଦି ନୁସା ଦୁଆ'ର କମର୍ସିଆଲ ଓ ରିଲେସନ୍ସ



ଉପସଭାପତି ସୁଶ୍ରୀ ମାଡେ ପୂର୍ଣ୍ଣମା ଦମୟନ୍ତୀ, ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂହ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ଡଃ ବିଜୟ କେତନ ଉପାଧ୍ୟାୟଙ୍କ ସମେତ ଇଣ୍ଡୋନେସିଆ ଓ ଓଡ଼ିଶାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଆସନ୍ତା ନଭେମ୍ବର ୨୪ ଓ ୨୫ ତାରିଖରେ ବାଲିର 'ଦି ମେରୁ ସାନୁର' ସ୍ଥିତ ବାଲି ବିଚ୍ କନଭେନସନ୍ ସେଣ୍ଟରଠାରେ ଆୟୋଜିତ ହେବାକୁ ଥିବା 'ଓଡ଼ିଶା ପରବ ୨୦୨୬' ପରିପ୍ରେକ୍ଷୀରେ ଏହି ବୈଠକ ବିଶେଷ ଗୁରୁତ୍ୱ ବହନ କରୁଛି ।

ଐତିହାସିକ ବାଲିଯାତ୍ରାର ପରମ୍ପରାରୁ ଅନୁପ୍ରାଣିତ ଏହି ଅନ୍ତର୍ଜାତୀୟ ସାଂସ୍କୃତିକ ମହୋତ୍ସବ ପ୍ରାଚୀନ କଳିଙ୍ଗ ଓ ଇଣ୍ଡୋନେସିଆ ମଧ୍ୟରେ ଥିବା ସାମୁଦ୍ରିକ ସମ୍ପର୍କକୁ ସ୍ମରଣ କରିବା ସହ ଅନ୍ତର୍ଜାତୀୟ ଦର୍ଶକଙ୍କ ନିକଟରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ପର୍ଯ୍ୟଟନ ସ୍ଥଳୀ ଏବଂ ଆଧୁନିକ ସୁଯୋଗଗୁଡ଼ିକୁ ପ୍ରଦର୍ଶିତ କରିବାକୁ ଲକ୍ଷ୍ୟ ରଖିଛି ବୋଲି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମତ ରଖିଛନ୍ତି। 'ଓଡ଼ିଶା ପରବ'ରେ ରାଜ୍ୟର ପାରମ୍ପରିକ ହସ୍ତଶିଳ୍ প, ହସ୍ତତନ୍ତ ଏବଂ ରନ୍ଧନ ପରମ୍ପରାର ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଆୟୋଜିତ ହେବ । ଏଥିରେ ମହିଳା ନେତୃତ୍ୱାଧୀନ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପଟ୍ଟଚିତ୍ର ଏବଂ ତାଳପତ୍ର ଖୋଦେଇ କଳାର ସିଧାସଳଖ ପ୍ରଦର୍ଶନ କରାଯିବ । ଓଡ଼ିଶା ପର୍ଯ୍ୟଟନ ପାଭିଲିୟନରେ ରାଜ୍ୟର ବିବିଧ ପର୍ଯ୍ୟଟନ ଆକର୍ଷଣ ଯଥା, ଐତିହ୍ୟ ସ୍ଥଳୀ, ଆଧ୍ୟାତ୍ମିକ କ୍ଷେତ୍ର, ମନୋରମ ବେଳାଭୂମି, ବନ୍ୟପ୍ରାଣୀ, ଦୁଃସାହସିକ ପର୍ଯ୍ୟଟନ ଏବଂ ଇକୋ-ଟୁରିଜିମ୍ ଅନୁଭୂତିକୁ ଉପସ୍ଥାପନ କରାଯିବ । ଏହାସହ ଏକ ସ୍ୱତନ୍ତ୍ର ଖାଦ୍ୟ ପ୍ରଦର୍ଶନୀ ମାଧ୍ୟମରେ ଓଡ଼ିଶାର ଅନନ୍ୟ ସ୍ୱାଦ ଓ ପାରମ୍ପରିକ ଖାଦ୍ୟ ସଂସ୍କୃତିକୁ ପରିବେଷଣ କରାଯିବ । 'ଓଡ଼ିଶା ପରବ' ଭଳି ପଦକ୍ଷେପ ମାଧ୍ୟମରେ ରାଜ୍ୟ ସରକାର ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ପର୍ଯ୍ୟଟନର ପ୍ରସାର କରିବା ସହ ଓଡ଼ିଶା ସହିତ ଗଭୀର ସାଂସ୍କୃତିକ ସମ୍ପର୍କ ଥିବା ଦେଶଗୁଡ଼ିକ ସହ ଦୀର୍ଘସ୍ଥାୟୀ ସହଭାଗିତା ଗଢ଼ି ତୋଳିବାକୁ ଲକ୍ଷ୍ୟ ରଖିଛନ୍ତି ।



ଆଜିଠୁ ଐତିହାସିକ କଟକ ବାଲିଯାତ୍ରା

ଉଦ୍‌ଘାଟନ କରିବେ ରାଷ୍ଟ୍ରପତି, ଯୋଗଦେବେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

କଟକ, (ସବ୍ୟୁ): ଐତିହାସିକ କଟକ ବାଲିଯାତ୍ରା ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। କଟକର ମହାନଦୀ ପଠାରେ ଆୟୋଜିତ ଏସିଆର ଏହି ସର୍ବବୃହତ୍ତ ମୁକ୍ତାକାଶ ମେଳାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ। ରାଷ୍ଟ୍ରପତି ସ୍ୱତନ୍ତ୍ର ଭାବେ କଡ଼ା ସୁରକ୍ଷା ବଳୟରେ ସଡ଼କପଥରେ ଭୁବନେଶ୍ୱରରୁ କଟକ ଆସିବେ। ଅପରାହ୍ନ ୪.୩୦ରେ ସିଲଭରସିଟି ବୋଟ୍ କ୍ଲବରୁ 'କଳିଙ୍ଗ ତରଙ୍ଗିଣୀ' ନୌକା ଯୋଗେ ବାଲିଯାତ୍ରା ପଡ଼ିଆ ନିଆଯିବ। ଏଥିପାଇଁ କଳିଙ୍ଗ ତରଙ୍ଗିଣୀ ନୌକାକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରାଯାଇଛି। ରାଷ୍ଟ୍ରପତିଙ୍କ ସମେତ ଏଥିରେ ୧୫ ଜଣ ବସିବାର ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟା ୫ଟାରେ ଗଡ଼ଗଡ଼ିଆ ଘାଟରେ ମହାନଦୀ ଆଳତୀ ଓ ବୋଇତ ବନ୍ଦାଣ କରାଯିବ। ପରେ କଟକ ଇନ୍ କଟକ ଠାରେ କଟକ ମହାନଗର ନିଗମର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରାଷ୍ଟ୍ରପତି ଉଦଘାଟନ କରିବେ। ସେଠାରୁ ଓରମାସ ପରିଦର୍ଶନ କରିବା ପରେ ଗଣକବି ବୈଷ୍ଣବ ପାଣି ମଞ୍ଚରେ ରାଷ୍ଟ୍ରପତି ମହୋତ୍ସବର ଉଦଘାଟନ କରିବେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟପାଳ ବ୍ରଜମୋହନ ରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେବେ। ଉଦଘାଟନୀ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ ସାଂସଦ ଭର୍ତ୍ତୃହରି ମହତାବ, ବିଧାୟକ ସୌଭିକ୍ ବିଶ୍ୱାଳ, ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟିକା ସୋଫିଆ ଫିର୍ଦୋସ, ମେୟର ସୁବାସ ସିଂ, ମୁଖ୍ୟ ସାସନ ସଚିବ ଅନୁ ଗର୍ଗ, ଇଣ୍ଡୋନେସିଆର ଅତିରିକ୍ତ ଆମ୍ବାସଡ଼ର ୟୁଧୋ ଶଶୋଙ୍କୋ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥର ବାଲିଯାତ୍ରା ଆସନ୍ତାକାଲିଠାରୁ ଡିସେମ୍ବର ୧ଯାଏ ହେବ। ସରକାର ଅନୁମତି ଦେଲେ ଏହାର ଅବଧି ବୃଦ୍ଧି ପାଇପାରେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

କୋଟିଆ ପ୍ରସଙ୍ଗ ଉଠାଇଲେ କାଡାମ

ସୀମା ସୁରକ୍ଷା ପାଇଁ ସ୍ୱତନ୍ତ୍ର କମିଟି ହେଉ

ଭୁବନେଶ୍ୱର(ସବ୍ୟୁ): ଶୂନ୍ୟକାଳରେ କୋଟିଆ ପ୍ରସଙ୍ଗ ଉଠାଇଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ । ପ୍ରଶ୍ନକାଳରେ ସେ ଏହି ପ୍ରସଙ୍ଗ ଉଠାଇବା ବେଳେ ବାଚସ୍ପତି ତାଙ୍କୁ ପରେ ପର୍ଯ୍ୟାପ୍ତ ସୁଯୋଗ ଦେବେ ବୋଲି କହିଥିଲେ । ଏହାପରେ କଂଗ୍ରେସ ବିଧାୟକମାନେ ଗୃହ ମଧ୍ୟଭାଗରୁ ନିଜ ଆସନକୁ ଫେରିଥିଲେ । ଶୂନ୍ୟକାଳ ସମୟରେ କାଡାମ ଏହି ପ୍ରସଙ୍ଗ ଉଠାଇ କହିଥିଲେ, କୋଟିଆ ହେଉଛି ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ । ଓଡ଼ିଶା ସୀମାନ୍ତବର୍ତ୍ତୀ ଅଞ୍ଚଳକୁ ସୁରକ୍ଷା ଦେବାକୁ ଆମେ ବିଫଳ ହୋଇଛୁ । ଆମ ସୀମାରେ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାଡଖଣ୍ଡ ଅନୁପ୍ରବେଶ କରୁଛନ୍ତି । ସୀମାର ସୁରକ୍ଷା ପାଇଁ ସରକାର ଏକ କମିଟି ଗଢ଼ନ୍ତୁ । ଆନ୍ଧ୍ରପ୍ରଦେଶରେ ସରକାରରେ ଥିବା ଟିଡିପି କେନ୍ଦ୍ରରେ ଏନଡିଏକୁ ସମର୍ଥନ କରୁଛି । ଏଣୁ ଏବେ ଟ୍ରିପଲ ଇଞ୍ଜିନ ସରକାର ଅଛି । ତା ସତ୍ତ୍ୱେ ଓଡ଼ିଶାର ସୀମା ସୁରକ୍ଷିତ ନୁହେଁ କୋଟିଆକୁ ସୁରକ୍ଷା ଦେବାକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିବାକୁ ସେ ଦାବି କରିଛନ୍ତି ।



ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ କାରକେଡ୍ ରିହଲସଲ୍

ବିଧାନସଭା ପରିସରରେ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ

ଭୁବନେଶ୍ୱର, (ସବ୍ୟୁ): ମହାନ ବିପ୍ଳବୀ, ସର୍ବୋଦୟ ନେତା, ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶବାଦୀ ଓ ସଫଳ ବ୍ୟକ୍ତିତ୍ୱର ଅଧିକାରୀ । ସେ ସର୍ବଦା ଦରିଦ୍ର ଅବହେଳିତ, ଦଳିତଙ୍କ ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିନେଇଥିଲେ । ଜଣେ ନିଷ୍ଠାପର ଜନନାୟକ ଏବଂ ବିପ୍ଳବୀର ସମସ୍ତ ଗୁଣ ତାଙ୍କଠାରେ ପରିପୂର୍ଣ୍ଣ ଥିଲା । ସେ ସଂଭ୍ରାନ୍ତ ଓ ଜମିଦାର ପରିବାରର ବ୍ୟକ୍ତିଥିଲେ ମଧ୍ୟ ସମାଜର ଦଳିତ ଓ ନିଷ୍ପେସିତ ବର୍ଗର ଲୋକଙ୍କ ପାଇଁ ସାରା ଜୀବନ ସଂଗ୍ରାମ ଜାରି ରଖିଥିଲେ । ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଅସହଯୋଗ ଆନ୍ଦୋଳନରେ ସେ ଯୋଗଦେଇଥିଲେ । ସେତେବେଳେ ଓଡ଼ିଶାର ଛାତ୍ର ଓ ଯୁବକମାନଙ୍କ ଭିତରେ ବିପୁଳ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି ହୋଇଥିଲା । ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶ ଦେଶସେବକ ଓ ନିଷ୍ଠାପର କର୍ମୀ ତଥା ଓଡ଼ିଶାର ଦଳିତ, ଅବହେଳିତ, ନିଷ୍ପେସିତଙ୍କ ପ୍ରକୃତ ବନ୍ଧୁ ଏବଂ ଜଣେ ବିପ୍ଳବୀ ଜନନାୟକ । ଦୀନହୀନ ଅବସ୍ଥାରେ କାଳାତିପାତ କରୁଥିବା ଚାଷୀମୂଲିଆଙ୍କ ସେବା କରି ନିଜକୁ ଧନ୍ୟ ମନେ କରୁଥିଲେ । କ୍ଷମତା ନବକୃଷ୍ଣ ଚୌଧୁରୀଙ୍କ ପରି ବ୍ୟକ୍ତିତ୍ୱଙ୍କୁ କରାୟତ କରିପାରିନଥିଲା ଓ ଦୁର୍ନୀତି ତାଙ୍କୁ ସ୍ପର୍ଶ କରିପାରି ନଥିଲା ।



ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଅବସରରେ ବାଚସ୍ପତି ଶ୍ରୀମତୀ ସୁରମା ପାତ୍ରୀ, ଉପବାଚସ୍ପତି ଶ୍ରୀ ଭବାନୀଶଙ୍କର ଭୋଇ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ବିଧାୟକ ଶ୍ରୀ ରାମଚନ୍ଦ୍ର କାଡ଼ାମ ଓ ଶ୍ରୀ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଶ୍ରୀ ଅରବିନ୍ଦ ଢାଲି, ଉତ୍କଳ ସମ୍ମିଳନୀ ଓ ପୂଜ୍ୟପୂଜା ସଂସଦର ବରିଷ୍ଠ ସଦସ୍ୟ ଓ ବିଧାନସଭା ସଚିବ ଶ୍ରୀ ସତ୍ୟବ୍ରତ ରାଉତ ପ୍ରମୁଖ ବିଧାନସଭା ପରିସରରେ ଥିବା ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ଶିଳ୍ପୀବୃନ୍ଦଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା । ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ନୂଆଦିଲ୍ଲୀରେ ଇନ୍ଦ୍ରପ୍ରସ୍ଥ ସମାରୋହର ଭବ୍ୟ ଆୟୋଜନ

ନୂଆଦିଲ୍ଲୀ, (ସବ୍ୟୁ): ନୂଆଦିଲ୍ଲୀ ଠାରେ ପ୍ରଥମ ଥର ପାଇଁ ଇନ୍ଦ୍ରପ୍ରସ୍ଥ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱ ଭାରତ କେନ୍ଦ୍ର (ବିଭାକେ) ର ସହଯୋଗରେ ୱାର୍ଲଡ୍ ଓଡିଶା ସୋସାଇଟି (ୱାଓସୋ) ଦ୍ୱାରା ପ୍ରେସ କ୍ଲବ ଅଫ ଇଣ୍ଡିଆ ଠାରେ ଆୟୋଜିତ ଏହି ମହାସମାରୋହରେ ଭାରତର ଉତ୍କୃଷ୍ଟ କଳା, ସମୃଦ୍ଧ ସଂସ୍କୃତି ଓ ଉତ୍ତୁଙ୍ଗ ପରମ୍ପରାର ସାରତତ୍ତ୍ୱ ପ୍ରଦର୍ଶିତ ହୋଇଥିଲା । ସମ୍ମିଳନୀରେ ସ୍ୱାଗତ ଭାଷଣ ପ୍ରଦାନ କରି ୱାର୍ଲଡ୍ ଓଡିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ଭାରତର ଅମୂଲ୍ୟ ଐତିହ୍ୟ ଓ ଅନନ୍ୟ ମୂଲ୍ୟବୋଧକୁ ବିଶ୍ୱବ୍ୟାପୀ ପ୍ରୋତ୍ସାହିତ କରିବା ପାଇଁ ୱାଓସୋର ଦୃଢ଼ ପ୍ରତିବଦ୍ଧତା ବିଷୟରେ ଉଲ୍ଲେଖ କରିଥିଲେ । ୱାଓସୋର ପ୍ରତିଷ୍ଠାତା ଟ୍ରଷ୍ଟି ସୁଧୀର କୁମାର ଦାଶ ଦେଶର ସଚେତନ ନାଗରିକମାନଙ୍କୁ ଆମର ସୁବର୍ଣ୍ଣ ପରମ୍ପରାକୁ ସୁରକ୍ଷା ଓ ସଂରକ୍ଷଣ କରିବା ସହିତ ଯୁବ ପିଢ଼ୀକୁ ଏହି ଅଭିଯାନକୁ ଆଗକୁ ବଢ଼ାଇବା ପାଇଁ ପ୍ରେରଣା ଦେବାକୁ ଆହ୍ୱାନ ଜଣାଇ ଥିଲେ । ବିଶ୍ୱ ଭାରତ କେନ୍ଦ୍ରର ପରାମର୍ଶଦାତା ପ୍ରସିଦ୍ଧ ଆଇନଜୀବୀ ଅବନୀ ସାହୁ, ବିଶ୍ୱ ଭାରତ କେନ୍ଦ୍ର ଭାରତର ସୁବର୍ଣ୍ଣ ଐତିହ୍ୟ ଓ ଭାରତୀୟତାର ଗୌରବମୟ ପରିଚୟକୁ ବିଶ୍ୱବ୍ୟାପୀ ଆଗକୁ ବଢ଼ାଇବାରେ ସକ୍ରୀୟ ଭାବେ ଲାଗିରହି ଥିବା ପ୍ରକାଶ କରିଥିଲେ । ସଭାକୁ ୱାଓସୋର ଉପାଧ୍ୟକ୍ଷ ପ୍ରଦୀପ କୁମାର ରଥ, ସାଧାରଣ ସମ୍ପାଦକ ଉମାକାନ୍ତ ଜେନା,ବରିଷ୍ଠ ସଦସ୍ୟ ହୃଷିକେଶ ପାତ୍ର, ଦିଲ୍ଲୀ ଏବଂ ଏନସିଆର ଶାଖାର ଅଧ୍ୟକ୍ଷ ବିମଳ ଭଲ ଓ ସାଧାରଣ ସମ୍ପାଦକ ଜ୍ଞାନ ପ୍ରକାଶ ଜେନା ମଧ୍ୟ ସମ୍ବୋଧନ କରିଥିଲେ ।

ସମାବେଶରେ ଉଦବୋଧନ ଦେଇ ବରେଣ୍ୟ ଅତିଥି ରାଜ୍ୟସଭା ସାଂସଦ ସୁଜୀତ କୁମାର, ନୂଆଦିଲ୍ଲୀ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଓ ପ୍ରସିଦ୍ଧ ଇଏନ୍ ଟି ବିଶେଷଜ୍ଞ ଡଃ ରମେଶ ଚନ୍ଦ୍ର ଡେକା ତଥା ବିଶିଷ୍ଟ କୂଟନୀତିଜ୍ଞ ଡଃ ଅମରେନ୍ଦ୍ର ଖଟୁଆ ଇନ୍ଦ୍ରପ୍ରସ୍ଥ ସମାରୋହର ମୁଖ୍ୟ ଉଦ୍ଦେଶ୍ୟ "ବସୁଧୈବ କୁଟୁମ୍ବକମ୍"ର ମହାନ ସନ୍ଦେଶକୁ ବିଶ୍ୱବ୍ୟାପୀ ପ୍ରଚାର କରିବା ବୋଲି ଉଲ୍ଲେଖ କରିଥିଲେ । ସେମାନେ ଭାରତର ପ୍ରାଚୀନ ରୀତିନୀତି ଏବଂ ପ୍ରତିଷ୍ଠିତ ଲୋକାଚାରକୁ ଆନ୍ତର୍ଜାତିକ ଦରବାରରେ ପ୍ରଦର୍ଶିତ ଓ ପ୍ରତିପାଦିତ କରିବା ପାଇଁ ୱାଓସୋ ଏବଂ ବିଭାକେର ନିରବଚ୍ଛିନ୍ନ ପ୍ରୟାସକୁ ଭୁୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ୧୯ ଜଣ ବ୍ୟକ୍ତିଙ୍କୁ ଇନ୍ଦ୍ରପ୍ରସ୍ଥ ପୁରସ୍କାର ପ୍ରଦାନ କରାଯାଇଥିଲା ।

ସେମାନଙ୍କ ମଧ୍ୟରେ ସାଂସଦ ଓ ଓଡ଼ିଶା ରାଜ୍ୟ ବିଜେପିର ସଭାପତି ମନମୋହନ ସାମଲ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଓ ସାଂସଦ ଦିଲ୍ଲୀପ ରାୟ, ରାଜ୍ୟସଭା ସାଂସଦ ସୁଜୀତ କୁମାର, ନୂଆଦିଲ୍ଲୀ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଡଃ ଆର.ସି. ଡେକା, ବିଶିଷ୍ଟ ଶିକ୍ଷାବିତ୍ ଡଃ ଦୀନବନ୍ଧୁ ସାହୁ,ଏସବିଆଇ ଫଣ୍ଡସ ମ୍ୟାନେଜମେଣ୍ଟ ଲିମିଟେଡ୍‌ର ଏମଡ଼ି ଓ ସିଇଓ ଦେବାଶିଷ ମିଶ୍ର, ହର୍ଲ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଡଃ ଶିବ ପ୍ରସାଦ ମହାନ୍ତି, ଏନଏସଆଇସିର ସିଏମଡ଼ି ଡଃ ସୁଭ୍ରାଂଶୁ ଶେଖର ଆଚାର୍ଯ୍ୟ, ଇରେଡ଼ାର ସିଏମଡ଼ି ଡଃ ବିଜୟ କୁମାର ମହାନ୍ତି, ଏଚପିସିଏଲ୍‌ର ସିଜିଏମ୍ ରମେଶ ଚନ୍ଦ୍ର ବାଘ,ପ୍ରସିଦ୍ଧ ସ୍ୱାଇନ ସର୍ଜନ ଡଃ ପ୍ରଫେସର ଶଙ୍କର ଆଚାର୍ଯ୍ୟ,ଦରଭଙ୍ଗା ଏମ୍ସର ନିର୍ଦ୍ଦେଶକ ଡଃ ମାଧବାନନ୍ଦ କର, ଗ୍ଲୋବାଲ ନ୍ୟୁଟ୍ରିସନ ଚମ୍ପିୟନ ବସନ୍ତ କୁମାର କର,ସୁପ୍ରିମକୋର୍ଟର ଆଇନଜୀବୀ ସସ୍ମିତା ତ୍ରିପାଠୀ,ଉତ୍କଳ ଗ୍ରୁପର ଅଧ୍ୟକ୍ଷ ସୁରେଶ ମିଶ୍ର, ଆକାଶବାଣୀର ନିର୍ଦ୍ଦେଶକ ସୁଭଶ୍ରୀ ମହାପାତ୍ର,ସାହିତ୍ୟ ଆଜତକର ସମ୍ପାଦକ ଜୟ ପ୍ରକାଶ ପାଣ୍ଡେ, ରୁଟ୍ସ ଅଫ ଓଡ଼ିଶା ଫାଉଣ୍ଡେସନର ପ୍ରତିଷ୍ଠାତା ଓ ପ୍ରସିଦ୍ଧ ଚାର୍ଟାର୍ଡ ଏକାଉଣ୍ଟାଣ୍ଟ ସୁଧୀର କୁମାର ଦାଶ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ ।

ମଞ୍ଚେଷ୍ଟରରୁ ୱାର୍ଲଡ୍ ଓଡ଼ିଶା ସୋସାଇଟିର ମହାସଚିବ ଶିବରଞ୍ଜନ ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ସୁଦକ୍ଷ ଉପସ୍ଥାପିକା ପ୍ରତିମା ଶର୍ମା ସୁଚାରୁ ରୂପେ ସଂଚାଳନା କରିଥିଲେ । ନନ୍ଦନ ଦ୍ୱିବେଦୀ ଓ ଅଙ୍କିତ ମୌର୍ଯ୍ୟ ଡିଜିଟାଲ ନିୟନ୍ତ୍ରଣ କକ୍ଷକୁ ଦକ୍ଷତାର ସହିତ ପରିଚାଳନା କରିଥିଲେ । ସୁଧୀର କୁମାର ଦାଶ ଓ ତାଙ୍କ ଦଳ ଅନେକ ଲୋକପ୍ରିୟ ସଙ୍ଗୀତ ପରିବେଷଣ କରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । ଶ୍ରୀ ଦାଶଙ୍କ ଦଳରେ ରାକ୍ଷୀ ଅଗ୍ରୱାଲ, ବୀରେନ୍ଦ୍ର ସିଂହ, ଶୋଭା ନାରଙ୍ଗ ଓ ସଚିନ ରସ୍ତୋଗି ଙ୍କ ଭଳି ସୁନାମଧନ୍ୟ କଣ୍ଠଶିଳ୍ପୀ ମାନେ ସାମିଲ ଥିଲେ। ଇନ୍ଦ୍ରପ୍ରସ୍ଥ ବିଷୟବସ୍ତୁ ଆଧାରିତ ଡ଼ଃ କୁଳମଣି ବିଶ୍ୱାଳ ଓ ଲକ୍ଷ୍ମୀକାନ୍ତ ଦାସ ଙ୍କର କବିତା ଆବୃତ୍ତି ମଧ୍ୟ ଉଚ୍ଚ କୋଟିର ଥିଲା ।

ଜଗନ୍ନାଥ ବଲ୍ଲଭ ମଲ୍ଲି ପାର୍କିଂରୁ ମୋବାଇଲ ଲୁଟ୍, ଜଣେ ଗିରଫ

ପୁରୀ, (ସବ୍ୟୁ): ଜଗନ୍ନାଥ ବଲ୍ଲଭ ମଲ୍ଲି ପାର୍କିଂରେ ଯାତ୍ରୀଙ୍କଠାରୁ ମୋବାଇଲ ଫୋନ୍ ଲୁଟ୍ ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଏହି ସଂକ୍ରାନ୍ତରେ ଟାଉନ ଥାନାରେ କେସ୍ ନମ୍ବର ୮୦୫/୨୦୨୬ ରୁଜୁ ହୋଇଛି । ଢେଙ୍କାନାଳ ଅଞ୍ଚଳରୁ ପୁରୀ ଆସିଥିବା ରାହୁଲ ଜେନା (୨୮) ଜଗନ୍ନାଥ ବଲ୍ଲଭ ମଲ୍ଲି ପାର୍କିଂ ନିକଟରେ ଥିବା ବେଳେ ଜଣେ ଦୁର୍ବୃତ୍ତ ତାଙ୍କ ହାତରୁ ରେଡ୍‌ମି ୧୩ସି ୫ଜି ମୋବାଇଲ ଫୋନ୍ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଥିଲା । ଏନେଇ ରାହୁଲ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲାର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ସମୟରେ ମଙ୍ଗଳା ସାହି ଅଞ୍ଚଳରୁ ଅଭିଯୁକ୍ତ ରାହୁଲ ବେହେରା (୨୦)ଙ୍କୁ ପୋଲିସ ଗିରଫ କରିବା ସହ ତାଙ୍କ ନିକଟରୁ ଲୁଟ୍ ହୋଇଥିବା ମୋବାଇଲ ଫୋନ୍ ଜବତ କରିଥିଲା । ଗିରଫ ଅଭିଯୁକ୍ତ ରାହୁଲ ବେହେରା ମଙ୍ଗଳା ସାହି, କୁମ୍ଭାରପଡ଼ା, ପୁରୀର ପ୍ରାଣନାଥ ବେହେରାଙ୍କ ପୁଅ ବୋଲି ପୋଲିସ ସୂଚନା ଦେଇଛି । ଅଭିଯୁକ୍ତକୁ ଆଜି ପୁରୀ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ହାଜର କରାଯାଇଥିଲା । ତାଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ପୁରୀ ଜିଲ୍ଲା କାରାଗାରକୁ ପଠାଯାଇଛି । ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ବିଭିନ୍ନ ଥାନାରେ ଅପରାଧିକ ମାମଲା ରହିଥିବା ପୋଲିସ ପକ୍ଷରୁ କୁହାଯାଇଛି ।

ବୋଇତ ବନ୍ଦାଣ ପୂର୍ବ ସନ୍ଧ୍ୟାରେ ବିରୋଧୀ ଦଳ ନେତା

ନବୀନ ପଟ୍ଟନାୟକଙ୍କୁ ଭେଟିଲେ ଇଣ୍ଡୋନେସିଆର ଚାର୍ଜ ଡି ଆଫେୟାର୍ସ

ଭୁବନେଶ୍ୱର, (ସବ୍ୟୁ): ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣିମା । ବୋଇତ ବନ୍ଦାଣ ପାଇଁ ସାରା ଓଡିଶା ମୁଖରିତ । ଅତୀତରେ ଓଡିଆ ସାଧବ ପୁଅ କାର୍ତ୍ତିକ ପୂର୍ଣ୍ଣିମା ଦିନ ବୋଇତ ଯାତ୍ରାରେ ବିଦେଶ ଯାଇ ବଣିଜ କରି ରାଜ୍ୟ ପାଇଁ ସମୃଦ୍ଧି ଆଣୁଥିଲେ । ଇଣ୍ଡୋନେସିଆର ବାଲି ସୁମାତ୍ରା ଥିଲା ଆମର ବାଣିଜ୍ୟିକ ସମ୍ପର୍କର ପ୍ରମୁଖ କେନ୍ଦ୍ର । ଇଣ୍ଡୋନେସିଆ ସହ ଓଡିଶାର ସାଂସ୍କୃତିକ ଓ ଐତିହାସିକ ସମ୍ପର୍କକୁ ଆହୁରି ତାଙ୍କର ସାହସିକ କାର୍ଯ୍ୟ ଦ୍ୱାରା ଆହୁରି ସୁଦୃଢ କରିଥିଲେ ମହାନ ଜନନାୟକ ବିଜୁ ପଟ୍ଟନାୟକ । ଇଣ୍ଡୋନେସିଆର ମୁକ୍ତି ସଂଗ୍ରାମକୁ ଇଣ୍ଡୋନେସିଆ ଶ୍ରଦ୍ଧା ଓ ସମ୍ମାନର ସହ ସ୍ମରଣ କରି ଆସିଛି ।

ବୋଇତ ବନ୍ଦାଣର ପୂର୍ବ ସନ୍ଧ୍ୟାରେ ନବୀନ ନିବାସରେ ଇଣ୍ଡୋନେସିଆର ଚାର୍ଜ ଡି ଆଫେୟାର୍ସ ମିଷ୍ଟର ଯୁଧୋ ଶାସଙ୍ଗୋକୋ ଙ୍କ ନେତୃତ୍ୱରେ ଇଣ୍ଡୋନେସିଆର ଏକ କୂଟନୈତିକ ପ୍ରତିନିଧି ଦଳ ନବୀନ ନିବାସରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସୁପୁତ୍ର ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ଥିଲେ । ଏହି ଅବସରରେ ଓଡିଶା ଓ ଇଣ୍ଡୋନେସିଆ ମଧ୍ୟରେ ରହି ଆସିଥିବା ଐତିହାସିକ ଓ ସାଂସ୍କୃତିକ ସମ୍ପର୍କ ବିଷୟରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଆଲୋଚନା ସମୟରେ ଶ୍ରୀ ପଟ୍ଟନାୟକ ମଙ୍ଗଳବାର ହେଉଥିବା ବୋଇତ ବନ୍ଦାଣ ଉତ୍ସବ ଓ ତାର ଐତିହାସିକ, ସାଂସ୍କୃତିକ ମହତ୍ୱ ସମ୍ପର୍କରେ ପ୍ରତିନିଧି ଦଳକୁ ଅବଗତ କରିଥିଲେ । ମିଷ୍ଟର



ଯୁଧୋ ଶାସଙ୍ଗୋକୋ କହିଥିଲେ ଯେ ଇଣ୍ଡୋନେସିଆର ମୁକ୍ତି ସଂଗ୍ରାମରେ ମହାନ ଜନନାୟକ ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ଅବଦାନକୁ ଇଣ୍ଡୋନେସିଆବାସୀ ଶ୍ରଦ୍ଧା ଓ ସମ୍ମାନର ସହ ମନେ ରଖିଛନ୍ତି । ଦୁଇ ଦେଶ ମଧ୍ୟରେ ସମ୍ପର୍କ ଆଗକୁ ଆହୁରି ନିବିଡ ହେବ ବୋଲି ସେ ଆଶାବାଦୀ ବୋଲି ମତ ପ୍ରକାଶ କରିଥିଲେ ।

୧୧ଲକ୍ଷ ଠକେଇ, ପ୍ରବଚକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ୧୧ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ପ୍ରବଚକ ଶରଣାବିନ୍ଦ ଓଝାଙ୍କୁ ଗିରଫ କରିଛି । ଗିରଫ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି । ଅଭିଯୋଗକାରିଣୀ ସାଗରିକା ଦାସ (୮୦) ଜଣେ ଅବସରପ୍ରାପ୍ତ ଡାକ୍ତର । ବର୍ତ୍ତମାନ ସେ ସନ୍ନ୍ୟାସ ଆଶ୍ରମ ଗ୍ରହଣ କରି ସନ୍ନ୍ୟାସିନୀ ସାରିକା ଭାବେ ପରିଚିତ । ଗଣମାଧ୍ୟମକୁ ନିଜର ଅଭିଯୋଗ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ବାୟା ବାବାଙ୍କ ସମ୍ପର୍କରେ ବୃତ୍ତ ଚିତ୍ର (ଡକ୍ୟୁମେଣ୍ଟାରୀ) କରିବାକୁ ଚାହିଁଥିଲେ । ଶରଣାବିନ୍ଦ ଓଝାଙ୍କୁ ପୂର୍ବରୁ ସେ ଜାଣିନଥିଲେ । ହେଲେ ଟେଲିଭିଜନ ଆଦିରେ ପ୍ରବଚନ ଦେଖି ତାଙ୍କ କହିବା ଶୈଳୀରେ ଅଭିଯୋଗକାରିଣୀ ପ୍ରଭାବିତ ହୋଇଥିଲେ । କୌଣସି ପ୍ରକାରେ ଶରଣାବିନ୍ଦଙ୍କ ସହ ତାଙ୍କର ଏହି ପ୍ରସଙ୍ଗକୁ ନେଇ ସାକ୍ଷାତ ହୋଇଥିଲା । ଆଲୋଚନା ପରେ ସେ ଏହି ପ୍ରକଳ୍ପ କରିବାକୁ ସହମତି କରିଥିଲେ । ଏଥିପାଇଁ ୧୫/୧୬ଲକ୍ଷ ଟଙ୍କାର ଏକ ବଜେଟର ପ୍ରସ୍ତାବ ଦେଇଥିଲେ ।

ଜନପ୍ରିୟ ବିଜ୍ଞାନକୁ ଗୋକୁଳାନନ୍ଦଙ୍କ ଅବଦାନ ଚିର ସ୍ମରଣୀୟ

ଭୁବନେଶ୍ୱର (ସବ୍ୟୁ): ଗୋକୁଳାନନ୍ଦ-ନିତ୍ୟାନନ୍ଦ ଫାଉଣ୍ଡେସନର ୧୩ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଗତ ୨୧ ତାରିଖରେ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ, ଭୁବନେଶ୍ୱର ପରିସରରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି ଆସନ ଅଳଂକୃତ କରିଥିଲାବେଳେ ଉତ୍କଳ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ପ୍ରାକ୍ତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ ପ୍ରଫେସର ଲମ୍ବୋଦର ପ୍ରସାଦ ସିଂହ ସମ୍ମାନିତ ଅତିଥି, ଫାଉଣ୍ଡେସନର ସଭାପତି ଡାକ୍ତର ନିରଂଜନ ତ୍ରିପାଠୀ, ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ଭୁବନେଶ୍ୱରର ଡିନ୍ (ଏକାଡେମିକ୍) ରସାୟନ ବିଜ୍ଞାନ ପ୍ରଫେସର ଡକ୍ଟର ଉମା ପ୍ରସନ୍ନ ଓଝା, ଫାଉଣ୍ଡେସନର କାର୍ଯ୍ୟକାରୀ କମିଟିର ସଦସ୍ୟ ଡକ୍ଟର ସତ୍ୟବାନ ଜେନା, ପରିଚାଳନା କମିଟି ସଭ୍ୟ ଡକ୍ଟର ଚିତ୍ତରଂଜନ ମିଶ୍ର ଏବଂ ଫାଉଣ୍ଡେସନର ସଚିବ ଡକ୍ଟର ଗିରିଜା ନନ୍ଦନ ମହାପାତ୍ରଙ୍କ ସଦୟ ଉପସ୍ଥିତିରେ ଏହି ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

ଦ୍ୱିତୀୟ ଅଧିବେଶନରେ ରସାୟନ ବିଜ୍ଞାନ କ୍ଷେତ୍ରରେ ଅନନ୍ୟ ଅବଦାନ



ପାଇଁ 'ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ମହାପାତ୍ର ସ୍ମାରକୀ ଅଭିଭାଷଣ ସମ୍ମାନ-୨୦୨୬' ଆଇଜର, କଲିକତାର ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ଡକ୍ଟର ଅଳକେଶ ବିସାୟାଙ୍କୁ ପ୍ରଦାନ କରାଯାଇଥିଲା । ତୃତୀୟ ଅଧିବେଶନରେ ଭାରତବର୍ଷର ୪ଜଣ ବିଶିଷ୍ଟ ରସାୟନ ବିଜ୍ଞାନୀ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ଖଡ଼ଗପୁରର ପ୍ରଫେସର ସୁକାନ୍ତ ମଣ୍ଡଳ, ଭାରତୀୟପ୍ରଯୁକ୍ତି ପ୍ରତିଷ୍ଠାନ ଭୁବନେଶ୍ୱରର ପ୍ରଫେସର ଡକ୍ଟର ତାବ୍ରେଜ ଖାନ୍, ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ଖଡ଼ଗପୁରର ପ୍ରଫେସର ସବ୍ୟସାଚୀ ମିଶ୍ର ଏବଂ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ଖଡ଼ଗପୁରର ପ୍ରଫେସର ଡକ୍ଟର ରାଜଶ୍ରୀ ସାମନ୍ତ ରସାୟନ ବିଜ୍ଞାନର ସାଂପ୍ରତିକ ଗତି ପ୍ରଗତି, ରସାୟନ ବିଜ୍ଞାନ ଗବେଷଣାରେ କମ୍ପ୍ୟୁଟର ସାଇନ୍ସ, କୃତ୍ରିମ ବୁଦ୍ଧିମତ୍ତା ଓ ମେସିନ୍ ଲର୍ଣ୍ଣିଂ ପ୍ରଭାବ ଆଦି ନାନାବିଧ ବିଷୟବସ୍ତୁ ଉପରେ ସେମାନଙ୍କର ବୈଜ୍ଞାନିକ ସନ୍ଦର୍ଭମାନ ଉପସ୍ଥାପନ କରିଥିଲେ । ଚତୁର୍ଥ ଅଧିବେଶନରେ ବିଶେଷ କରି ଜନପ୍ରିୟ ବିଜ୍ଞାନ କ୍ଷେତ୍ରରେ ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ମହାପାତ୍ରଙ୍କ ଅନବଦ୍ୟ ଅବଦାନ ଓ ଜନପ୍ରିୟ ବିଜ୍ଞାନର ସାଂପ୍ରତିକ ସମ୍ପର୍କିତ ସ୍ଥିତି ଏକ ବୌଦ୍ଧିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ, ବିଜ୍ଞାନ ଏକାଡେମୀର ସାଇନ୍ସ ହୋରିଜନ୍ ଜଂରାଜୀ ବିଜ୍ଞାନ ପତ୍ରିକାର ସଂପାଦକ ଜଂ. ମାୟଧର ସ୍ୱାଇଁ ଏବଂ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟର ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି ଡକ୍ଟର ଚିତ୍ତରଂଜନ ମିଶ

বিদ্যুৎচালিত গাড়ি ও ব্যাটারিচালিত রিকশা নিয়ে বিতর্ক, বিদ্যুৎহীন গ্রামে ঘুরছে ৩০টি ব্যাটারিচালিত রিকশা



কাঁটাতলি, (বসু) : ক্ষার, ক্ষুদ্র ও এমুলোস ইনকরো রেঞ্জের তৈরিকৃত ফুল শ্রেডেড কেমিক্যাল, ভেজিটেবল গ্লিসারিন সাবান, ফেস ওয়াশ, হ্যান্ড ওয়াশ, ডিশ ওয়াশ, লিকুইড সোপ, ফ্লোর ক্লিনার, টয়লেট ক্লিনার, ফিনাইল, ন্যাপথলিন বল, ধূপকাঠি, ধূপ, ফিনাইল ট্যাবলেট, ন্যাপথলিন ফ্লেক্স, ন্যাপথলিন পাউডার, ন্যাপথলিন ক্রিস্টাল, ন্যাপথলিন ফ্লেক্স, ন্যাপথলিন পাউডার, ন্যাপথলিন ক্রিস্টাল, ন্যাপথলিন বল, ন্যাপথলিন ট্যাবলেট, ন্যাপথলিন বল, ন্যাপথলিন ট্যাবলেট, ন্যাপথলিন ফ্লেক্স, ন্যাপথলিন পাউডার, ন্যাপথলিন ক্রিস্টাল

ବ୍ୟାସନଗର ତହସିଲରେ ଅବ୍ୟବସ୍ଥା।

ଶୁଣିଲାନି ପ୍ରଶାସନ, ଆନ୍ଦୋଳନକୁ ଓହ୍ଲାଇବେ ଓକିଲ

ବ୍ୟାସନଗର, (ଜିପ୍ର): ବର୍ଷବର୍ଷ ଧରି ଅବ୍ୟବସ୍ଥାରେ ଚାଲିଛି ବ୍ୟାସନଗର ତହସିଲ କାର୍ଯ୍ୟାଳୟ । ଶୁଣିଲାନି ପ୍ରଶାସନ । ହନ୍ତସନ୍ତ ହେଉଛନ୍ତି ସାଧାରଣ ପ୍ରଜା । ପ୍ରଜାଙ୍କ କାର୍ଯ୍ୟ ସଂପାଦନ ହେଇ ପାରୁ ନଥିବାରୁ କାର୍ଯ୍ୟରତ ଓକିଲ ଆନ୍ଦୋଳନକୁ ଓହ୍ଲାଇବାକୁ ଦେଇଛନ୍ତି ଚେତାବନୀ । ୧୪ଟି ରାଜସ୍ୱ ସର୍କଲକୁ ନେଇ କାର୍ଯ୍ୟ କରୁଥିବା ଉକ୍ତ କାର୍ଯ୍ୟାଳୟ ପ୍ରଶାସନୀକ ଅବହେଳାରୁ କର୍ମଚାରୀ ସଂକଟ ଦେଇ ଗତି କରୁଛି । ଯାହା ଫଳରେ କାଯ୍ୟାଳୟକୁ ଆସୁଥିବା ପ୍ରଜା ଗୋଟେ ପଟେ ହନ୍ତସନ୍ତ ହେଉଥିବା ବେଳେ ହଜାର ହଜାର ମାମଲା ଫଇସଲା ନହୋଇ ପଡ଼ିରହୁଛି ।

କଳିଙ୍ଗନଗର ବାର୍ ଆସୋସିଏସନ ପକ୍ଷରୁ କରାଯାଇଥିବା ଅଭିଯୋଗ ମତେ ବ୍ୟାସନଗର ତହସିଲ ପ୍ରଜାଙ୍କ ପାଇଁ ଉପଲବ୍ଧ ରହିଥିବା ବେଳେ ସରକାରୀ ସ୍ତରରେ ଏହାକୁ ଜାଣିଶୁଣି ଉପେକ୍ଷା କରାଯାଉଛି । ମନଇଚ୍ଛା ଏଠାରେ ନିଯୁକ୍ତି ଏବଂ କର୍ମଚାରୀ ବଦଳି କରାଯାଉଛି । ମନମାନି କାରଣରୁ ମାର୍ଚମାସରୁ ନଭେମ୍ବର ୧୦ମାସ ହେଲା ତହସିଲଦାର ଛୁଟିରେ ରହିବା ପରେ ଚଳିତମାସ ୧୮ ତାରିଖରେ କାର୍ଯ୍ୟରେ ଯୋଗ ଦେଇଥିଲେ ହେଁ କାର୍ଯ୍ୟ କରିବାକୁ ଆଗଭର ହେଉ ନାହାନ୍ତି । ତହସିଲଦାର ବଦଳି ହେବାକୁ ନାମକୁ ମାତ୍ର କାର୍ଯ୍ୟରେ ଯୋଗ ଦେଇଛନ୍ତି । ଅତିରିକ୍ତ ତହସିଲଦାର ସଂଖ୍ୟାରେ କାର୍ଯ୍ୟାଳୟକୁ ଆସନ୍ତି । କାର୍ଯ୍ୟାଳୟରେ ମିଉଟେସନ ପାଇଁ ୨୫ ହଜାର, ଘରବାଡ଼ି ପରିବର୍ତ୍ତନ ୨୦ହଜାର, ସିଭିଲସୁଟ ମିଉଟେସନ କେସ ୫ହଜାର, ସୀମା ନିର୍ଦ୍ଧାରଣ ମାମଲା ୩ହଜାର, ବିବିଧ ପ୍ରମାଣ ପତ୍ର ପାଇଁ ୧୫ହଜାର ଆବେଦନ, ସରକାର ଆରପି କେସ ୩୪/(ଜି) ୧ହଜାର ଭଳି ପଡ଼ି ରହିଛି । ଓକିଲ ସଂଘ ପକ୍ଷରୁ ଦର୍ଶାଯାଇଛି କି କେବଳ ତହସିଲଦାର କି ଅତିରିକ୍ତ ତହସିଲଦାର କଥା ନୁହେଁ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଦୂର କରାଯାଉନି । କାର୍ଯ୍ୟାଳୟରେ ସିନିୟର କ୍ଲର୍କ ୮ଜଣଙ୍କ ସ୍ଥାନରେ ୪, ସିନିୟର କ୍ଲର୍କ ୧୧ଜଣରୁ ୬ଜଣ ଥିବା ବେଳେ ସେଥିମଧ୍ୟରୁ ଜଣଙ୍କୁ ଏଡ଼ିଏମ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି ।

ଏଭଳି ଅଭାବ ଭିତରେ ସରକାରୀ ସ୍ତରରେ ଯେତେବେଳେ ଅଦଳବଦଳ କରାଯାଇଥିଲା, ସେତେବେଳେ ୮ଜଣଙ୍କୁ କାର୍ଯ୍ୟାଳୟରୁ ଅନ୍ୟତ୍ର ବଦଳି କରାଯାଇଥିଲା । ମାତ୍ର ତାଙ୍କ ବଦଳରେ ୫ଜଣଙ୍କୁ ନିଯୁକ୍ତି ଦିଆଗଲା । ଆଉ ନିଯୁକ୍ତ ୫ଜଣଙ୍କ ମଧ୍ୟରୁ ୨ଜଣ ମେଡ଼ିକାଲ ଦର୍ଶାଇ ଆସୁନଥିବା କୁହାଯାଇଛି । ଏଭଳି ସ୍ଥିତିରେ କାର୍ଯ୍ୟ ।ଳୟ ନାହିଁ ନାହିଁରେ ଚାଲିଥିବା ବେଳେ କଳିଙ୍ଗନଗର ବାର ଆସୋସିଏସନ ପକ୍ଷରୁ ସରକାର ଏବଂ ଜିଲା ପ୍ରଶାସନକୁ ୩୦ ତାରିଖର ଅବଧି ଦିଆଯାଇଛି ।

ଯଦି ୩୦ତାରିଖ ଭିତରେ କୌଣସି ପ୍ରତିକାର କରାନଯାଏ, ତେବେ ପ୍ରଜାଙ୍କ ସ୍ୱାର୍ଥ ନିମନ୍ତେ ଓକିଲ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଭାପତି ମନୀନ୍ଦ୍ର କୁମାର ଧଳ, ସଂପାଦକ ନବ କିଶୋର ସାହୁ ଚେତାବନୀ ଦେବା ସହ ଲିଖିତ ଭାବେ ରାଜସ୍ୱମନ୍ତ୍ରୀ, ବିଧାୟକ, ଅତରିକ୍ତ ସଚିବ ରାଜସ୍ୱ, ଜିଲାପାଳ, ଉପଜିଲାପାଳଙ୍କୁ ଅବଗତ କରିଛନ୍ତି ।

ଶ୍ରୀ ଜୀଉଙ୍କ ବକାଶୁର ବଧ ବେଶ



କେନ୍ଦ୍ରାପଡା, (ସବ୍ୟୁ) : ସୋମବାର ପବିତ୍ର ଚତୁର୍ଦ୍ଦଶୀ ତିଥିରେ ଶ୍ରୀ ଜୀଉଙ୍କର ବକାଶୁର ବଧ ବେଶ ଅନୁଷ୍ଠିତ ହୋଇଛି । ସନ୍ଧ୍ୟା ନୀତି ସମ୍ପନ୍ନ ପରେ ପୂଜାପଣ୍ଡାଙ୍କ ଦ୍ୱାରା ବେଶ ସଜ୍ଜିତ ହୋଇଥିଲା । ଜଗନ୍ନାଥଙ୍କ ପାଖରେ ବାହୁ ଚରଣ ଲାଗି ହୋଇ ବକାଶୁରକୁ ଅବସ୍ଥାପିତ କରାଯାଇଥିଲା । ବାକାସୁରର ଦୁଇ ଥଣ୍ଟକୁ ପ୍ରଭୁ ଜଗନ୍ନାଥ ତାଙ୍କ ଦୁଇହସ୍ତରେ ଫାଡି ଅସୁର ନିଦାରଣ ବେଶ ମନଲୋଭା ଥିଲା ।

ପୁରାଣ ବର୍ଣ୍ଣିତ ଅନୁଯାୟୀ ଦ୍ୱାପର ଯୁଗରେ ପ୍ରବଳ ପ୍ରତାପୀ ବକାଶୁର ମଥୁରା ନରେଶ କଂସର ପ୍ରେରିତରେ କୃଷ୍ଣ ବଳରାମଙ୍କୁ ମାରିବା ଲାଗି ଗୋପ ପୁରରେ ଯାଇ ମାୟରେ ରୂପ ଧାରଣ କରି ବଗ ରୂପୀ ହୋଇ ଯମୁନା ନଦୀ ତଟରେ ଛପି ରହି ଥିଲା । ଗୋପାଳ ପିଲାଙ୍କ କ୍ରୀଡ଼ା ସମୟରେ ଏହି ଅଶୁରକୁ ଦେଖି ଥିଲେ । ଯୁଦ୍ଧ କରି ତାର ଥଣ୍ଟ ଫାଡି ବଧ କରିଥିଲେ । ତାର ପ୍ରଥା ପରମ୍ପରା ଆଜି ତୁଳସୀ କ୍ଷେତ୍ରରେ ପବିତ୍ର ପଞ୍ଚୁକ ଚତୁ ଦଶୀ ତିଥିରେ ପାଳନ କରାଯାଉଛି ବୋଲି ସେବକ ତ୍ରୁଷ୍ଟି ନୃସିଂହ ପ୍ରସାଦ ପତ୍ରୀ ସୂଚନା ଦେଇଛନ୍ତି ।

ବରୁଆଁ ଧବଳେଶ୍ୱର ପୀଠରେ ବଡ଼ଓଷା

ବଡ଼ସିଂହାର ବେଶରେ ଦର୍ଶନ ଦେଲେ ବାବା ଧବଳେଶ୍ୱର

ଯାଜପୁର ସଦର ,(ସବ୍ୟୁ) :ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁ ଧବଳେଶ୍ୱର ପୀଠରେ ବଡ଼ଓଷା ପାଳିତ ହୋଇଅଛି । ଆଜି ପ୍ରତ୍ୟୁଷରୁ ଧବଳେଶର ମହାପ୍ରଭୁଙ୍କର ସ୍ନାନ ପରେ ବଡ଼ସିଂହାର ବେଶରେ ଭକ୍ତ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଛନ୍ତି । ସକାଳୁ ସକାଳୁ ଶତାଧିକ ଭକ୍ତ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି। ମନ୍ଦିର ପରିସରରେ ହରିବୋଲ ହୁଳହୁଳି,କୀର୍ତ୍ତନ ମଧ୍ୟରେ ପ୍ରଭୁଙ୍କର ମଙ୍ଗଳ ଆଳତି କରାଯାଇଥିଲା । ସକାଳ ନିତିକାନ୍ତି ପରେ ରାତିରେ ପ୍ରଭୁଙ୍କ ନିକଟରେ ଗଜ ଭୋଗ ଲାଗି କରାଯାଇ ମଙ୍ଗଳବାର ସକାଳୁ ଗଜ ଭୋଗ ଭକ୍ତ ଶ୍ରଦ୍ଧାଳୁ ମାନଙ୍କୁ ବଣ୍ଟା ଯିବ ବୋଲି ମନ୍ଦିରର ପୂଜକ ଭାଗବତ ମିଶ୍ର,ସୁରେଶ ମିଶ୍ର ଓ ଆଶୁତୋଷ ମିଶ୍ରଙ୍କ ଠାରୁ ପ୍ରକାଶ ।

କୁକୁର ଆକ୍ରମଣରେ ହରିଣ ଆହତ
ଉଦ୍ଧାର କରି ବନ ବିଭାଗ ଜିମା ଦେଲେ ଗ୍ରାମବାସୀ



ରଘୁନାଥପୁର,(ସବ୍ୟୁ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତ ଗୋପାଳପୁର ସ୍ଥିତ ଧଳତଙ୍ଗଗଡ ଜଙ୍ଗଲରୁ ଏକ ମାଇ ହରିଣ ରବିବାର ସଂଧ୍ୟାରେ ଖାଦ୍ୟ ଅନେଷ୍ୱଣରେ ବାହାରକୁ ଆସି ବୁଲା କୁକୁରଙ୍କ ଆକ୍ରମଣର ଶିକାର ହୋଇଛି । ହରିଣଟିର ବେକ ଏବଂ ଶରୀରରେ ସାମାନ୍ୟ କ୍ଷତ ସୃଷ୍ଟି ହୋଇଛି । ତେବେ ରାମଚନ୍ଦ୍ରପୁର ଗ୍ରାମରୁ ସ୍ଥାନୀୟ ଲୋକେ କୁକୁର କବଳରୁ ହରିଣକୁ ଉଦ୍ଧାର କରି ବନ ବିଭାଗ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ହରିଣ ଟିକୁ ଉକ୍ତ ଜଙ୍ଗଲରେ ଛାଡି ଦିଆଯାଇଥିବା ଫରେଷ୍ଟର ଅମ୍ଲାନ ପ୍ରଧାନ ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ କି ଉକ୍ତ ଜଙ୍ଗଲରେ ବନ୍ୟପ୍ରାଣୀ ହରିଣଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି । ତେବେ ହରିଣ ପଲ ଜଙ୍ଗଲରୁ ବାହାରକୁ ଖାଦ୍ୟ ଅନେଷ୍ୱଣରେ ଆସି ଅନେକ ସମୟରେ ବୁଲା କୁକୁରଙ୍କ ଆକ୍ରମଣର ଶିକାର ହେଉଛନ୍ତି । ଏମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଅଳ୍ପ ସଂଖ୍ୟକ ପାରା କର୍ମଚାରୀ ନିୟୋଜିତ ଅଛନ୍ତି ।

ଜଙ୍ଗଲ ଚତୁର୍ପାର୍ଶ୍ୱରେ ପ୍ରାଚୀର ସତ୍ତ୍ୱେ ଉପଯୁକ୍ତ ଜଗାରଖା ଅଭାବରୁ ହରିଣ ପଲ ନିକଟସ୍ଥ ଗ୍ରାମର ଚାଷଜମିକୁ ଖାଦ୍ୟ ଅନେଷ୍ୱଣରେ ଆସି ମୃତ୍ୟୁ ମୁଖରେ ପଡୁଥିବା ଲୋକେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷେ ପର୍ଯ୍ୟାପ୍ତ କର୍ମଚାରୀ ନଥିବା ଦର୍ଶାଇ ଅଳ୍ପ ସଂଖ୍ୟକ କର୍ମଚାରୀଙ୍କୁ ନେଇ ୨୪ ଘଣ୍ଟିଆ ଡିୟୁଟି କରାଯାଉଥିବା ଫରେଷ୍ଟର ପ୍ରଧାନ କହିଛନ୍ତି ।ସ୍ଥାନୀୟ ଗ୍ରାମର ଫସଲ ସୁରକ୍ଷା ସହ ଜଙ୍ଗଲରେ ହରିଣ ପଲଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

ମିଳିତ ଜନ ଶୁଣାଣି

୬ ଅଭିଯୋଗର ତତ୍କାଳ ସମାଧାନ

ଆଳି, (ସବ୍ୟୁ) : କେନ୍ଦ୍ରାପଡ଼ା ଜିଲ୍ଲା। ଆଳି ବ୍ଲକ ପଞ୍ଚାୟତ ସମିତି ସଭା ଗୃହ ପରିସରରେ ବ୍ଲକ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର ଅଧକ୍ଷତାରେ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଆଳି ତହସିଲଦାର ସୁମନ ଘୋଷ, ଆଳି ମଣ୍ଡଳ ଉନ୍ନୟନ ଅଧିକାରୀ,ଆଳି ଥାନାଧିକାରୀ ଓ ଜିଲ୍ଲା ଓ ବ୍ଲକ ସ୍ତରର ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ଉପସ୍ଥିତିରେ ଜନସାଧାରଣଙ୍କର ବିଭିନ୍ନ ଅଭିଯୋଗର ତ୍ୱରିତ ନ୍ୟାୟ ସଙ୍ଗତର ସମାଧାନ ଶୁଣାଣି କରିଥିଲେ ।

ଜନ ଶୁଣାଣି ଶିବିରକୁ ଆସିଥିବା ଅଭିଯୋଗକାରୀଙ୍କ ସମସ୍ତ ପଞ୍ଜିକୃତ ଅଭିଯୋଗ ବ୍ୟକ୍ତିଗତ ଏବଂ ସାମୂହିକ ସମସ୍ୟା ଅଭିଯୋଗ ଶୁଣାଣି କରି ଶିବିରରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଜନସାଧାରଣଙ୍କ ପକ୍ଷରୁ ମୋଟ ୮୧ଟି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୧୮ଟି ସାମୁହିକ ଓ ୬୩ ଟି ବ୍ୟକ୍ତିଗତ ଅଭିଯୋଗ ରହିଛି । ଏଥିମଧ୍ୟରୁ ୬ଟି ଅଭିଯୋଗର ଶିବିରରେ ତତ୍କାଳ ସମାଧାନ କରାଯାଇଥିବା ବେଳେ ଅବଶିଷ୍ଟ ୭୪ଟି ଅଭିଯୋଗକୁ ପରବର୍ତ୍ତୀ ଆବଶ୍ୟକୀୟ ପଦକ୍ଷେପ ପାଇଁ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି ।

ଶିବିରରେ ରେଭେନ୍ୟୁ ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି (ସିଏମଆରଏଫ) ସମ୍ପର୍କିତ ଗୋଟିଏ ଅଭିଯୋଗ ଗ୍ରହଣ କରାଯାଇ ନଥିବା ରିପୋର୍ଟରେ ଦର୍ଶାଯାଇଛି ।

ଚନ୍ଦନେଶ୍ୱର ପୀଠରେ ବଡ଼ଓଷା ପାଳିତ



କୁଆଖିଆ ,(ସବ୍ୟୁ) : ରସୁଲପୁର ବ୍ଲକ ଅଂଚଳ ର ବିଭିନ୍ନ ଶୈବ ପୀଠ ଓ ପ୍ରାଚୀନ ଡିହକୁରାଂଶ ସ୍ଥିତ ଚନ୍ଦନେଶ୍ୱର ପୀଠରେ ଆଜି ବଡ଼ ଓଷା ମହାସମାରୋହ ରେ ପାଳିତ ହୋଇଯାଇଛି । ଚନ୍ଦନେଶ୍ୱର ପୀଠ ରେ ସକାଳୁ ଭକ୍ତଙ୍କ ଗହଳି ଲାଗିରହିଥିଲା । ଠାକୁରଙ୍କ ବଡ ସିଂହାର ବେଶ, ରୁପା ବେଶ, ସୁନା ବେଶ ଦେଖିବାକୁ ଭକ୍ତଙ୍କ ଭିଡ଼ ସକାଳୁ ଦିନ ତମାମ ଲାଗିରହିଥିଲା । କମିଟି ପକ୍ଷରୁସଭାପତି କୈଳାଶ ଚନ୍ଦ୍ର ରାଉତ, ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ଅଜୟ କୁମାର ମଲ୍ଲିକ, ବାଗ୍ମୀ ପ୍ରହଲ୍ଲାଦ ପଣ୍ଡା,ଲକ୍ଷ୍ମୀଧର ରାଉତ,ପ୍ରଭାକର ସାହୁ, ଭଗବାନ ଦାସ, ଧୀରେନ୍ଦ୍ର ନାୟକ, ଗୋବିନ୍ଦ ଚନ୍ଦ୍ର ସାହୁ, ଦେଁତାରୀ ଜେନାଙ୍କ ସହ ଚନ୍ଦନେଶ୍ୱର କମିଟି ସଭ୍ୟ ଦିନ ତମାମ ଭକ୍ତଙ୍କୁ ଠାକୁରଙ୍କ ଦର୍ଶନ କରାଇବାରେ ସହଯୋଗ କରିଥିଲେ। ପୀଠରେ ପାଲା ଗାୟିକା ଲକ୍ଷ୍ମୀପ୍ରିୟା ହରିଚନ୍ଦନ ଙ୍କ ପାଲା ବେଶ ମନୋମୁଗ୍ଧକର ହୋଇଥିଲା । ସେହିପରି ପ୍ରଥମଖଣ୍ଡ ରାମେଶ୍ୱର ପୀଠ, ସପ୍ତପେନଶ୍ୱର, ଅଷ୍ଟସମ୍ଭୁ, ଅମୁର୍ତେଶ୍ୱର ପୀଠ ରେ ବଡ଼ ଓଷା ପାଇଁ ଗହଳି ଲାଗିଥିଲା ।

ଯୁଗ୍ମଜନ ଅଭିଯୋଗ ଶୁଣାଣି

୮ ଅଭିଯୋଗର ତତ୍କାଳ ଫଇସଲା

ରଘୁନାଥପୁର, (ସବ୍ୟୁ) : ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ବରିଷ୍ଠ ଅଧିକାରୀମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୪୮ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୪ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମ୍ବନ୍ଧୀୟ ୯ ଟି, ଆବାସ ଯୋଜନା ସମ୍ପର୍କୀୟ ୨ ଟି ,ଜମିଜମା ସମସ୍ୟା ସମ୍ପର୍କୀୟ ୧୧ ଟି, ପୋଲିସ ସହାୟତା ପାଇବା ପାଇଁ ୧ ଟି, ଭତ୍ତା ପାଇବା ପାଇଁ ୨ ଟି ଏବଂ ଅନ୍ୟାନ୍ୟ ୧୧ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୮ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ରଘୁନାଥପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିତିଷ ଭୋଳ, ରଘୁନାଥପୁର ତହସିଲଦାର ରାଜଲକ୍ଷ୍ମୀ ନାୟକ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ

ତାରିଣୀ ପୀଠରେ ରାମ ଚରିତ ମାନସ ପାରାୟଣ

ପାଣିକୋଇଲି ,(ସବ୍ୟୁ) : ପାଣିକୋଇଲିସ୍ଥିତ ମା ତାରିଣୀ ପୀଠରେ ୪ର୍ଥ ତମ ବାର୍ଷିକ ରାମଚରିତ ମାନସ ନବାହ୍ନ ପାରାୟଣ, ପ୍ରବଚନ ମହାଯଜ୍ଞ ଓ ଅଷ୍ଟପ୍ରହର ନାମ ସଂକୀତନ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି । ୧୩ ତାରିଖ ଠାରଠାରୁ ୨୫ ତାରିଖ ପର୍ଯ୍ୟନ୍ତ ଏହି କାର୍ଯଯକ୍ରମ ଚାଲୁ ଥିଲା । ପୂଜକ ସୂର୍ଯ୍ୟମଣି ପଣ୍ଡାଙ୍କ ତତ୍ତାବଧାନରେ ବ୍ୟାସ ରବି ନାରାୟଣ ମିଶ୍ର ଓ ଧାରକ ମଣ୍ଡଳୀ (ରଘୁନାଥପୁର) ଦ୍ୱାରା କାଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ୧୪ ତାରିଖରୁ ୨୨ ତାରିଖ ପ୍ରବଚନ କାର୍ଯ୍ୟକ୍ରମରେ ପ୍ରବଚକ ଭାବେ ପଣ୍ଡିତ ଡକ୍ଟର ସୂର୍ଯ୍ୟମଣି ଖୁଂଟିଆ, ପଣ୍ଡିତ ଦେବାଶିଷ ଦ୍ୱିବୋ, ପଣ୍ଡିତ ପ୍ରୀୟ ପ୍ରସାଦ ମିଶ୍ର, ହିମାଂଶୁ ମହାରାଜ, ପଣ୍ଡିତ ରାମ ମନୋହର ଦାସ, ପଣ୍ଡିତ ଅଂଜନା ଦାସ ପଣ୍ଡିତ ସୁଶ୍ରୀ ପ୍ରଜ୍ଞା ରାଉତ ପ୍ରମୁଖ ଉକ୍ତ ଯୋଗଦେଇ ପ୍ରବଚନ ଦେଇଥିଲେ । ୨୩ ତାରିଖରୁ ଅଷ୍ଟପ୍ରହର ନାମ ଯଜ୍ଞ କରାଯାଇ ୨୫ ତାରିଖ ରାତ୍ରୀରେ କାର୍ଯ୍ୟକ୍ରମର ସମାପନ କରାଯିାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଭକ୍ତ ଯୋଗଦେଇ ବିଭୁକୃପା ଲାଭ କରିବା ସହିତ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ । ମା ତାରିଣୀ ମନ୍ଦିର କମିଟି ପକ୍ଷରୁ ସମୂହ ପ୍ରସାଦ ସେବନ କରାଯାଇ ଶାନ୍ତି ଶୃଙ୍ଖଳାର ସହ ସମାପନ କରାଯାଇଥିଲା ।

ମିରପାଟଣା ସାଇ ମନ୍ଦିରରେ ଭକ୍ତିମୟ ପରିବେଶ ଓ ସେବା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, (ସବ୍ୟୁ) : ଭଲ ପାଇବା ସମସ୍ତଙ୍କର, ସେବା କାହାର ନୁହେଁ, ଏହି ମହାନ ଆଦର୍ଶ ଓ ମାନବ ସେବାର ବାର୍ତ୍ତା ଦେଇଥିବା ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ୧୦୧ତମ ଜନ୍ମବାର୍ଷିକୀ କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ମିରପାଟଣା ସ୍ଥିତ ସାଇ ମନ୍ଦିର ପରିସରରେ ମହାଆଡମ୍ବର ଓ ଭକ୍ତିମୟ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରତ୍ୟୁଷରୁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ନଗର ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇ ସମଗ୍ର ଅଞ୍ଚଳକୁ ଭକ୍ତିମୟ କରିଥିଲା । ଏହା ପରେ ମନ୍ଦିର ପରିସରରେ ଭଗବାନ ଶ୍ରୀ ସତଯସାଇ ବାବାଙ୍କ ପ୍ରଶାନ୍ତି ଧ୍ୱଜ ଉତ୍ତୋଳନ ପରେ ସାମୁହିକ ଷୋଡ଼ଶ ଉପଚାର ପୂଜାର୍ଚ୍ଚନା କରାଯାଇ କରାଯାଇଥିଲା । ଏହି ଅବସରରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ଆଧାତ୍ମିକ, ସାଂସ୍କୃତିକ ଓ ଜନହିତକର ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଶୁଭ ଅବସରରେ ମାନବ ସେବାକୁ ପ୍ରାଧାନ୍ୟ ଦେଇ କେନ୍ଦ୍ରାପଡ଼ା ଦୃଷ୍ଟିହୀନ ବିଦ୍ୟାଳୟର ଅନ୍ତେବାସୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ପରେ ମନ୍ଦିର ପରିସରରେ ବିଶ୍ୱଶାନ୍ତି କାମନା କରି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା । ଯଜ୍ଞ ଓ ପୂଜା ପରେ ସମୂହ ଭଜନ, ଲକ୍ଷାର୍ଚ୍ଚନା ପରେ ସାମୁହିକ ସଂଗୀତ ଏବଂ ବାବାଙ୍କ ଜନ୍ମଦିନ ଉପଲକ୍ଷେ କେକ୍ ଅର୍ପଣ ବା 'ଟେକ୍ ଅର୍ପଣ' କରାଯାଇଥିଲା । ଏହି ଅବସରରେ ପଣ୍ଡିତ ହୃଷିକେଶ ରଥ, ରାମ ଚନ୍ଦ୍ର ସ୍ୱାଇଁ, ଅଭିରାମ ନାୟକଙ୍କ ଦ୍ୱାରା ସତସଂଘ କରାଯିବା ପରେ ବିଦ୍ୟାମନ୍ଦିରର କୁନି କୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ଆଧ୍ୟାତ୍ମିକ ନୃତ୍ୟ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ବେଶ୍ ବିଭୋର କରିଥିଲା । ନିରାଶ୍ରୟ ଓ ଆବଶ୍ୟକତା ଥିବା ବ୍ୟକ୍ତିମାନଙ୍କୁ ବସ୍ତ୍ର ବଣ୍ଟନ କରାଯିବା ସହିତ ସମସ୍ତ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ ।

ସନ୍ଧ୍ୟାରେ ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ୧୦୧ଟି ଦୀପ ପ୍ରଜ୍ୱଳନ କରାଯାଇ ସମଗ୍ର ପରିବେଶକୁ ଆଲୋକିତ କରାଯାଇଥିଲା । ଏହି ସମଗ୍ର ଆଧ୍ୟାତ୍ମିକ ଓ ସେବା କାର୍ଯ୍ୟକ୍ରମକୁ ଶ୍ରୀ ସତ୍ୟସାଇ ସେବା ସମିତିର ଆବାହକ ଶ୍ରୀ ରାଜକିଶୋର ମିଶ୍ରଙ୍କ ତତ୍ୱାବଧାନରେ ରାଜ କିଶୋର ମିଶ୍ର, ନୃସିଂହ ଚରଣ ତ୍ରିପାଠି ପ୍ରମୁଖ ସୁଚାରୁ ରୂପେ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସାଇ ଶ୍ରଦ୍ଧାଳୁ ଓ ଅଞ୍ଚଳବାସୀ ଉପସ୍ଥିତ ରହି ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଆଶୀର୍ବାଦ ଲାଭ କରିଥିଲେ ।

ସମାଜସେବୀଙ୍କ ଦେହାନ୍ତ

ଚିଲିକା ବୋଇତ ବନ୍ଦାଣ ମହୋତ୍ସବ ଉଦ୍‌ଘାଟିତ
ଚିଲିକା ଥିଲା ନୌ ବାଣିଜ୍ୟ ପରମ୍ପରାର ସଙ୍ଗମ ସ୍ଥଳ : ରାଜ୍ୟପାଳ



ବାଲୁଗାଁ ,(ସବୁ୍ୟ): ବାଲୁଗାଁ ମହାବିଦ୍ୟାଳୟ ପରିସରରେ ସୋମବାର ସନ୍ଧ୍ୟାରେ ପାରମ୍ପରିକ ଚିଲିକା ବୋଇତ ବନ୍ଦାଣ ମହୋତ୍ସବ -୨୦୨୬ ଉଦଘାଟିତ ହୋଇଯାଇଛି । ସକାଳେ ମା କାଳିଜାଇଙ୍କ ପୀଠରୁ ଆଜ୍ଞାମାଳ ଆସିବା ପରେ ମଞ୍ଚ ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହା ପରେ ଦିନ ତମାମ କବିତା ପାଠୋତ୍ସବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିଥିଲା ।ସନ୍ଧ୍ୟାରେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଏବଂ ମହୋତ୍ସବ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡିଶା ରାଜ୍ୟପାଳ ବ୍ରଜମୋହନ ରାମ, ସମ୍ମାନିତ ଅତିଥି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ସମ୍ବିତ ପାତ୍ର, ବକ୍ତା ବିଜୟାନନ୍ଦ ସିଂ, ଖୋର୍ଦ୍ଧା ଆରକ୍ଷୀ ଅଧିକ୍ଷକ ପରମାର ଘ୍ନିଥ ପାରଶୋଉମ ଦାଶ ଏବଂ ବାଲୁଗାଁ ଏନ ଏ ସି ଅଧକ୍ଷା ସୁକାନ୍ତି ପାଇକରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଅତିଥି ମାନେ ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ପରମ୍ପରା, ଐତିହ୍ୟ ଏବଂ ଚିଲିକାର ସାଂସ୍କୃତିକ ଚେତନାକୁ ପ୍ରତିଟି ବୀର ଓଡ଼ିଆଙ୍କ ହୃଦୟରେ ଉଜ୍ଜୀବିତ ଉଦ୍ଦେଶ୍ୟ ନେଇ ସ୍ମୃତି ଚାରଣ କରିଥିଲେ ।ରାଜ୍ୟପାଳ ନିଜ ପାଇକରାୟ ଯୋଗ ଦେଇ ଉତ୍ସବକୁ ଉଦଘାଟନ କରିଥିଲେ । । ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ରତ୍ନରାଜ ଅତିଥି ପରିଚୟ ଏବଂ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ବାଲୁଗାଁ ନଗରପାଳିକା ତଥା ମହୋତ୍ସବ କମିଟି ସମ୍ପାଦିକା ସୁକାନ୍ତି ପାଇକରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଅତିଥି ମାନେ ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ପରମ୍ପରା, ଐତିହ୍ୟ ଏବଂ ଚିଲିକାର ସାଂସ୍କୃତିକ ଚେତନାକୁ ପ୍ରତିଟି ବୀର ଓଡ଼ିଆଙ୍କ ହୃଦୟରେ ଉଜ୍ଜୀବିତ ଉଦ୍ଦେଶ୍ୟ ନେଇ ସ୍ମୃତି ଚାରଣ କରିଥିଲେ ।ରାଜ୍ୟପାଳ ନିଜ ବକ୍ତବ୍ୟରେ ଅତୀତରେ ଜାଭା, ସୁମାତ୍ରା, ବାଲି ଭଳି ବିଦେଶକୁ ନୌ ବାଣିଜ୍ୟ କ୍ଷେତ୍ରରେ ଓଡ଼ିଆ ପୁଅଙ୍କ ପାଇଁ ଚିଲିକା ଥିଲା ସଙ୍ଗମ ସ୍ଥଳ । ତେଣୁ ପୁରାତନ ଐତିହ୍ୟ, ସଂସ୍କୃତି ଏବଂ ନୌ ବାଣିଜ୍ୟ ପାଇଁ ଓଡିଶା ଆଜି ଗର୍ବିତ ବୋଲି ସେ କହିଥିଲେ । ମନ୍ତ୍ରୀ ହରିଚନ୍ଦନ ଅତୀତରେ ସାଧବ ପୁଅଙ୍କ ନୌବାଣିଜ୍ୟ ପରମ୍ପରା ଚିଲିକା ପାଇଁ ଗୌରବର ପ୍ରତୀକ ବୋଲି ବକ୍ତବ୍ୟ ରଖିବା ସହ ପବିତ୍ର କାର୍ତ୍ତିକ ମାସରେ ପାଳିତ ଏହି ପର୍ବର ଧାର୍ମିକ ଚେତନା ଉପରେ ଆଲୋକପାତ କରିଥିଲେ। ।ଏହି ଅବସରରେ ପୂର୍ବତନ ଚିଲିକା ବିଧାୟକ ଡାକ୍ତର ବିଭୁତି ଭୂଷଣ ହରିଚନ୍ଦନଙ୍କୁ ଲାଇଫ ଟାଇମ ଆଚିଭମେଣ୍ଟ ଆୱାର୍ଡରେ ମୁଖ୍ୟ ଅତିଥି ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ।ଏଥି ସହ ଏକ ସ୍ମରଣିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ ।କାର୍ଯ୍ୟକ୍ରମ ସଂଯୋଜନ। କରିଥିଲେ ଟିଭି ଘୋଷିକା ମୁନମୁନ ।ସଭାକାର୍ଯ୍ୟ ସମାପ୍ତି ପରେ ରାଜ୍ୟ ସ୍ତରୀୟ କଳାକାରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ମେଲୋଡି ରାତ୍ର ତମାମ ଅନୁଷ୍ଠିତ ହୋଇଥିଲା । ବାଲୁଗାଁ ଏସ ଡ଼ି ପି ଓ ସଞ୍ଜୟ ପଟ୍ଟନାୟକ ଏବଂ ଆଇ ଆଇ ସି ଶ୍ରଦ୍ଧା ନାୟକଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ । ମଙ୍ଗଳବାର ପ୍ରାତଃ ୪ଟା ମା କାଳିଜାଇ ମୋଟର ବୋଟ ଆସୋସିଏସନ ତରଫରୁ ଆତସବାଜି ପ୍ରଦର୍ଶନ ସହ ସ୍ଥାନୀୟ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଦସ୍ୟଙ୍କ ଦ୍ୱାରା ପାରମ୍ପରିକ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ । ଏହି ମହୋତ୍ସବ ଦେଖିବାପାଇଁ ଚିଲିକା ତଟବର୍ତ୍ତୀ ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ଦର୍ଶକଙ୍କ ଭିଡ଼ ଜମିଥିଲା। ବୁଧବାର ଦିନ ତମାମ ବିଭିନ୍ନ ସାଂସ୍କୃତିକ ଏବଂ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ ଅପରାହ୍ନରେ ଉଦଯାପନୀ ସମାରୋହରେ ଓଡିଶାର ବିଶିଷ୍ଟ ମନ୍ତ୍ରୀ ବୃନ୍ଦ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ବ୍ଲକ ଫାଟକରେ ତାଲାପକାଇଧାରଣାରେ ସରପଞ୍ଚ , ସମିତି ସଭ୍ୟ



ଗୋପ,(ସବୁ୍ୟ):ପୁରୀ ଜିଲ୍ଲା ଗୋପ ବ୍ଲକରେ ଦୀର୍ଘ ତିନିମାସ ରୁ ଉର୍ଦ୍ଧ୍ୱ ସମୟ ଧରି ଏକ ପ୍ରକାର ଅଚଳାବସ୍ଥା ଲାଗି ରହିଥିବା ବେଳେ ସୋମବାର ଦିନଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି।ଉପମୁଖ୍ୟମନ୍ତ୍ରୀ ଙ୍କ ନିଜ ନିର୍ବାଚନ ମଣ୍ଡଳୀ ଗୋପ ବ୍ଲକରେ ବିଡ଼ିଓଙ୍କ ସମେତ ସମସ୍ତ କର୍ମଚାରୀମାନଙ୍କୁ ବାହାରକରି ଫାଟକରେ ତାଲାପକାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିରହିଲେ ୩୧ ପଂଚାୟତର ସରପଞ୍ଚ ଓ ସମିତି ସଭ୍ୟ।ତେବେ ଦୀର୍ଘ ତିନି ମାସ ଧରି ଗୋପ ବ୍ଲକରେ ଅଚଳାବସ୍ଥା ଯୋଗୁଁ ସାଧାରଣ ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଗତ ମଙ୍ଗଳବାର ଦିନ ଧାରଣା ଦେଇଥିବା ବେଳେ ପୁଣିସୋମବାର ମଧ୍ୟ ଜନ ପ୍ରତିନିଧିମାନେ ଧାରଣା ଦେବା ଜିଲ୍ଲାପାଳ କି କୌଣସି ଅଧିକାରୀ ଗୋପ ବ୍ଲକରେ ନପହଂଚିବା ଘଟଣାକୁ ନେଇ ନିର୍ବାଚିତ ଜନ ପ୍ରତିନିଧି ମାନଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।ତେବେ ଗୋଟିଏ ପଟେ ବିଜେଡି ସମର୍ଥିତ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ ବନାମ ୩୧ ପଂଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ଶୀତଳ ଯୁଦ୍ଧ ଜୋଙ୍ଗୁ ଅଭଳି ସମସ୍ୟା ସୃଷ୍ଟି ହୋଇଛି।ଯାହା ଫଳରେ ବ୍ଲକର ଉର୍ଣ୍ଣୟନ କାର୍ଯ୍ୟ ଠପ ହେବା ସହିତ ଜନସାଧାରଣ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ସୂଚନା ଥାଉକି ଗତ ପଞ୍ଚାୟତ ସମିତି ବୈଠକର ସଭା ବହି ବା ରିଜୋଲେସନ ଖାତା ରେ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ ଦସ୍ତଖତ ନକରିବାରୁ ବିଭିନ୍ନ ଉର୍ଣ୍ଣୟନ ମୂଳକ କାର୍ଯ୍ୟ ଠପ ହୋଇଥିଲା।ଏଭଳି ମୁଦାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଲାଗିରହିଛି।ତେବେ କଣ ପାଇଁ ଅଧକ୍ଷାସଭା ବହିରେ ଦସ୍ତଖତ କରୁନାହାନ୍ତି ସେନେଇ ବିଡ଼ିଓ ସୂର୍ଯ୍ୟଶଙ୍କର ଦାଶ ଆଲୋଚନା କରିବା ନିହାତି ଜରୁରୀ ବୋଲି ବୁଦ୍ଧଜୀବୀମହଲରେ ଦାବି ହେଉଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଭଉ। ବଣ୍ଟନ କାର୍ଯ୍ୟକ୍ରମରେ ଗୋପ ବ୍ଲକ ଆସିଥିବା ବେଳେ ସରପଞ୍ଚ ଓ ସମିତି ସଭ୍ୟମାନେ ଉପମୁଖ୍ୟମନ୍ତ୍ରୀ, ଉପଜିଲ୍ଲାପାଳ ଓ ଜିଲ୍ଲାର ବରିଷ୍ଠ ଅଧିକାରୀ ମାନଙ୍କୁ ଅବଗତ କରାଇଥିଲେ ମଧ୍ୟ କେହି ସମାଧାନର ସୂତ୍ର ବାହାର ନକରିବାରୁଦିନକୁ ଦିନ ବ୍ଲକ ଅଚଳ ହେବାରେ ଲାଗିଛି।

ପିର ବାଲିଯାତ୍ରାର ସୁରକ୍ଷା ବ୍ୟବସ୍ଥା କଡାକଡି

ଅସ୍ତରଙ୍ଗ,(ସବୁ୍ୟ): ପୁରୀ ଜିଲ୍ଲାର ପବିତ୍ର ସର୍ବ ଧର୍ମ ସମନ୍ୱୟ ପୀଠ ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତ ଅଧୀନ, ପିର ଯାହାନିଆ ବାଲିଯାତ୍ରା ପ୍ରସ୍ତୁତି କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ପ୍ରସ୍ତୁତି କମିଟି ବୈଠକରେ ଅସ୍ତରଙ୍ଗ ବ୍ଲକ ଅଧକ୍ଷ ଆରତୀ ନାଏକ ଅଧକ୍ଷତା କରିଥିଲେ । ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡି ଯାତ୍ରା ସମ୍ବନ୍ଧୟ ସମସ୍ତ ସୂଚନା ଦେବା ପରେ, ପାନୀୟ ଜଳ,ବିଦ୍ୟୁତ,ରାସ୍ତା, ଆଦି ସମ୍ପର୍କରେ ଆଲୋଚନା କରା ଯାଇ ଥିଲା । ତିନିଦିନ ବାଲିଯାତ୍ରା ପାଇଁ ଦିବା ରାତ୍ର ଜଳ ଯୋଗାଣ,ନିରବ ଛାର୍ଣ୍ଣ ବିଦ୍ୟୁତ ଯୋଗାଣ,ପାଦ ଚଲା ରାସ୍ତା ରେ ଯେପରି ଯାତାୟତ ଠିକ ହେବ ସେଥି ପ୍ରତି ଦୃଷ୍ଟି ଦେବା ସହ ସୁବିଧା ଭାବେ ଯାନ ବାହାନା ଯିବା ଆସିବା ସହ ପାର୍କିଂ ଆଦି ଉପରେ ଆଲୋଚନା କରାଯାଇ ଥିଲା । ସେହିପରି ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରାଫିକର ସୁବ୍ୟବସ୍ଥା, ରାସ୍ତା ଘାଟ ମରାମତି ଉପରେ ମଧ୍ୟ ଆଲୋଚନା କରା ଯାଇଥିଲା । ଅସ୍ତରଙ୍ଗ ପଟୁ ଆସୁଥିବା ଯାତ୍ରୀବାହୀ ଗାଡି କଣମଣ ନଦୀକୂଳକୁ ଆସି, ସେଠୁ ଯାତ୍ରୀଙ୍କୁ ଓହ୍ଲାଇ ନଦୀ ବନ୍ଦ ଓ ସୁନ୍ଦର ଦେଇ ଅସ୍ତରଙ୍ଗ ଯିବେ । ଡୁଇ ଚକିଆ ଯନ ପାଇଁ ମେଳା ନିକଟ ପଡିଆରେ ପାର୍କିଂ କରା ଯାଇଛି ।ମଙ୍ଗଳବାର ସକାଳେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ରହିଥିବା ବେଳେ, ବୁଧବାର ସାହିତ୍ୟ ଆସର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ, ବିଡିଓ ସସ୍ମିତା ବେହେରା,ସାଂସଦ ପ୍ରତିନିଧି ଦିବାକର ଛାଟୋଇ,ଥାନା ଆଇଆଇସି ରିତା ବେହେରା,ସମିତିସଭ୍ୟ ବିନ୍ଧ୍ୟ ଧର ବିଶ୍ୱାଳ, ଅସ୍ତରଙ୍ଗ ଥାନା ଏ ଏସ ଆଇ, ସଂଗ୍ରାମ ସାମନ୍ତରାୟ,ଫାୟାର ନାହିନୀ, ମେଡିକାଲ ଦଳ,ବିଭାଗୀୟ ସମସ୍ତ ସରକାରୀ ଅଧିକାରୀ ଗଣ ମାଧ୍ୟମ ପ୍ରତିନିଧି ଦୁଃଶାସହ ନାୟକ,ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିବା ବେଳେ, ଇଉ ଟେକ ସର୍ଭିସ ଭୁବନେଶ୍ୱର,ସଂଗଠନ ତରଫରୁ ଲାଇଫଗାର୍ଡ, ସଫେଇ କର୍ମଚାରୀ, ସିକୁରିଟି କର୍ମଚାରୀଙ୍କୁ ମିଶାଇ ୩୫ଜଣ ଙ୍କୁ ଯାତ୍ରା ପୀଠରେ ନିୟୋଜିତ କରାଯାଇଛି ବୋଲି ଏହାର ମୁଖ୍ୟ ରଞ୍ଜନ କୁମାର ସ୍ୱାଇଁ ଜଣାଇଛନ୍ତି ।

ଶିକ୍ଷାଦାନ ଏକ ଉତ୍ପାଦନ ପ୍ରକ୍ରିୟା ଏହାପ୍ରତି ଅବହେଳା ଆତ୍ମଘାତୀ: ଭକ୍ତ



ଭୁବନେଶ୍ୱର, (ସବୁ୍ୟ): ଶିକ୍ଷାଦାନ ହେଉଛି ଦେଶର ସବୁଠୁ ବଡ଼ ଉତ୍ପାଦନ କେନ୍ଦ୍ର। ଆଉ ଏହି ଉତ୍ପାଦନ କେନ୍ଦ୍ରକୁ ଅବହେଳା ପ୍ରଦର୍ଶନ ଆତ୍ମଘାତୀ ଅଟେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଲୋଅର ପିଏମଜିରେ ଧାରଣାରତ ଏସଏସବି ଦ୍ୱାରା ଚୟନ ହୋଇ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜଗୁଡିକର ଅଧ୍ୟାପକମାନଙ୍କୁ ସୋମବାର ମଧ୍ୟାହ୍ନରେ ଉଦବୋଧନ ଦେଇ ଶ୍ରୀ ଦାସ କହିଥିଲେ, ରଚନାତ୍ମକ ଉପାୟରେ ଏହି ଶିକ୍ଷିତ ଅବହେଳିତ ଅଧ୍ୟାପକ ବର୍ଗ ଆନ୍ଦୋଳନ କଲେ ସରକାର ତାଙ୍କ ଦାବି ମାନିବାକୁ ବାଧ ହେବେ।ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଏହି ଆନ୍ଦୋଳନ ବିଷୟରେ ଶ୍ରୀ ଦାସ କହିଥିଲେ, ଆମ ରାଜ୍ୟରେ ସବୁଠାରୁ ଅବହେଳିତ କ୍ଷେତ୍ରଟି ହେଲା ଶିକ୍ଷା। ଦିନ ଥିଲା, ଗୁଣିଜ୍ଞାନୀ ମୁଖ୍ୟମନ୍ତ୍ରୀମାନେ ଗୁଣିଜ୍ଞାନୀ ମନ୍ତ୍ରୀମାନଙ୍କୁ ଶିକ୍ଷା ବିଭାଗର ଦାୟିତ୍ୱ ଦେଉଥିଲେ। ପଣ୍ଡିତ ଗୋଦାବରୀଶ ମିଶ୍ର, ଲିଙ୍ଗରାଜ ମିଶ୍ର, ଡ.ରାଧାନାଥ ରଥ, ପବିତ୍ରମୋହନ ପ୍ରଧାନ, ଶରତ କର ଓ ଯଦୁନାଥ ଦାସ ମହାପାତ୍ରଙ୍କ ପରି ବିଶିଷ୍ଟ ବୁଦ୍ଧିଜୀବୀ ମାନେ ରାଜ୍ୟର ଶିକ୍ଷାମନ୍ତ୍ରୀ ପଦବୀରେ ବସୁଥିଲେ। ଆଉ ଏବେ? ଓଡ଼ିଶାରେ କେତ ପ୍ରକାର/ବର୍ଗର କଲେଜ ଓ ଉଚ୍ଚ ମାଧ୍ୟମିକ ସ୍କୁଲ ରହିଛି ଯେତା'ର ହିସାବ ନାହିଁ। ।ଆଉ ଏକ ପ୍ରଶ୍ନ, ସରକାରୀ ଡିଗ୍ରି କଲେଜଗୁଡ଼ିକର ନନ-ଟିଚିଂ ଷ୍ଟାଫ୍ଙ୍କ ପରି ଏହି ଏଡେଡ କଲେଜମାନଙ୍କର ନନ-ଟିଚିଂ ଷ୍ଟାଫ୍ମାନଙ୍କୁ ତ ସମାନ ଦରମା ଦେଉଛ? ଅଧ୍ୟାପକମାନଙ୍କ କ୍ଷେତ୍ରରେ କାହିଁକି ଏ ବୈଷମ୍ୟ?କଂଗ୍ରେସର ଦାବି, ସରକାର ତୁରନ୍ତ ଏ ପାତରଅନ୍ତର ନୀତି ଦୂର କରନ୍ତୁ। ଆମ ଦଳ ସରକାରକୁ ଆସିଲେ ଶିକ୍ଷା କ୍ଷେତ୍ରରେ ଥିବା ସମସ୍ତ ଅସଙ୍ଗତି ଦୂର କରିବ ବୋଲି ଶ୍ରୀ ଦାସ ଗଣମାଧ୍ୟମକୁ କହିଥିଲେ। ଏହି ଆଲୋଚନା ବେଳେ ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ବିଭୂତି ଭୂଷଣ ମହାପାତ୍ର ଉପସ୍ଥିତ ଥିଲେ।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

କାକଟପୁର, (ସବୁ୍ୟ): କାକଟପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଏକ ପୁରୁଣା କୋଠାରୁ ସୋମବାର ଦିନ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକଙ୍କ ପରିଚୟ ଜଣାପଡ଼ିନଥିବାରୁ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ସୋମବାର ପୂର୍ବାହ୍ନ ପ୍ରାୟ ସାଢ଼େ୧୧ଟାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ପୁରୁଣା କୋଠା ମଧ୍ୟରେ ଜଣେ ଅଜଣା ନିରାଶ୍ରୟ ବ୍ୟକ୍ତି ମୃତ ଅବସ୍ଥାରେ ପଡ଼ିଥିବା ନେଇ ମେଡିକାଲ ଅଧିକାରୀ ଡାକ୍ତର ରଞ୍ଜନବାଳା ମହାନ୍ତି କାକଟପୁର ଥାନାକୁ ଜଣାଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏନେଇ କାକଟପୁର ଥାନାରେ ଯୁଡି କେସ ନଂ ୨୪/୨୦୨୬ ରୁଜୁ କରାଯାଇ ଏସଆଇ କୃଷ୍ଣଚନ୍ଦ୍ର ମହାରଣାଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା।ପୁଲିସ ପକ୍ଷରୁ ମୃତଦେହର ପଞ୍ଚନାମା କରାଯିବା ସହ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ତେବେ ତଦନ୍ତ ସମୟରେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନଥିଲା। ତେଣୁ ଆଇନଗତ ପ୍ରକ୍ରିୟା ଅନୁଯାୟୀ ମୃତଦେହକୁ ପରିଚୟ ଚିହ୍ନଟ ନିମନ୍ତେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶବ ସଂରକ୍ଷଣ ଗୃହରେ ଆଗାମୀ ୯୬ ଘଣ୍ଟା ପର୍ଯ୍ୟନ୍ତ ରଖାଯାଇଛି।ମୃତ ବ୍ୟକ୍ତିଙ୍କ ବୟସ ପ୍ରାୟ ୪୫ରୁ ୫୦ ବର୍ଷ ହେବ ଏବଂ ତାଙ୍କ ଶରୀରର ରଙ୍ଗ ଶ୍ୟାମଳ ବୋଲି ପୁଲିସ ପ୍ରେସ ନୋଟ୍ରେ ଉଲ୍ଲେଖ କରିଛି। ମୃତକଙ୍କ ସମ୍ପର୍କରେ କୌଣସି ସୂଚନା ଥିଲେ କାକଟପୁର ଥାନା ସହ ଯୋଗାଯୋଗ କରି ପରିଚୟ ଚିହ୍ନଟରେ ସହଯୋଗ କରିବାକୁ ପୁଲିସ ପକ୍ଷରୁ ସର୍ବସାଧାରଣଙ୍କୁ ଅନୁରୋଧ କରାଯାଇଛି।

ଗାଡି ଧକ୍କାରେ ବାପ-ପୁଅ ଗୁରୁତର

ଦଶପଲ୍ଲା । , (ସବୁ୍ୟ): ସୋମବାର ସଂଧ୍ୟାରେ ଦଶପଲ୍ଲା ଥାନା ଗୁଣ୍ଡାପାଯୁ ନିକଟରେ ଏକ ଅଜଣା ଗାଡି ଧକ୍କାରେ ବାପପୁଅ ଗୁରୁତର ଆହତ ହୋଇଛନ୍ତି । ଆହତ ବାପା - ପୁଅ ହେଉଛନ୍ତି ବନୋଜ ନାଏକ(୩୫) ଓ ପୁଅ ରୋହନ ନାଏକ(୪) ବୋଲି ଜଣାପଡ଼ିଛି । ତାଙ୍କଘର ସ୍ଥାନୀୟ ପଙ୍କୁଆ ଗ୍ରାମରେ । ବନୋଜ ତାଙ୍କ ପୁଅ ରୋହନକୁ ବାଇକରେ ସାକେଣ୍ଡିରୁ ନିଜ ଘରକୁ ଫେରୁଥିବା ବେଳେ ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇ ଯାଇଥିଲା । ଦୁର୍ଘଟଣା ଏତେ ଜୋରରେ ହୋଇଥିଲା ଯେ, ବନୋଜଙ୍କ ଡାହାଣ ଗୋଡ଼ ଆଣ୍ଠୁ ଠାରୁ ଛିଣ୍ଡି ୩୦ ମିଟର ଦୂରରେ ପଡିଥିବା ବେଳେ ପୁଅ ରୋହନର ଡାହାଣ ଗୋଡ ଭାଙ୍ଗିଯାଇଛି । ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ନୟାଗଡ଼ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର କରାଯାଇଥିବା ବେଳେ ଅଧିକ ଗୁରୁତର ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଏହି ଘଟଣାରେ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ବାଇକ ଜବତ କରିଥିବା ବେଳେ କେଉଁ ଗାଡି ଧକ୍କା କରିଛି ତାହାର ତଦନ୍ତ ଆରମ୍ଭ କରିଛି ।

ଚନ୍ଦ୍ରଭାଗା ବୋଇତ ବନ୍ଦାଣ ଉତ୍ସବ

କୋଣାର୍କ ,(ସବୁ୍ୟ): ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ସ୍ଥିତ ଚନ୍ଦ୍ରଭାଗା ଠାରେ ଚନ୍ଦ୍ରଭାଗା ବୋଇତ ବନ୍ଦାଣ କମିଟି ଓ ଗଣେଶ କମିଟି ମିଳିତ ଆନୁକୂଲ୍ୟରେ ବୋଇତ ବନ୍ଦାଣ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଭାଗା ବୋଇତ ବନ୍ଦାଣ କମିଟି ସଭାପତି ଅଜୟ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, କୋଣାର୍କ ଏନଏସି ଉପାଧକ୍ଷ ସୁରେଶ ଚନ୍ଦ୍ର ରାଉତରାୟ ଓ ଡକ୍ଟର ସୁଶାନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ । ଚନ୍ଦ୍ରଭାଗା ବୋଇତ ବନ୍ଦାଣ ଉତ୍ସବ କମିଟିର ସଂପାଦକ ବାନାୟର ବେହେରା ସଂପାଦକୀୟ ବିବରଣୀ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚେତନା ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଠାରେ ଐତିହ୍ୟ ଓ ସାଂସ୍କୃତିକ ପ୍ରତୀକ ବୋଇତ ବନ୍ଦାଣ ଉତ୍ସବ ଅବସରରେ ଶ୍ରଦ୍ଧାଳୁମାନେ ତୀର୍ଥ ପୁଷ୍କରିଣୀ ଠାରେ ଡଙ୍ଗା ଭସାଇ ନୌବାଣିଜ୍ୟର ଇତିହାସ ସ୍ମରଣ କରିଥିଲେ।

ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ଲାଗି ମିଳିତ ଉଦ୍ୟମ
ଅଣ୍ଡରପାସ କାମ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ



ଫୁଲନଖରା, (ସବୁ୍ୟ) : କଟକ ସଦରନର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୫୬, ୫୭, ୫୮ ଓ ୫୯ ନମ୍ବର ୱ

ସମ୍ପାଦକୀୟ

କୃତ୍ରିମ ବୁଦ୍ଧିମତାର ଯୁଗ

ଏବର ଯୁଗ ହେଉଛି ପ୍ରକୃତରେ କୃତ୍ରିମ ବୁଦ୍ଧିମତାର ଯୁଗ, ଯାହାକୁ AI (Artificial Intelligence) ବୋଲି କୁହାଯାଉଛି । ବୈଷୟିକ ଆବିଷ୍କାର କ୍ଷେତ୍ରରେ ଏହାର ସଫଳ ପ୍ରୟୋଗ ଉପରେ ଗବେଷଣା ମଧ୍ୟ ଜାରି ରହିଛି । ପ୍ରକୃତରେ କମ୍ପ୍ୟୁଟର ଓ ମେସିନର ଏପରି ବିଚିତ୍ର କ୍ଷମତା ରହିଛି, ଯଦ୍ଦ୍ୱାରା ମଣିଷ ଅଚିରେ ଶିଖି ପାରୁଛି, ତଥ୍ୟର ବିଶ୍ଳେଷଣ କରିପାରୁଛି ଓ ଯାବତୀୟ ସମସ୍ୟାର ସମାଧାନ କରିବା ସହିତ ବିଭିନ୍ନ ବିଷୟରେ ନିଷ୍ପତ୍ତି ମଧ୍ୟ ନେଇ ପାରୁଛି । ଏହା ହିଁ ତ କୃତ୍ରିମ ବୁଦ୍ଧିମତା । ନିଯୁକ୍ତି ଅନ୍ୱେଷଣ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା ବ୍ୟାପକ ପରିବର୍ତ୍ତନ ଆଣି ମନୁଷ୍ୟର କାର୍ଯ୍ୟଶକ୍ତି ଓ ଦକ୍ଷତାକୁ ନିଯୁକ୍ତିରେ ରୂପାନ୍ତରିତ କରିପାରୁଛି । ଏଥିରେ ସୃଜନଶୀଳତା, ବୈଷୟିକ ଦକ୍ଷତା, ବିଶ୍ଳେଷଣାତ୍ମକ ଦକ୍ଷତା ଏବଂ ଅନୁକୂଳତାରୁ ଲାଭଦାୟକ ବିଷୟର ସମ୍ମିଶ୍ରଣକୁ ସମ୍ଭବ କରିପାରିଛି । ଏବେ ଆମର ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଏହି କୃତ୍ରିମ ବୁଦ୍ଧିମତାର ସଫଳ ପ୍ରୟୋଗ କରାଯାଇ ପାରୁଛି । ମାତ୍ର ଏହି କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ଫଳରେ ଅନେକ ଚାକିରୀ ହରାଇବେ ବୋଲି ଯେଉଁ ଆଶଙ୍କା ପ୍ରକାଶ ପାଇଛି, ତାହା ଠିକ୍ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ ସମ୍ପର୍କରେ ସ୍ପଷ୍ଟ କରି ଦେଇଛନ୍ତି ।

ଓଡ଼ିଶା ମଧ୍ୟ ଏଆଇ ବା କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଆଗେଇବା ଲାଗି ତତ୍ପରତା ପ୍ରକାଶ କରିଛି । ଗତ ବର୍ଷ 'ଓଡ଼ିଶା କୃତ୍ରିମ ବୁଦ୍ଧିମତା ନୀତି - ୨୦୨୫' ପ୍ରଣୟନ କରିଛି । ଗତ ମାର୍ଚ୍ଚ (୨୦୨୬) ମାସରେ ଏହା କାର୍ଯ୍ୟକାରୀ କରାଯିବାକୁ ଏକ ମାର୍ଗ ଦର୍ଶିକା 'ଓଡ଼ିଶା ଏଆଇ ମିଶନ' ନାମରେ କରାଯାଇଛି । ଗତ ୨୦୨୫-୨୬ ବଜେଟରେ ଏଥିପାଇଁ ୨୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିଲା । ଏହି ନୀତିରେ ମୁଖ୍ୟ ବିଷୟଗୁଡ଼ିକ ମଧ୍ୟରୁ ସ୍ୱାସ୍ଥ୍ୟରକ୍ଷା, କୃଷି, ବିପର୍ଯ୍ୟୟ ପ୍ରଶମନ, ଶିକ୍ଷା ଓ ସରକାରୀ ଉତ୍ପାଦକତା ପ୍ରଭୃତି ଉପରେ ଗୁରୁତ୍ୱାରୋପ କରାଯାଇଛି । ଏହା ବ୍ୟତୀତ ବଡ଼ ଭାଷା ମଡେଲ ଓ ଡାଟାସେଣ୍ଟର ଦୃଷ୍ଟିରୁ ଓଡ଼ିଶା ସାନ୍ତାଳୀ, ସୌରା ଓ କୋୟା ପ୍ରଭୃତି ଭାଷାକୁ ଅଗ୍ରାଧିକାର ସୂତ୍ରରେ ଦିଆଯିବ ବୋଲି ଏହି ନୀତିରେ ବ୍ୟବସ୍ଥା କରାଯାଇଛି ।

ଲକ୍ଷ୍ନୌଠାରେ ଗତ ନଭେମ୍ବର (୨୦୨୬)ରେ ଅନୁଷ୍ଠିତ ପଞ୍ଚମ ଦକ୍ଷତା ବିକାଶ ସମାବର୍ତ୍ତନ (Convocation)ର ସମାରୋହରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ତି ଯେ ଯଦି ତମେ ଦକ୍ଷତାସମ୍ପନ୍ନ ଥିବ, ତେବେ ଏଆଇ (କୃତ୍ରିମ ବୁଦ୍ଧିମତା) ତମର ଚାକିରୀ ନେଇପାରିବ ନାହିଁ। ସେ ମଧ୍ୟ କହିଥିଲେ ଯେ ଏହି କୃତ୍ରିମ ବୁଦ୍ଧିମତା ଯୋଗୁ ନିଯୁକ୍ତପ୍ରାୟ ଯୁବକ ଓ ଯୁବତୀ ନିଯୁକ୍ତି ପାଇବାର ସମ୍ଭାବନା ରହିଛି ଏବଂ ଏହି କୃତ୍ରିମ ବୁଦ୍ଧିମତାର ସଫଳ ପ୍ରୟୋଗ ଆମମାନଙ୍କ ପାଇଁ ବେଶ ଲାଭଦାୟକ ହେବ ଏବଂ ଏହା ଜରିଆରେ ୨୦୪୭ରେ ଭାରତ ବିକଶିତ ହୋଇପାରିବ। ଉତ୍ପାଦନ ତଥା ଭିତ୍ତିଭୂମିର ଉନ୍ନୟନ ଓ ସଂପ୍ରସାରଣ ଏହି କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ଯୋଗୁ ସମ୍ଭବ ହୋଇପାରିବ ଓ ଏଥିପାଇଁ ବହୁଳ ଭାବେ ଦକ୍ଷତାସମ୍ପନ୍ନ ଯୁବ ସମାଜର ଆବଶ୍ୟକତା ରହିଛି ବୋଲି ମଧ୍ୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ପ୍ରକାଶ କରିଥିଲେ ।

ପଶ୍ଚିମବଙ୍ଗ ଅନ୍ତର୍ଗତ ଖଡ଼ଗପୁର ଆଇଆଇଟିର ୭୫ତମ ଜୟନ୍ତୀ ଉତ୍ସବରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଯୋଗ ଦେଇଥିଲେ । ତାଙ୍କ ଉପସ୍ଥିତିରେ ଏହାର ନିର୍ଦ୍ଦେଶକ ସୁମନ ଚକ୍ରବର୍ତ୍ତୀ ଘୋଷଣା କରିଥିଲେ ଯେ କୃତ୍ରିମ ବୁଦ୍ଧିମତା ତଥା ଡାଟା କେନ୍ଦ୍ରର ଗବେଷଣା ସକାଶେ ତାଙ୍କ ଅନୁଷ୍ଠାନକୁ ୧୦ ନିୟୁତ ଡଲାରର ଦାନ ମିଳିପାରିଛି । ଗୁଗୁଲ ସଂସ୍ଥା ମଧ୍ୟ ପ୍ରାୟୋଗିକ କୃତ୍ରିମ ବୁଦ୍ଧିମତା ସକାଶେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଉପସ୍ଥିତିରେ ୫ ନିୟୁତ ଡଲାର ଦାନସୂତ୍ରରେ ଦେବା ଲାଗି ସେଠାରେ ଘୋଷଣା କରିଥିଲା । ଖଡ଼ଗପୁର ଆଇଆଇଟିର ପ୍ରାକ୍ତନ ଛାତ୍ରମାନେ ମଧ୍ୟ ଏହି ଏଆଇ ଗବେଷଣା କାର୍ଯ୍ୟ ପାଇଁ ଅନେକ ଡଲାର ଦାନ କରିଛନ୍ତି ।

ଏହି କୃତ୍ରିମ ବୁଦ୍ଧିମତା ଜରିଆରେ କାର୍ଯ୍ୟଶକ୍ତି ଏବେ ନିଯୁକ୍ତି ସୁଯୋଗ ଆଡକୁ ମୁହାଁଇଛି । ଏହା ଏକ ଶୁଭଲକ୍ଷଣ । ଏହାଦ୍ୱାରା ଅନୁବାଦ ଓ ଅନୁସୃଜନ କଳା ମଧ୍ୟ ସମ୍ଭବ ହୋଇପାରୁଛି । ତେଣୁ ଆଗାମୀ ଯୁଗକୁ କୃତ୍ରିମ ବୁଦ୍ଧିମତାର ଯୁଗ ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ ।

ଓଡ଼ିଶା ମଧ୍ୟ ଏଆଇ ବା କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଆଗେଇବା ଲାଗି ତତ୍ପରତା ପ୍ରକାଶ କରିଛି । ଗତ ବର୍ଷ 'ଓଡ଼ିଶା କୃତ୍ରିମ ବୁଦ୍ଧିମତା ନୀତି - ୨୦୨୫' ପ୍ରଣୟନ କରିଛି । ଗତ ମାର୍ଚ୍ଚ (୨୦୨୬) ମାସରେ ଏହା କାର୍ଯ୍ୟକାରୀ କରାଯିବାକୁ ଏକ ମାର୍ଗ ଦର୍ଶିକା 'ଓଡ଼ିଶା ଏଆଇ ମିଶନ' ନାମରେ କରାଯାଇଛି । ଗତ ୨୦୨୫-୨୬ ବଜେଟରେ ଏଥିପାଇଁ ୨୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିଲା । ଏହି ନୀତିରେ ମୁଖ୍ୟ ବିଷୟଗୁଡ଼ିକ ମଧ୍ୟରୁ ସ୍ୱାସ୍ଥ୍ୟରକ୍ଷା, କୃଷି, ବିପର୍ଯ୍ୟୟ ପ୍ରଶମନ, ଶିକ୍ଷା ଓ ସରକାରୀ ଉତ୍ପାଦକତା ପ୍ରଭୃତି ଉପରେ ଗୁରୁତ୍ୱାରୋପ କରାଯାଇଛି । ଏହା ବ୍ୟତୀତ ବଡ଼ ଭାଷା ମଡେଲ ଓ ଡାଟାସେଣ୍ଟର ଦୃଷ୍ଟିରୁ ଓଡ଼ିଶା ସାନ୍ତାଳୀ, ସୌରା ଓ କୋୟା ପ୍ରଭୃତି ଭାଷାକୁ ଅଗ୍ରାଧିକାର ସୂତ୍ରରେ ଦିଆଯିବ ବୋଲି ଏହି ନୀତିରେ ବ୍ୟବସ୍ଥା କରାଯାଇଛି ।

ସମ୍ପାଦକୀୟ ପୃଷ୍ଠା ପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ ।
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟ ଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

କାର୍ତ୍ତିକ ମାସର ମାହାତ୍ମ୍ୟ



ହରପ୍ରିୟା ରାଉତରାୟ

ବର୍ଷକ ବାର ମାସ ମଧ୍ୟରେ କାର୍ତ୍ତିକ ମାସ ହେଉଛି ଶ୍ରେଷ୍ଠ । ଶାସ୍ତ୍ର ଅନୁଯାୟୀ ଚାନ୍ଦ୍ରମାସ ଗଣନା ଅନୁସାରେ ଆଶ୍ୱିନ ମାସ ପରେ କାର୍ତ୍ତିକ ମାସର ଆଗମନ ହୋଇଥାଏ । କୃତ୍ତିକା ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା ପଡୁଥିବାରୁ ଏହି ମାସର ନାମ କାର୍ତ୍ତିକ ହୋଇଛି । ସ୍କନ୍ଦ ପୁରାଣ ଓ ପଦ୍ମ ପୁରାଣରେ କୁହାଯାଇଛି -

"ନ କାର୍ତ୍ତିକ ସମୋ ମାସୋ ନ କୃତେନ ସମଂ ନ ବେଦ ସଦୃଶଂ ଶାସ୍ତ୍ରଂ ନ ତୀର୍ଥ ଗଙ୍ଗାୟା ସମମ୍"

ଅର୍ଥାତ୍ କାର୍ତ୍ତିକ ପରି କୌଣସି ମାସ ନାହିଁ, ସତ୍ୟଯୁଗ ପରି କୌଣସି ଯୁଗ ନାହିଁ, ବେଦ ପରି ଜ୍ଞାନଦାତା ତା ବା ମାର୍ଗଦର୍ଶକ କୌଣସି ଶାସ୍ତ୍ର ନାହିଁ ଏବଂ ଗଙ୍ଗା ପରି କୌଣସି ପବିତ୍ର ତୀର୍ଥ ନାହିଁ। ଏହି ମାସରେ ମଣିଷ ଯେତିକି ଧର୍ମ କରେ, ତାହା ଅନନ୍ତ ଗୁଣ ହୋଇ ଫେରିଆସେ ।

ପୌରାଣିକ ପୃଷ୍ଠଭୂମି ଓ ମାହାତ୍ମ୍ୟ:

କାର୍ତ୍ତିକ ମାସ ସହିତ ଭଗବାନ ବିଷ୍ଣୁ ଓ ଶ୍ରୀକୃଷ୍ଣଙ୍କର ଗଭୀର ସଂପର୍କ ରହିଛି । ପୌରାଣିକ ମାନ୍ୟତାନୁସାରେ ଆଷାଢ଼ ଶୁକ୍ଳ ଏକାଦଶୀ (ହରିଶୟନ ଏକାଦଶୀ) ଠାରୁ ଭଗବାନ ବିଷ୍ଣୁ କ୍ଷୀର ସମୁଦ୍ରରେ ଚାରିମାସ ପାଇଁ ଶୟନ କରିଥାନ୍ତି। କାର୍ତ୍ତିକ ମାସର ଶୁକ୍ଳପକ୍ଷ ଏକାଦଶୀ(ଦେବ ଉତ୍ଥାପନ ଏକାଦଶୀ) ଦିନ ନିଦ୍ରାରୁ ଜାଗ୍ରତ ହୁଅନ୍ତି । ମାନ୍ୟତା ଅଛି ଯେ, ଏହି ଚାରିମାସ ସୃଷ୍ଟିର ପରିଚାଳନା ଦାୟିତ୍ୱ ଭଗବାନ ଶିବଙ୍କ ହାତରେ ଥାଏ । କାର୍ତ୍ତିକ ମାସଟି ବିଷ୍ଣୁଙ୍କ ଆରାଧନା ପାଇଁ ସମର୍ପିତ ।

କାର୍ତ୍ତିକ ମାହାତ୍ମ୍ୟ ଗ୍ରନ୍ଥ ଅନୁସାରେ, ସ୍ୱୟଂ ଶ୍ରୀକୃଷ୍ଣ ତାଙ୍କ ପ୍ରିୟତମା ପତ୍ନୀ ସତ୍ୟଭାମାଙ୍କୁ ଏହି ମାସର ମହିମା ବୁଝାଇଥିଲେ। ପୂର୍ବ କାଳରେ ରାଜା ପୃଥୁଙ୍କୁ ଦେବର୍ଷି ନାରଦ ମଧ୍ୟ ଏହାର ତାତ୍ପର୍ଯ୍ୟ କହିଥିଲେ। ଏହି ମାସରେ ଶଙ୍ଖାସୁର ବେଦ ହରଣ କରିବା ଏବଂ ଭଗବାନ ବିଷ୍ଣୁ ମତ୍ସ୍ୟାବତାର ଧାରଣ କରି ବେଦ ଉଦ୍ଧାର କରିବାର କଥା ଏହି ପୁରାଣରେ ବର୍ଣ୍ଣିତ ଅଛି । ଶଙ୍ଖାସୁର ମୃତ୍ୟୁ ସମୟରେ ପ୍ରଭୁଙ୍କ ଶରଣ ପଶିବାରୁ ଭଗବାନ ତାକୁ ବରଦାନ କଲେ । ତା' ର ସେହି ଅସ୍ଥିମୟ ଶଙ୍ଖ ଖୋଳପାକୁ ପ୍ରଭୁ ନିଜର ଆୟୁଧ କଲେ, ଯାହା" ପଞ୍ଚଜନ୍ୟ ଶଙ୍ଖ' ନାମରେ ପ୍ରସିଦ୍ଧ ହେଲା । ଆଧ୍ୟାତ୍ମିକ ଅର୍ଥ ଅନୁସାରେ 'ପଞ୍ଚଜନ୍ୟ'ର ଅର୍ଥ ହେଉଛି ପଞ୍ଚଭୂତ(କ୍ଷିତି, ଅପ୍, ତେଜ, ମରୁତ, ବ୍ୟୋମ) ବା ପାଞ୍ଚୋଟିତତ୍ତ୍ୱରୁ ସୃଷ୍ଟି ହୋଇଥିବା ଧ୍ୱନି। ଓଡ଼ିଶାରେ ମହାଦେବ ଦାସଙ୍କ ଦ୍ୱାରା ରଚିତ 'କାର୍ତ୍ତିକ ମାହାତ୍ମ୍ୟ' ବ୍ରତଧାରୀମାନେ ପଠନ ଓ ଶ୍ରବଣ କରିଥା'ନ୍ତି ।

କାର୍ତ୍ତିକ ମାସରେ କାର୍ତ୍ତିକ ମାହାତ୍ମ୍ୟ ବହି ପଢିବା ଦ୍ୱାରା ଅଶେଷ ପୁଣ୍ୟ ପ୍ରାପ୍ତି ହେବା ସହ ଜୀବନର ସମସ୍ତ ପାପ ତାପ ନାଶ ହୋଇଥାଏ ବୋଲି ହିନ୍ଦୁ ଧର୍ମରେ ବିଶ୍ୱାସ ରହିଛି । ଓଡ଼ିଶାର ଘରେ ଘରେ ଏହି ପବିତ୍ର ମାସରେ ଭକ୍ତମାନେ ବିଶେଷ କରି ହବିଷ୍ୟାଳୀମାନେ ପ୍ରତିଦିନ 'କାର୍ତ୍ତିକ ମାହାତ୍ମ୍ୟ' ବହି ପଢିଥାନ୍ତି । ଏହି ବହି ପଢିବା ଦ୍ୱାରା ଜ୍ଞାତରେ ହେଉକି ଅଜ୍ଞାତରେ କରିଥିବା ସମସ୍ତ ପାପରୁ ମୁକ୍ତି ମିଳିଥାଏ । ସଂସାରର ସମସ୍ତ ସୁଖ ଭୋଗ କରିବା ପରେ ଶେଷରେ ବୈକୁଣ୍ଠ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ଶ୍ରଦ୍ଧା ଓ ଭକ୍ତିର ସହ ପାଠକଲେ ମନସ୍କାମନା ପୂରଣ ହେବା ସହ ସୁଖ, ଶାନ୍ତି ଓ ସମୃଦ୍ଧି ବୃଦ୍ଧି ଘଟିଥାଏ । ଏହି ମାସ ରାଧା-କୃଷ୍ଣ ବା ଶ୍ରୀହରିଙ୍କର ପ୍ରିୟ ମାସ ହୋଇଥିବାରୁ, ଏହି ସମୟରେ କାର୍ତ୍ତିକ ମାହାତ୍ମ୍ୟ ପଢିଲେ ପ୍ରଭୁଙ୍କର ବିଶେଷ ଆଶୀର୍ବାଦ ମିଳିଥାଏ ।

କାର୍ତ୍ତିକ ବ୍ରତର ପ୍ରଧାନ ନିୟମ :

ଏହି ମାସରେ ସୂର୍ଯ୍ୟୋଦୟ ପୂର୍ବରୁ(ବ୍ରାହ୍ମ ମୁହୂର୍ତ୍ତରେ) ସ୍ନାନ କରିବା ଅତ୍ୟନ୍ତ ପୁଣ୍ୟଦାୟକ । ବିଶେଷକରି ପବିତ୍ର ନଦୀ, ପୁଷ୍କରିଣୀ ବା ମହୋଦଧିରେ(ପୁରୀ ସମୁଦ୍ର) ସ୍ନାନ କଲେ ସମସ୍ତ ପାପକ୍ଷୟ ହୁଏ ବୋଲି ବିଶ୍ୱାସ ରହିଛି ।

ହବିଷ୍ୟ ଓ ସାତ୍ତ୍ୱିକ ଆହାର: ଏହି ମାସରେ ବ୍ରତଧାରୀମାନେ ଆମିଷ, ପିଆଜ ଓ ରସୁଣ ସଂପୂର୍ଣ୍ଣ ବର୍ଜନ କରନ୍ତି । ସେମାନେ ଦିନକୁ ଥରେ ମାତ୍ର ସାତ୍ତ୍ୱିକ ଅନ୍ନ ଗ୍ରହଣ କରନ୍ତି। ପ୍ରାୟତଃ, ଲୋକମାନେ କାର୍ତ୍ତିକ ମାସରେ ଆମିଷ ଦ୍ରବ୍ୟ ଗ୍ରହଣ କରି ନଥାନ୍ତି ।

ଆକାଶଦୀପ ଓ ଦୀପଦାନ: କାର୍ତ୍ତିକ ମାସରେ ଦୀପଦାନର ବିଶେଷ ଗୁରୁତ୍ୱ ରହିଛି । ପ୍ରତି ସଂଧ୍ୟାରେ ଚଉଁରା ମୂଳରେ ଏବଂ ମନ୍ଦିରରେ ଦୀପ ଜଳାଯାଏ। ମନ୍ଦିର ମାନଙ୍କରେ ଆକାଶଦୀପ ପ୍ରଜ୍ୱଳିତ କରାଯାଏ। ଏହି ଦୀପଦାନ କଲେ ଜୀବନର ପୁଣ୍ୟ ପ୍ରାପ୍ତି ସହ ସୁଖ ଦୁଃଖ ଓ ସମସ୍ୟା ଦୂର ହୁଏ ବୋଲି ବିଶ୍ୱାସ କରାଯାଏ ।

କାର୍ତ୍ତିକ ମାସରେ ତୁଳସୀ ପୂଜାର ବିଧି:

କାର୍ତ୍ତିକ ମାସରେ ତୁଳସୀ ପୂଜା କରିବା ଦ୍ୱାରା ମା'ଲକ୍ଷ୍ମୀ ଏବଂ ଭଗବାନ ବିଷ୍ଣୁଙ୍କ ଅଶେଷ କୃପା ଲାଭ ହୋଇଥାଏ । ଓଡ଼ିଶାର ସଂସ୍କୃତିରେ ଏହି ମାସରେ ତୁଳସୀ ଚଉଁରା ପୂଜାର ଏକ ସ୍ୱତନ୍ତ୍ର ଓ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି । ସକାଳୁ ସ୍ନାନ ସାରି ଚଉଁରା ମୂଳେ ଭଲ ଭାବରେ ପରିଷ୍କାର ପରିଚ୍ଛନ୍ନ କରି ଗୋବର କିମ୍ବା ପାଣିରେ ଲିପାପୋଛା କରାଯାଏ । ମାସକ ସାରା ରଙ୍ଗ, ବେରଙ୍ଗର ମୁରୁଜ ପକାଯାଏ। ସକାଳେ ତୁଳସୀ ଗଛରେ ପାଣି ଢାଳି ସନ୍ଧ୍ୟାରେ ଘିଅ ଦୀପ ନଚେତ୍ ରାଶିତେଲ ଦେଇ ଦୀପ ଦେଇଥାନ୍ତି । ଅଶୌଚ କିମ୍ବା ଅପବିତ୍ର ଅବସ୍ଥାରେ ତୁଳସୀ ଗଛ ସ୍ପର୍ଶ କରିବା କଥା ନୁହଁ । ତୁଳସୀ ପୂଜା କରିବା ସହିତ ଶାଳଗ୍ରାମ କିମ୍ବା ପ୍ରଭୁ ଜଗନ୍ନାଥ ବିଷ୍ଣୁଙ୍କର ଧ୍ୟାନ କରାଯାଏ । ତୁଳସୀ ପତ୍ର ବିନା ଶ୍ରୀହରିଙ୍କ ଭୋଗ ଗ୍ରହଣ କରନ୍ତି ନାହିଁ ।

ଓଡ଼ିଶାର ସାଂସ୍କୃତିକ ଜୀବନରେ କାର୍ତ୍ତିକ ମାସର ଏକ ସ୍ୱତନ୍ତ୍ର ସ୍ଥିତି ରହିଛି । ବିଶେଷ କରି ବିଧବା ଏବଂ ବୟସ୍କ ମହିଳାମାନେ ଶ୍ରୀକ୍ଷେତ୍ରକୁ ଯାଇ ସାରା ମାସ ବ୍ୟାପୀ ସେଠାରେ ହବିଷ୍ୟ କରି ରହିଥାନ୍ତି । ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ନିଜକୁ ଧନ୍ୟ ମନେ କରିଥାନ୍ତି। ରାଇ ଦାମୋଦର ବ୍ରତ ପାଳନ କରିଥାନ୍ତି।

କାର୍ତ୍ତିକ ଅମାବାସ୍ୟା ଦିନ ପବିତ୍ର ଦୀପାବଳୀ ପର୍ବ ପାଳନ କରାଯାଏ, ଯେଉଁଠି ଆଲୋକର ପର୍ବ ସହ ପିତୃ ପୁରୁଷଙ୍କୁ 'ବଡ଼ ବତୁଆ ହୋ' କହି କାଉଁରିଆ କାଠି ଜଳାଇ ବିଦାୟ ଦିଆଯାଏ। ମହାଳୟା ଅମାବାସ୍ୟା ଦିନ ପିତୃପୁରୁଷମାନେ ମୃର୍ତ୍ତଲୋକକୁ ଆସିଥାନ୍ତି। କାର୍ତ୍ତିକ ଅମାବାସ୍ୟା (ଦୀପାବଳୀ) ଦିନ ସେମାନେ ପୁଣି ନିଜ ଲୋକକୁ ଫେରିଯାନ୍ତି। କାର୍ତ୍ତିକ ଅମାବାସ୍ୟା ରାତିରେ ଧନର ଦେବୀ ମା' ଲକ୍ଷ୍ମୀ ମର୍ତ୍ତ୍ୟମଣ୍ଡଳ ଭ୍ରମଣରେ ଆସନ୍ତି ବୋଲି ବିଶ୍ୱାସ କରାଯାଏ । ମାଙ୍କୁ ସ୍ୱାଗତ କରି ଘରୁ ଅନ୍ଧକାର ଓ ଦାରିଦ୍ର୍ୟ ଦୂର କରିବା ପାଇଁ ସାରା ଘରକୁ ଦୀପର ଆଲୋକରେ ସଜ୍ଜିତ କରାଯାଏ । ଯାହାକୁ ଆମେ ଦୀପାବଳୀ ଭାବେ ପାଳନ କରୁ ।

ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଅମାବାସ୍ୟା ହେଉଛି ଅଜ୍ଞାନ ଉପରେ ଜ୍ଞାନର ଆଲୋକ, ଅସତ୍ୟ ଉପରେ ସତ୍ୟର ଏବଂ ଅଧର୍ମ ଉପରେ ଧର୍ମର ବିଜୟର ପ୍ରତୀକ। ଏହା କେବଳ ବାହ୍ୟ ଦୀପ ପ୍ରଜ୍ୱଳନର ପର୍ବ ନୁହଁ, ବରଂ ନିଜ ଅନ୍ତରାତ୍ମାରେ ଲୁଚି ରହିଥିବା ଆଲୋକକୁ ଆବିଷ୍କାର କରିବାର ଏକ ପବିତ୍ର ସମୟ ।

ଭଗବାନ ଶ୍ରୀରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ:

ପୌରାଣିକ କଥା ଅନୁସାରେ, ଏହି ଦିନ ପ୍ରଭୁ ଶ୍ରୀରାମଚନ୍ଦ୍ର ଚଉଦ ବର୍ଷକାଳ ବନବାସ କରିବା ପରେ ରାବଣକୁ ବଦ୍ଧ କରି ଅଯୋଧ୍ୟା ଫେରିଥିଲେ। ତାଙ୍କ ସ୍ୱାଗତରେ ଅଯୋଧ୍ୟାବାସୀ ଘିଅ ଦୀପ ଜଳାଇ ସାରା ନଗରୀକୁ ଆଲୋକିତ କରିଥିଲେ ।

ଓଡ଼ିଶାରେ ଏହି ଦିନ ସଂଧ୍ୟାରେ ବିଶେଷକରି ତୁଳସୀ ଚଉଁରା ମୂଳରେ, ଘରର ଦୁଆର ବନ୍ଧରେ କାଳୀପୂଜା ଅବସରରେ ଦୀପ ଜଳାଇବାର ପରମ୍ପରା ରହିଛି । ଏହା ପୂରା ପରିବାରର ସୁଖ, ଶାନ୍ତି ଓ ସମୃଦ୍ଧି ବୃଦ୍ଧି ପାଏ ।

ପଞ୍ଚୁକ ଓ ବୋଇତ ବନ୍ଦାଣ:

କାର୍ତ୍ତିକ ମାସର ଶେଷ ପାଞ୍ଚଦିନକୁ 'ପଞ୍ଚୁକ' ବା 'ବକପଞ୍ଚୁକ' କୁହାଯାଏ। ଏହି ପାଞ୍ଚଦିନ ଅତ୍ୟନ୍ତ ପବିତ୍ର ବୋଲି କୁହାଯାଏ । ଆମିଷାହାରୀ ବର୍ଗ ମଧ୍ୟ ଏହି ପାଞ୍ଚଦିନ ମାଛ ଖାଏ ନାହିଁ । କାର୍ତ୍ତିକ ମାସରେ ମାଛ, ମାଂସ, ଚିଙ୍ଗୁଡି ଏବଂ ଅଣ୍ଡା ସଂପୂର୍ଣ୍ଣ ନିଷେଧ । ପିଆଜ, ରସୁଣ, ଏହା ତାମସିକ ଖାଦ୍ୟ କୁହାଯାଉଥିବାରୁ ତାହା ସେବନ କରାଯାଏ ନାହିଁ। ବାଇଗଣ, କଲରା, ପୋଟଳ ଓ ଛତୁ ଖାଇବା ବାରଣ କରାଯାଏ। ବିରି, ମସୁରଡାଲି, ହରଡଡାଲି ଏବଂ ଚଣା ଡାଲି ଖାଇବା ଉଚିତ୍ ନୁହେଁ ବୋଲି କୁହାଯାଏ। ସ୍ୱାସ୍ଥ୍ୟଗତ କାରଣରୁ ଦହି ଓ ଥଣ୍ଡା ପାଣି ପିଇବା ଉଚିତ ନୁହେଁ । ଏହି ଦିନମାନଙ୍କରେ ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କର ବିଭିନ୍ନ ବେଶ ଯଥା : ପ୍ରଥମ ଦିନ(କାର୍ତ୍ତିକ ଶୁକ୍ଳ ଏକାଦଶୀ) ଏହି ଦିନ ମହାପ୍ରଭୁଙ୍କର ଲକ୍ଷ୍ମୀ ନାରାୟଣ ବେଶ, ଦ୍ୱିତୀୟ ଦିନ(ଶୁକ୍ଳ ଦ୍ୱାଦଶୀ) ଏହିଦିନ ବାଙ୍କଚୂଡ଼ା ବେଶ ବା (ବାମନ ବେଶ) ଧାରଣ କରନ୍ତି । ତୃତୀୟ ଦିନ (ଶୁକ୍ଳ ତ୍ରୟୋଦଶୀ) ଏହି ଦିନ ପ୍ରଭୁଙ୍କର ତ୍ରିବିକ୍ରମ ବେଶ କରାଯାଏ । ଚତୁର୍ଥ ଦିନ(ଶୁକ୍ଳ ଚତୁର୍ଦ୍ଦଶୀ) ଏହି ଦିନ ମହାପ୍ରଭୁଙ୍କର ଲକ୍ଷ୍ମୀନୃସିଂହ ବେଶ (ଡାଲିକିଆ ବେଶ) ମଧ୍ୟ କୁହାଯାଏ । ପଞ୍ଚମ ଦିନ(କାର୍ତ୍ତିକ ପୂର୍ଣ୍ଣିମା) ପଞ୍ଚୁକର ଶେଷ ଦିନରେ ଶ୍ରୀଜଗନ୍ନାଥଙ୍କର ପ୍ରସିଦ୍ଧ ରାଜରାଜେଶ୍ୱର ବେଶ ବା ସୁନାବେଶ କରାଯାଏ। ଏହି ଦିନ ମହାପ୍ରଭୁ ବିଭିନ୍ନ ସ୍ୱର୍ଣ୍ଣ ଅଳଙ୍କାରରେ ସଜ୍ଜିତ ହୋଇ ରତ୍ନସିଂହାସନରେ ବିରାଜମାନ କରନ୍ତି। ଯଦି କେଉଁ ବର୍ଷତିଥି କ୍ଷୟ ଯୋଗୁଁ ପଞ୍ଚୁକ ଛଅ ଦିନ ହୋଇଥାଏ (ମଳ ତିଥି ପଡେ) ତେବେ ସେହି ଅତିରିକ୍ତ ଦିନରେ ମହାପ୍ରଭୁଙ୍କର ଅତି ଦୁର୍ଲଭ ନାଗାର୍ଜୁନ ବେଶ ଅନୁଷ୍ଠିତ ହୋଇଥାଏ ।

କାର୍ତ୍ତିକ ପୂର୍ଣ୍ଣିମା ଦିନ ଏହି ପବିତ୍ର ମାସର ସମାପ୍ତି ଘଟେ। ଏହି ଦିନ ଓଡ଼ିଶାର ଘରେ ଘରେ ଉଷା କାଳରୁ ନଦୀ ଓ ପୁଷ୍କରିଣୀରେ ସ୍ନାନ କରି ବୋଇତ ବନ୍ଦାଣ କରିଥାନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଚଳିତ...

ଅର୍ଣ୍ଣବ ଓ ଅକୱାନ ଦ୍ୱାରା ଚାଷ ଜମି ଗୁଡିକ ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଛି । ଗଞ୍ଜାମ ଜିଲ୍ଲାରେ ଅର୍ଣ୍ଣବ ସମୟରେ ୨.୧୧ ଲକ୍ଷ ଏବଂ ଅକୱାନ ସମୟରେ ୧.୫୪ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଥିଲା । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ଗଞ୍ଜାମ ଜିଲ୍ଲାର ସ୍ଥିତିକୁ ଗମ୍ଭୀରତାର ସହ ନେଇଛନ୍ତି । ପ୍ରଭାବିତ ପରିବାର ଗୁଡିକୁ ୫୦ କିଲୋଗ୍ରାମ ଚାଉଳ ସହିତ ୨୫୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି । ଜିଲ୍ଲାରେ ପ୍ରାୟ ୮୦ ପ୍ରତିଶତ ପରିବାରକୁ ଚାଉଳ ଏବଂ ୬୦ ପ୍ରତିଶତ ପରିବାରଙ୍କୁ ସହାୟତା ରାଶି ବଣ୍ଟନ କରାଯାଇ ସାରିଲାଣି । ଏଥିସହିତ ୨୫୦୦ ପରିବାରଙ୍କୁ ଘରଭଙ୍ଗା ସହାୟତା ପ୍ରଦାନ କରାଯାଇସାରିଛି ଏବଂ ଏହି ପ୍ରକ୍ରିୟା ଜାରି ରହିଛି । ଏହା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ କୃଷି ଇନପୁଟ ସବସିଡି ପ୍ରଦାନ କରାଯାଉଛି । ସରକାରଙ୍କ ଏସଡିଆରଏଫ ନର୍ମରେ ପରିବର୍ତ୍ତନ କରାଯାଇ ବର୍ଦ୍ଧିତ ହାରରେ ସହାୟତା ପ୍ରଦାନ କରାଯାଉଛି ବୋଲି ସେ କହିଥିଲେ ।

ଯେଉଁ ମାନଙ୍କର ରାସନ କାର୍ଡ ନାହିଁ, ସେମାନଙ୍କୁ ତୁରନ୍ତ ବ୍ଲକ ଅଫିସ ସହ ଯୋଗାଯୋଗ କରି ରାସନ କାର୍ଡ ପାଇଁ ଆବେଦନ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ । ଯେପରି ଜଣେ ବି କେହି କ୍ଷତିଗ୍ରସ୍ତ ଲୋକ ସହାୟତା ପାଇବାରୁ ବଞ୍ଚିତ ନହେବେ, ସେଥିପାଇଁ ଘରକୁ ଘର ବୁଲି ସର୍ଭେ କରିବା ପାଇଁ ମଧ ଜିଲ୍ଲା ପ୍ରଶାସନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପନିପରିବା ଚାଷୀ, ଛୋଟ ବ୍ୟବସାୟୀ, ଉଠା ଦୋକାନୀ, ସମସ୍ତଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଥିଲେ । ଜିଲ୍ଲାର ଦୁଇଜଣ ମନ୍ତ୍ରୀ, ସାଂସଦ, ବିଧାୟକ ତଥା ଜିଲ୍ଲା ପ୍ରଶାସନର ସମ୍ମିଳିତ ଉଦ୍ୟମରେ ଗଞ୍ଜାମ ଜିଲ୍ଲାରେ ବାତ୍ୟା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ପରିଚାଳନା ସମୟରେ ଏକ ଟିମ୍ ଭଳି- ଟିମ୍ ଗଞ୍ଜାମ ଓ ଟିମ୍ ଓଡିଶା- କାମ କରିଥିବାରୁ ସଫଳତା ମିଳିଛି ବୋଲି ପ୍ରକାଶ କରି ଏଥିପାଇଁ ମୁଖ୍ୟମନ୍ତ୍ରୀ ସନ୍ତୋଷବ୍ୟକ୍ତ କରିଥିଲେ ।

ମୁଖ୍ୟମନ୍ତ୍ରୀଙ୍କ ଏହି କ୍ଷେତ୍ର ପରିଦର୍ଶନ କ୍ଷତିଗ୍ରସ୍ତ ଚାଷୀଙ୍କ ମନରେ ଆଶା ସଞ୍ଚାର କରିଛି । ମୁଖ୍ୟମନ୍ତ୍ରୀ ପ୍ରଥମେ ପୁରୁଷୋତ୍ତମପୁର ବ୍ଲକର ହାଣ୍ଡିଘର ଗ୍ରାମରେ ପହଞ୍ଚି ଜଳମଗ୍ନ ଚାଷଜମି ପରିଦର୍ଶନ କରିଥିଲେ । ବନ୍ୟାଜଳରେ ବୁଡ଼ି ରହିଥିବା ଧାନ ଫସଲର ସ୍ଥିତି ଦେଖିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ଚାଷୀମାନେ ନିଜ ଜମିରେ ହୋଇଥିବା ଫସଲ ନଷ୍ଟ ଓ ଆର୍ଥିକ କ୍ଷତି ସମ୍ପର୍କରେ ତାଙ୍କୁ ଅବଗତ କରାଇଥିଲେ । କ୍ଷୟକ୍ଷତିର ରିପୋର୍ଟ ଆଧାରରେ ଖୁବଶୀଘ୍ର ଉପଯୁକ୍ତ ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ପରେ ମୁଖ୍ୟମନ୍ତ୍ରୀ ଛତ୍ରପୁର ବ୍ଲକ। ବଡଳଗାଁ ନିକଟସ୍ଥ ଚାରିଛକରେ ପହଞ୍ଚି ଜଳମଗ୍ନ ଧାନକ୍ଷେତ ପରିଦର୍ଶନ କରିଥିଲେ । ସେଠାରେ ମଧ ବନ୍ୟାଜଳରେ ପ୍ରଭାବିତ ଚାଷଜମିର ସ୍ଥିତି ଅନୁଧ୍ୟାନ କରିବା ସହ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ଏହି ସମୟରେ ଚାଷୀ ବିଶ୍ୱନାଥ ବେହେରାଙ୍କ ସହ ମୁଖ୍ୟମନ୍ତ୍ରୀ ସିଧାସଳଖ କଥା ହୋଇ ଫସଲ କ୍ଷୟକ୍ଷତି ଓ ଚାଷୀଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଏହି ସମୟରେ ଉପସ୍ଥିତ ଥିଲେ । କୌଣସି ଯୋଗ୍ୟ ଚାଷୀ ଯେପରି ସରକାରୀ ସହାୟତାରୁ ବଞ୍ଚିତ ନହୁଅନ୍ତି, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ତ୍ୱରିତ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ କହିଥିଲେ ।

ଏସ୍‌ଆଇଆର୍‌ରେ...

ଦୁଇଟି ବର୍ଗରେ ବିଭକ୍ତ କରିବାକୁ ଟ୍ରିବ୍ୟୁନାଲଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଥମ ବର୍ଗରେ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ବ୍ୟକ୍ତିଙ୍କ ଆବେଦନ ଏବଂ ଦ୍ୱିତୀୟ ବର୍ଗରେ ଭୋଟର ତାଲିକାରେ ନାମ ସାମିଲ୍ ହେବାକୁ ବିରୋଧ କରି ଦାଖଲ ଆବେଦନ ରହିବ । ଖଣ୍ଡପୀଠ କହିଛନ୍ତି ଯେ, ଭୋଟର ତାଲିକାରେ ନାମ ସାମିଲ୍ ହେବା ବିରୋଧରେ ଦାଖଲ ଆବେଦନଗୁଡ଼ିକର ତୁରନ୍ତ ଶୁଣାଣିର ଆବଶ୍ୟକତା ନାହିଁ। ତେଣୁ ସେଗୁଡ଼ିକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଉ। ଅନ୍ୟପକ୍ଷରେ, ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ବ୍ୟକ୍ତିଙ୍କ ଆବେଦନଗୁଡ଼ିକର ଅନ୍ତିମ ନିଷ୍ପତ୍ତିକୁ ପ୍ରାଥମିକତା ଦିଆଯାଉ।

କୋଲକାତା ମହାନଗର ନିଗମ ଅଞ୍ଚଳରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ବ୍ୟକ୍ତିଙ୍କ ଆବେଦନଗୁଡ଼ିକୁ ମଧ ତୁରନ୍ତ ବିଚାରକୁ ନେବାକୁ କୋର୍ଟ କହିଛନ୍ତି। ଖୁବ୍‌ଶୀଘ୍ର ପୌର ନିର୍ବାଚନ ହେବାକୁ ଥିବାରୁ ଏହି ନିର୍ଦ୍ଦେଶ ଦିଆଯାଇଛି ।

ଆବେଦନଗୁଡ଼ିକର ଶୀଘ୍ର ଫଇସଲା ପାଇଁ ନିର୍ବାଚନ ଆୟୋଗଙ୍କୁ ଟ୍ରିବ୍ୟୁନାଲଗୁଡ଼ିକର ସଂଖ୍ୟା ବୃଦ୍ଧି କରିବାକୁ ମଧ ସୁପ୍ରିମକୋର୍ଟ କହିଛନ୍ତି। ଏଥିପାଇଁ କଲିକତା ହାଇକୋର୍ଟ ସହ ପରାମର୍ଶ କରିବାକୁ ନିର୍ଦ୍ଦେଶ ରହିଛି । ଏହାସହ କୋଲକାତାର ବିଭିନ୍ନ ସ୍ଥାନରେ ଟ୍ରିବ୍ୟୁନାଲଗୁଡ଼ିକ ପାଇଁ ବିକଳ୍ପ କାର୍ଯ୍ୟାଳୟ ଚିହ୍ନଟ କରିବାକୁ ଭାରତୀୟ ନିର୍ବାଚନ ଆୟୋଗକୁ କୁହାଯାଇଛି ।

ଆବେଦନଗୁଡ଼ିକର ଶୁଣାଣି ସମୟରେ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଏବଂ ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ୍ ଖଣ୍ଡପୀଠଙ୍କ ନିକଟରେ ପକ୍ଷ ରଖିଥିଲେ। ଭୂଷଣ କହିଥିଲେ ଯେ, ମୋଟ ୩୮ ଲକ୍ଷ ଆବେଦନ ମଧ୍ୟରୁ ଏପର୍ଯ୍ୟନ୍ତ ମାତ୍ର ଏକ ଲକ୍ଷରୁ ଅଧିକ ଆବେଦନର ଫଇସଲା ହୋଇଛି । ଫଇସଲା ହୋଇଥିବା ଆବେଦନଗୁଡ଼ିକ ମଧ୍ୟରୁ ୯୩ ପ୍ରତିଶତ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ବ୍ୟକ୍ତିଙ୍କ ସପକ୍ଷରେ ରହିଛି । କୋଲକାତା ମହାନଗର ଅଞ୍ଚଳରୁ ଦୁଇ ଲକ୍ଷରୁ ଅଧିକ ଭୋଟରଙ୍କ ନାମ ବାଦ୍ ପଡ଼ିଥିବା ବେଳେ ସେମାନଙ୍କ ଆବେଦନ ବିଚାରାଧୀନ ରହିଛି ବୋଲି ଭୂଷଣ ଦର୍ଶାଇଥିଲେ ।

ତିନିଦିନ...

ସରକାର ଅଢ଼େଇ ବର୍ଷ ଭିତରେ ୨୦ ଲକ୍ଷ ୨୦ ହଜାର ୬୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦେଇସାରିଲେଣି । ଏବେ ଯୋଗ୍ୟତା ହିଁ ଏକମାତ୍ର ମାନଦଣ୍ଡ । ଲୋକଙ୍କୁ ପାଖକୁ ଭତ୍ତା ଯିବ ବୋଲି ଶାସକ ସଭ୍ୟ କହିଛନ୍ତି ।

ଶୀତକାଳୀନ ଅଧିବେଶନ ତିନିଦିନ ଅଚଳ ପରେ ସୋମବାର ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଛି । ଆଜି ବିରୋଧୀ ବିଜେଡି ଦ୍ୱାରା ଆଗତ "ସୁନ୍ଦରଗଡ଼ କୋଇତା ଅଞ୍ଚଳରେ ୬ ମାସ ପର୍ଯ୍ୟନ୍ତ ଭିନ୍ନକ୍ଷମ ଭତ୍ତା ନମିଳିବାରୁ ହିତାଧିକାରୀଙ୍କ ଆତ୍ମହତ୍ୟା ଉଦ୍ୟମ' ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଲୋଚନାକୁ ଆରମ୍ଭ କରି ବିଜେଡି ସଭ୍ୟ ଧ୍ରୁବ ଚରଣ ସାହୁ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଥିଲେ । ସେ କହିଲେ, ରାଜ୍ୟର ଲକ୍ଷ ଲକ୍ଷ ହିତାଧିକାରୀ ଭତ୍ତା ନପାଇ ଅସହାୟ, ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି । ଗଞ୍ଜାମ ବେଗୁନିଆପଡ଼ା ବ୍ଲକ ଅଞ୍ଚଳରେ ଗତ ଜୁନ୍ ୧୭ ତାରିଖରେ ପି. ସାବିତ୍ରୀ ଦୋରା ୩ ମାସର ବାର୍ଦ୍ଧକ୍ୟ ଭତ୍ତା ନପାଇ ଆତ୍ମହତ୍ୟା କଲେ । ସେହିପରି ଗତ ଅକ୍ଟୋବର ୨୫ ତାରିଖରେ ଢେଙ୍କାନାଳ ଜିଲ୍ଲାରେ ଘନଶ୍ୟାମ ସାହୁ ନାମକ ଜଣେ ହିତାଧିକାରୀ ଭତ୍ତା ନପାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ସରକାର ସମସ୍ତଙ୍କୁ ୩୦୦୦ ଟଙ୍କା ଭତ୍ତା ଦେବାକୁ ପ୍ରତିଶ୍ରୁତି ଦେଇ ସରକାରକୁ ଆସିଥିଲେ । ମାତ୍ର ତାହାକୁ ଭୁଲିଗଲେ । ବିଜେଡି ସଭ୍ୟ ଗୌତମ ବୁଦ୍ଧ ଦାସ କହିଥିଲେ, ସରକାର ଗୋଟିଏ ପରେ ଗୋଟିଏ ଆତ୍ମହତ୍ୟାକୁ ଅପେକ୍ଷା କଲେ । ଆପଣ ରାଜ୍ୟର ପ୍ରତ୍ୟେକ ବୁଦ୍ଧବୃଦ୍ଧାଙ୍କ ଆଖିରେ ଲୁହ ଦେଇଛନ୍ତି । ପୂର୍ବରୁ ପ୍ରତ୍ୟେକ ୧୫ ତାରିଖରେ ଲୋକେ ଭତ୍ତା ପାଉଥିଲେ । ୬ ମାସ ହେଲାଣି ଭତ୍ତା ଦେଇ ପାରୁନାହାନ୍ତି । ଅଢେଇ ବର୍ଷ ଧରି କୋମାରେ ରହିବା ପରେ ଶେଷରେ ନୂଆ ୫ ଲକ୍ଷ ୫ହଜାର ହିତାଧିକାରୀଙ୍କୁ ଯୋଡ଼ିଲେ ବୋଲି ସେ କଟାକ୍ଷ କରିଥିଲେ । ବିଜେଡି ସଭ୍ୟ ସାରଦା ପ୍ରସନ୍ନ ଜେନା କହିଥିଲେ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ଭତ୍ତା ଦେବାରେ ବିଫଳ ହୋଇଛି । ସବୁ କମ୍ପ୍ୟୁଟର ମେସିନକୁ ଦୋଷ ଦେଇଦେଲେ ହେବନି । ଯେଉଁ ବ୍ୟକ୍ତି ଭତ୍ତା ପାଉନାହାନ୍ତି, ସେମାନଙ୍କ ନିକଟରେ ଭତ୍ତା ପହଞ୍ଚାଇବାକୁ ପଡିବ । ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମମାନଙ୍କୁ ଭତ୍ତା ମିଳୁନି । ରାଜ୍ୟରେ ୭ ଲକ୍ଷ ଆବେଦନ କରିଥିଲେ ମଧ ୫ ଲକ୍ଷ ଲୋକ ପିଇଲେ । ହିତାଧିକାରୀଙ୍କ ଘରକୁ ଯାଇ ଭତ୍ତା ପ୍ରଦାନ କରନ୍ତୁ ।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଗରିବ ଲୋକଙ୍କୁ ଭତ୍ତା ଦେବା ପାଇଁ ଯେଉଁ ନିଷ୍ପତ୍ତି ନେଇଥିଲେ, ତାହା ଏବେ ବରଦାନ ସଦୃଶ । କୋଇତାରେ ୪୦ ପ୍ରତିଶତ ଆଦିବାସୀ ଅଛନ୍ତି । ଏବେ ବି ଗାଁମାନଙ୍କରେ ବହୁତ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି । ସରକାର ସାମାଜିକ ସୁରକ୍ଷା ଦେବାରେ ବିଫଳ । ଏବର ସରକାର ନିର୍ବାଚନୀ ଇସ୍ତାହାରରେ ୩୦୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ, ତେବେ ତୁରନ୍ତ ବର୍ଦ୍ଧିତ ଟଙ୍କା ପ୍ରଦାନ କରନ୍ତୁ ବୋଲି ସେ ଦାବି କହିଥିଲେ । କଂଗ୍ରେସ ସଭ୍ୟ ଅଶୋକ କୁମାର ଦାସ କହିଥିଲେ, ଗଞ୍ଜାମ ଜିଲ୍ଲାର ସାବିତ୍ରୀ ଦେବୀ, ବାସୁଦେବପୁର ବ୍ଲକ ୯୦ ବର୍ଷ ରଘୁନାଥ ପାଢ଼ୀ ଘୁଷୁଡ଼ି ଘୁଷୁଡ଼ି ଆସି ୮ ମାସର ବକେୟା ଭତ୍ତା ନେଇଥିଲେ । ସରକାର ଦାୟିତ୍ୱ ନେବାର ଅଢ଼େଇ ବର୍ଷ ହେଲାଣି, ହେଲେ ୮ ମାସର ଭତ୍ତା ପାଇନାହାନ୍ତି । ସରକାର ଆସିବା ପୂର୍ବରୁ ୩୦୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଏବେ ହାତରେ ୭୦୦ ଟଙ୍କା ଓ ୩୦୦ ଟଙ୍କା ବ୍ୟାଙ୍କ ଆକାଉଣ୍ଟ ଯାଉଛି । ୩୦୦ ଟଙ୍କା ଭତ୍ତା ଆଣିବା ଠାରୁ ଅଟୋ ଭଡ଼ା ବଳିଯିବ । ଯେଉଁମାନେ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କ ଲାଗି ସତନ୍ତ୍ର ଡେସ୍କ ଖୋଲନ୍ତୁ । ବିଜେପି ସଭ୍ୟ ବାବୁ ସିଂ କହିଥିଲେ, ଏହାକୁ ନିର୍ବାଚନ ମୁଦ୍ଦା କରିବା ଉଚିତ ନୁହେଁ । ପୂର୍ବ ସରକାର ୨୦୦୮ରେ ମଧୁବାବୁ ପେନସନ ଯୋଜନା ଆରମ୍ଭ କରି ୨୦୦ ଟଙ୍କା ଦେଉଥିଲେ । ୨୦୧୩ରେ ଭତ୍ତା ବୃଦ୍ଧି ଲାଗି ୨୦୦, ୩୦୦ ଘୋଷଣା କଲେ, ହେଲେ ଶେଷ ବେଳକୁ ବଢ଼େଇଲେ । ୨୦୧୪ ପ୍ରତିଶ୍ରୁତିକୁ ୨୦୧୯ ଫ୍ରେୟାରୀରେ ୩୦୦ ଓ ୫୦୦ ଟଙ୍କା ବଢ଼େଇଲେ । ୨୦୧୯ରେ ସରକାରକୁ ଆସିଲା ପରେ ଭତ୍ତା କଥା ଭୁଲିଗଲେ । ୨୦୨୪ ଫେବୃଆରୀରେ ୫୦୦, ୭୦୦ ଟଙ୍କାରୁ ୧୦୦୦ , ୧୨୦୦ ଟଙ୍କା କଲେ । ନିର୍ବାଚନ ଆସିଲେ ପୂର୍ବ ସରକାରର ଭତ୍ତା ବୃଦ୍ଧି କଥା ମନେ ପଡେ । ଏବର ସରକାର ଅଢ଼େଇ ବର୍ଷ ଭିତରେ ୨୦ ଲକ୍ଷ ୨୦ ହଜାର ୬୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦେଇସାରିଲେଣି । ଏବେ ଯୋଗ୍ୟତା ହିଁ ଏକମାତ୍ର ମାନଦଣ୍ଡ । ଲୋକଙ୍କୁ ପାଖକୁ ଭତ୍ତା ଯିବ । ବିଜେପି ସଭ୍ୟ ଇରାଶିଷ ଆଚାର୍ଯ୍ୟ କହିଥିଲେ, ନିଶ୍ଚତ ଭାବେ ସ୍ୱୀକାର କରିବାକୁ ପଡିବ ଯେ ଯେତିକି ଲୋକ ଭତ୍ତା ଆବେଦନ କରିଥିଲେ ସେମାନଙ୍କୁ ଭତ୍ତା ମିଳିଛି । ଏ ହେଉଛି, ମୋହନ ସରକାର ଓ ଡବଲ ଇଞ୍ଜିନ ସରକାର । ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ଦିଆଯାଇଛି । ପୂର୍ବ ସରକାର ଦଳୀୟ ଭିତ୍ତିରେ ଭତ୍ତା ଦେଉଥିଲେ । ଏବର ସରକାର ପୋର୍ଟାଲରେ ଆବେଦନ କଲେ ଯୋଗ୍ୟ ହିତାଧୀକାରୀ ଭତ୍ତା ପାଇବେ । ଓଡିଶାରେ ୧୩.୨ପ୍ରତିଶତ ଅର୍ଥାତ ୪୧ଲକ୍ଷ ୮୮୦ ଜଣକୁ ଭତ୍ତା ଦିଆଯାଉଛି । ଆମ ସରକାରରେ ୮୮ ବର୍ଷ ବ୍ୟକ୍ତି ପ୍ରଥମ ଥର ପାଇଁ ଭତ୍ତା ପାଇଲେ । ଗତ ୨୪ ବର୍ଷରେ କିପରି ଏ ବ୍ୟକ୍ତି ବଞ୍ଚିତ ହେଲେ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେହିପରି ବିଜେପି ସଭ୍ୟ ଅମର କୁମାର ନାୟକ ଓ ଜଜେନ୍ ନାଏକ ଆଲୋଚନାରେ ଭାଗ ନେଇଥିଲେ ।

ଲାଞ୍ଚ...

ବ୍ୟବସାୟୀଙ୍କ କହିବାନୁଯାୟୀ ସିବିଆଇର ସ୍ୱତନ୍ତ୍ର ଟିମ୍ ସୋମବାର ଜିଏସ୍‌ଟି ଅଫିସ୍‌ରେ ଜାଲ ବିଛାଇଥିଲେ । ବ୍ୟବସାୟୀ ଜଣକ ଲାଞ୍ଚ ଦେବା ବେଳେ ଜଣେ ସୁପରିଟେଣ୍ଡେଣ୍ଟଙ୍କୁ ସିବିଆଇ ସ୍ୱତନ୍ତ୍ର ଟିମ୍ ମାଡିବସିଲା । । ଏହି ଦୁଇ ଅଧିକାରୀ ହେଉଛନ୍ତି ଟିକେଲାଲ୍ ସୁଲିଆ ଓ ଦିଲ୍‌କିଶୋର ରମଣ ।

ମୁଣ୍ଡିପିଛା...

ଜିଏସ୍‌ଡିପି ଅନୁପାତ ୨୫ % ସୀମା ମଧ୍ୟରେ ରହିବା ଆବଶ୍ୟକ । ତେବେ ଏହି ଅନୁପାତ ୧୨.୪୩ ପ୍ରତିଶତ ରହିଛି । ଅର୍ଥାତ୍ ଧାର୍ଯ୍ୟ ସୀମା ଠାରୁ କମ୍ ରହିଥିବା ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

୫.୫ ଲକ୍ଷଙ୍କୁ...

ପାଇଁ ସେ ପାଇନଥିଲେ, ଆମ ସରକାର ତାଙ୍କ ଘରକୁ ଯାଇ ୧୪୦୦୦ ଟଙ୍କା ଦେଇଛନ୍ତି । ପୂର୍ବ ସରକାର ଯୋଗ୍ୟ ହିତାଧିକାରୀମାନଙ୍କୁ ଭତ୍ତା ଦେଉନଥିଲେ । ସେମାନେ ଭତ୍ତା ଟଙ୍କା ପାଇବାକୁ ଚାହିଁ ଚାହିଁ ମୃତ୍ୟୁବରଣ କରୁଥିଲେ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୃହରେ ଉତ୍ତର ରଖିଛନ୍ତି ।

ମୁଲତବୀ ପ୍ରସ୍ତାବ ଆଲୋଚନାରେ ମନ୍ତ୍ରୀ ଶ୍ରୀ ଗଣ୍ଡ ବିବୃତ୍ତି ଦେଇ କହିଥିଲେ, ୫ ଲକ୍ଷ ୫୮୧୭ ଜଣଙ୍କୁ ନୂଆ ଭତ୍ତା ପ୍ରଦାନ କରାଯାଇଛି । ଏ ସରକାର କଥାରେ ନୁହେଁ କାମରେ ଦେଖାଇଛନ୍ତି । ଏବର ସରକାର ୮୦ ବର୍ଷ ବୟସ୍କ ଲାଗି ୩୦୦୦ ଟଙ୍କା ଓ ଭିନ୍ନକ୍ଷମଙ୍କ ପାଇଁ ୩୫୦୦ ଟଙ୍କା ଭତ୍ତା ଦେଇଛନ୍ତି । ଚଳିତମାସ ୧୦ ତାରିଖରେଯୁପିଏମପି ପୋର୍ଟାଲ ଲୋକାର୍ପିତ ହୋଇଛି । ଏହି ପୋର୍ଟାଲରେ ଯୋଗ୍ୟ ହିତାଧିକାରୀ ଆବେଦନ କରିପାରିବେ । ଦୀର୍ଘଦିନ ଧରି ପୂର୍ବ ସରକାର ଏ ବିଭାଗକୁ ଗୋଳିଆ କରି ରଖିଥିଲେ। ମୋହନ ସରକାର ଆସିବା ପରେ ସବୁ ଠିକ ହୋଇଛି ।

ସାମାଜିକ ସୁରକ୍ଷା ପ୍ରତି ଓଡ଼ିଶା ସରକାରଙ୍କ ନିରନ୍ତର ପ୍ରତିବଦ୍ଧତା ରହିଛି । ବରିଷ୍ଠ, ନାଗରିକ, ବିଧବା, ଭିନ୍ନକ୍ଷମ, ବ୍ୟକ୍ତି ଏବଂ ସମାଜର ଅବହେଳିତ ବର୍ଗଙ୍କ ସମ୍ମାନ ଓ ଆର୍ଥିକ ସ୍ୱାଧୀନତାକୁ ପ୍ରାଥମିକତା ଦେଇ ସରକାର ତୃଣମୂଳସ୍ତରରେ ଲୋକଙ୍କ ନିକଟରେ ପହଞ୍ଚିପାରିଛନ୍ତି । ମଧୁବାବୁ ପେନସନ ଯୋଜନାରେ ୩୬୭୫୦୦୮ ଜଣ ହିତାଧିକାରୀ ଏବଂ ଭାରତ ସରକାରଙ୍କ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଯେଜନାରେ ୧୯, ୯୦, ୦୯୨ ଜଣ ହିତାଧିକାରୀଙ୍କୁ ଭତ୍ତା ଦିଆଯାଉଛି ।

ଠିକଣା...

ନବୀନ କହିଛନ୍ତି ଯେ ମୋର ବିଦେଶ ଗସ୍ତ ବହୁତ ସୀମିତ । ଓଡିଶାର ସ୍ୱାର୍ଥ ପାଇଁ ବିଦେଶକୁ ଯାଇଥିଲି । ମୋର ମୋ ଅଧିକାରୀଙ୍କ ବିରୋଧରେ ମିଛ ଅଭିଯୋଗ ଅଣାଯାଇଛି । ଠିକ୍ ସମୟରେ ଏହାର ଉଚିତ ଜବାବ୍ ଦିଆଯିବ ।

ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ରାଜସ୍ଥାନ ପଞ୍ଚାୟତ ନିର୍ବାଚନରେ ବିରୋଧୀ ବହୁତ ଭଲ ପ୍ରଦର୍ଶନ କରିଛନ୍ତି। ଏଥିଲାଗି ଓଡିଶାରେ ପଞ୍ଚାୟତ ନିର୍ବାଚନ ବିଳମ୍ବ ହେବାର ଆଶଙ୍କା ରହିଛି। ସୂଚନାଯୋଗ୍ୟ ପୂର୍ବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ବ୍ୟକ୍ତିଗତ ସଚିବ ଭି.କେ ପାଣ୍ଡିଆନ୍ ଓ ଆଇପିଏସ୍ ରବିକାନ୍ତଙ୍କ ଜାପାନ ଓ ଇଟାଲୀ ଗସ୍ତର ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୨-୨୩ ଓ ୨୦୨୩ -୨୪ରେ ଏହି ବିଦେଶ ଗସ୍ତ ହୋଇଥିଲା। ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ସଚିବ ଏହାର ତଦନ୍ତ କରିବେ। ତେବେ ଏହାକୁ ନେଇ ଏବେ ବିଜେପି ଓ ବିଜେଡି ମଧ୍ୟରେ ବାକ୍ ଯୁଦ୍ଧ ଆରମ୍ଭ ହୋଇଛି। କଂଗ୍ରେସ ମଧ ଏହି ଘଟଣାରେ କଟାକ୍ଷ କରିଛି। ଏସବୁ ଭିତରେ ଆଜି ଶ୍ରୀ ପଟ୍ଟନାୟକ ତାଙ୍କ ମୁହଁ ଖୋଲିଛନ୍ତି।

ଚାଷୀଙ୍କ...

ବାଉଁଶ ଓ ଜାଲରେ ଉପରକୁ ଚଢ଼େ, କମ ଜମିରେ ବେଶି ଅମଳ ହୁଏ, ରୋଗ ବି କମ ହୁଏ ସେଭଳି ବୈଜ୍ଞାନିକ ଉପାୟ ପ୍ରଶିକ୍ଷଣ ଦିଆଗଲା । ସେ ଜଗଦଲପୁରକୁ ପ୍ରଶିକ୍ଷଣରେ ଗଲେ, ସେଠାରେ ଅନ୍ୟ ସଫଳ ଚାଷୀଙ୍କୁ ଦେଖି ଅନେକ କିଛି ଶିକ୍ଷାଲାଭ କଲେ । ପରବର୍ତ୍ତି ସମୟରେ କୃଷି ବିଭାଗ ତରଫରୁ ବିହନ ଓ ପୋତ୍ସାହନ ରାଶି ପାଇଲେ । ଦୁର୍ଜ ପ୍ରଥମେ ନିଜ ଜମିରେ ଅଳ୍ପ ଜାଗାରେ ପରୀକ୍ଷଣମୂଳକ ଭାବେ ପ୍ରଶିକ୍ଷଣ ପାଇଥିବା ଜ୍ଞାନକୌଶଳକୁ ପ୍ରୟୋଗ କଲେ, ଆଉ ତାହା ସଫଳ ମଧ ହେଲା । ଗଛ ହୃଷ୍ଟପୃଷ୍ଟ ହେଲା, ଅମଳ ବଢ଼ିଲା । ତାଙ୍କ ଜମି ଏବେ ଗାଁ ଲ

ଦରଦାମ୍ ବୃଦ୍ଧି ପ୍ରତିବାଦରେ ଓଡ଼ିଶା ଜନତା କଂଗ୍ରେସର ବିଧାନସଭା ଘେରାଉ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ ଅହେତୁକ ଦରଦାମ୍ ବୃଦ୍ଧି ଯୋଗୁଁ ସାଧାରଣ ଜନତାଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଥିବା ବେଳେ ଏହାର ପ୍ରତିବାଦରେ ଆଜି ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ଭୁବନେଶ୍ୱରରେ ବିଶାଳ ପ୍ରତିବାଦ ଶୋଭାଯାତ୍ରା ସହ ବିଧାନସଭା ଘେରାଉ କରାଯାଇଛି । ୫ ହଜାରରୁ ଊର୍ଦ୍ଧ୍ୱ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସମାବେଶରେ ଓଜେସି ସଭାପତି ଇଂ ମହମ୍ମଦ ମୋକିମ୍ ଓଡ଼ିଶାରେ ବେଲଗାମ୍ ବଜାର ଦର ପ୍ରତିବାଦରେ ବିଧାନସଭା ଘେରାଉ କରିଥିଲେ । ରାଜ୍ୟର କୋଣ ଅନୁକୋଣରୁ ଆସିଥିବା ସମସ୍ତ ଜନତାଙ୍କ ଉପସ୍ଥିତିରେ ସେ କହିଥିଲେ ଯେ, ସରକାର ଆଜି ଗରିବ, ମଧ୍ୟବିତ୍ତ ଓ ନିମ୍ନମଧ୍ୟବିତ୍ତ ପରିବାରର କଥା ସଂପୂର୍ଣ୍ଣ ରୂପେ ଭୁଲିଯାଇଛନ୍ତି । କ୍ୟାବିନେଟ୍ ପରେ କ୍ୟାବିନେଟ୍ ବୈଠକ ବସୁଛି କିନ୍ତୁ ଲୋକଙ୍କ ସରକାର ଓଡ଼ିଆବାସୀଙ୍କ ସମସ୍ୟାର ସମାଧାନ କରିପାରିଲେ ନାହିଁ । ଅତ୍ୟାବଶ୍ୟକୀୟ



ସାମଗ୍ରୀ ବିଶେଷ କରି ପନିପରିବା, ରୋଷେଇ ଗ୍ୟାସ୍, ଡାଲି, ଚାଉଳ, ତେଲ ଏବଂ ଔଷଧ ପରି ସାମଗ୍ରୀର ଦରଦାମ ଆକାଶଛୁଆଁ ହେବାଫଳରେ ଲୋକଙ୍କ ପେଟକୁ କାଟୁଛି ଓ ପକେଟ କଟୁଛି । ଦରଦାମ ନିୟନ୍ତ୍ରଣ କରିବା ପାଇଁ ସରକାରଙ୍କର କୌଣସି ଆଭିମୁଖ୍ୟ ଥିଲା ଭଳି ମନେହେଉନାହିଁ । ସରକାରକୁ ଚେତାବନୀ ଦେଇ କହିଥିଲେ ଯେ, ଯଦି ଦରଦାମକୁ ନିୟନ୍ତ୍ରଣକୁ ଆଣିବାରେ ସରକାର ସଫଳ ନ ହୁଅନ୍ତି ଓ ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କ କଥା ନ ବୁଝିଛନ୍ତି, ଆଗାମୀ ଦିନରେ ପ୍ରତ୍ୟେକ ଜିଲ୍ଲାରେ ଓଜେସି ପକ୍ଷରୁ ସରକାରଙ୍କ ବିରୋଧରେ ପ୍ରଦର୍ଶନ କରାଯିବ ଏବଂ ସରକାରକୁ ନିଦରେ ଶୁଆଇ ଦିଆଯିବ ନାହିଁ ।

ଆଜିର ଏହି ବିଧାନସଭା ଘେରାଉ କାର୍ଯ୍ୟକ୍ରମରେ ଓଜେସି ପକ୍ଷରୁ ଅଭିନବ ଉପାୟରେ ଗ୍ୟାସ୍ ସିଲିଣ୍ଡର, ପିଆଜ ମାଳ ଏବଂ ପନିପରିବା ଟୋକେଇ ଧରି କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ବିରୋଧ ପ୍ରଦର୍ଶନ କରାଯାଇଥିଲା । ଓଜେସି ଉପସଭାପତି ତଥା ଭୁବନେଶ୍ୱର ଜିଲ୍ଲା ସଭାପତି ବଦ୍ରିନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ କଟକ ସହର ସଭାନେତ୍ରୀ ଗିରିବାଳା ବେହେରା, ଉପସଭାପତି ନଜିବୁର ରେହମାନ ଖାନ୍, ପ୍ରଦୀପ ପ୍ରଧାନ, କଟକ ଜିଲ୍ଲା ସଭାପତି ଅନିଲ ବେଉରା, ଯାଜପୁର ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତି, ଜଗତସିଂହପୁର ଜିଲ୍ଲା ସଭାପତି ସତ୍ୟଦୀପ ବିଶ୍ୱାଳ, କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ଅଶୋକ ପ୍ରତିହାରୀ, କୋରାପୁଟ ଜିଲ୍ଲା ସଭାପତି ମନୋଜ କୁମାର ବାଘ, ବଲାଙ୍ଗିର ଜିଲ୍ଲା ସଭାପତି ରୂପେଶ କୁମାର ବେହେରା, ମିଡିଆ ସେଲ୍ ଚେୟାରମ୍ୟାନ ପ୍ରଶାନ୍ତ ଶତପଥି, ଯୁବ ଜନତା କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କା, ଛାତ୍ର ଜନତା କଂଗ୍ରେସ ସଭାପତି ଆଦିତ୍ୟ ପ୍ରସାଦ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଦରବୃଦ୍ଧି ବିରୁଦ୍ଧରେ ସରକାରଙ୍କ ଆଭିମୁଖ୍ୟକୁ କଠୋର ସମାଲୋଚନା କରିଥିଲେ ।



କଳିଙ୍ଗ ପୁସ୍ତକ ମେଳାର ଉଦ୍‌ଯାପନୀ ଉତ୍ସବରେ ଲେଖିକା ହରପ୍ରିୟା ରାଉତରାୟ ସମ୍ମାନିତ ।

ଓଷ୍ଟାର ନବ ନିର୍ବାଚିତ ପଦାଧିକାରୀମାନଙ୍କ ଶପଥ ଗ୍ରହଣ ଉତ୍ସବ

ରଞ୍ଜନ କୁମାର ଦାଶ ପୁଣି ହେଲେ ସାଧାରଣ ସମ୍ପାଦକ

କଟକ, (ସବ୍ୟୁ) : ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ସାମ୍ବିଧାନିକ ସମ୍ମିଳନୀ ନଭେମ୍ବର ୧୪ ଓ ୧୫ ଦୁଇଦିନ ଧରି ଇଡ୍‌କୋ ଟାୱାର, ମହିଷପାଟ, ଢେଙ୍କାନାଳ ଠାରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ପଦ ପଦବୀ ପାଇଁ ଗଣତାନ୍ତ୍ରିକ ପଦ୍ଧତିରେ ହୋଇଥିବା ନିର୍ବାଚନରେ ୩୧ ଜଣ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ତେବେ ସମସ୍ତ ନିର୍ବାଚିତ ପ୍ରତିନିଧିମାନେ ପଦ ଓ ଗୋପନୀୟତାର ଶପଥ ପାଠ କରିଥିଲେ । ତେବେ ପୂର୍ବରୁ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ରଞ୍ଜନ କୁମାର ଦାଶ ଏଥର ମଧ୍ୟ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ପୁନଃ ସାଧାରଣ ସମ୍ପାଦକ ପଦ ବଜାୟ ରଖିଛନ୍ତି। ଏହି ଶପଥ ପାଠ ପ୍ରକ୍ରିୟାରେ ପ୍ରାକ୍ତନ ସଭାପତି ଅକ୍ଷୟ କୁମାର ମିଶ୍ର ଓ କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ ନୂତନ କର୍ମକର୍ତ୍ତାମାନଙ୍କୁ ଶପଥପାଠ କରାଇଥିଲେ । ପ୍ରଭାତ କୁମାର ରଥ -ସଭାପତି, ମାଣିକେଶ୍ୱର ସ୍ୱାଇଁ -କାର୍ଯ୍ୟକାରୀ ସଭାପତି, ଅରୁଣ କୁମାର ବଳ, କେଶବ ଚନ୍ଦ୍ର ନାୟକ, ମନୋଜ କୁମାର ପାଢୀ, ଶଶି ଶେଖର କରଶର୍ମା, ଗୌରାନନ୍ଦନ ହୋତା, ଶ୍ରୀରାମ ରାଉତ, ପବିତ୍ର ମୋହନ ଦାଶ, ସୁଶାନ୍ତ କୁମାର ଖୁଣ୍ଟିଆ, ପ୍ରଭାତ ନଳିନୀ ବେହେରା, ଯୋଗିତା କୁମାରୀ ପାଣିଗ୍ରାହୀ -ଉପସଭାପତି, ରଞ୍ଜନ କୁମାର ଦାଶ -ସାଧାରଣ ସମ୍ପାଦକ, ତ୍ରିଲୋଚନ ଦାସ -ଯୁଗ୍ମସାଧାରଣ ସମ୍ପାଦକ, ବ୍ରଜ କିଶୋର ବିଶ୍ୱାଳ -କୋଷାଧ୍ୟକ୍ଷ, ମଧୁସୂଦନ ଦେ, ଚିତ୍ତରଞ୍ଜନ ପଳତା, ସଞ୍ଜୟ କୁମାର ସିଂ, ମୃତ୍ୟୁଞ୍ଜୟ ପଲେଇ, ହରିପଦ ଭୂୟାଁ, ପ୍ରଣବ କିଶୋର ନାୟକ, ଅନୀଲ କୁମାର ସାହୁ, ଅନୀଲ କୁମାର ଜେନା, ରାଜଲକ୍ଷ୍ମୀ ବେହେରା, ସରୋଜିନୀ ସ୍ୱାଇଁ -ସମ୍ପାଦକ, ଦିଲ୍ଲୀପ କୁମାର ମାହାନ୍ତ, ସୁଶାନ୍ତ କୁମାର ଦାଶ, ଶ୍ରୀମନ୍ତ କୁମାର ମହାପାତ୍ର - ସହ ସମ୍ପାଦକ, ପ୍ରଦୀପ୍ତ କୁମାର ପ୍ରଧାନ -ସମ୍ପାଦକ ଶିକ୍ଷାପ୍ରଦୀପ, ସନ୍ତୋଷ କୁମାର ପ୍ରଧାନ ଓ ଅରୁଣ କୁମାର ମହାରଣା - ସହ ସମ୍ପାଦକ ଶିକ୍ଷାପ୍ରଦୀପ ପଦବୀ ନିମନ୍ତେ ନିର୍ବାଚିତ ହୋଇଛନ୍ତି ।

ରାଜ୍ୟର ସମନ୍ୱିତ ବିକାଶ ଲାଗି ଆସିଲା "ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ (ସଂଶୋଧନ) ବିଧେୟକ

ଗଠନ ହେବ "ଅର୍ଥନୈତିକ ଅଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ'

ଭୁବନେଶ୍ୱର(ସବ୍ୟୁ): ରାଜ୍ୟର ଆର୍ଥିକ ଓ ଭିତ୍ତିଭୂମି ବିକାଶକୁ ନୂଆ ଦିଶା ଦେବା ପାଇଁ ରାଜ୍ୟ ସରକାର "ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ (ସଂଶୋଧନ) ବିଧେୟକ, ୨୦୨୬' ଆଣିଛନ୍ତି । ୧୯୮୨ ମସିହାର ମୂଳ ଆଇନରେ ସଂଶୋଧନ କରାଯାଇ ଏକାଧିକ ସହର, ବନ୍ଦର, ଶିଳ୍ପାଞ୍ଚଳ ଓ ଗ୍ରାମାଞ୍ଚଳର ସମନ୍ୱିତ ବିକାଶ ପାଇଁ "ଅର୍ଥନୈତିକ ଅଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ' (ଇଆରଡିଏ) ଗଠନ କରିବାକୁ ଏହି ବିଲରେ ବ୍ୟବସ୍ଥା କରାଯାଇଛି ।

ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ, ଏହି ବିଧେୟକ ଆଇନରେ ପରିଣତ ହେବା ପରେ ପ୍ରଥମ ପର୍ଯ୍ୟାୟରେ "ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳକୁ ପ୍ରଥମ ଅର୍ଥନୈତିକ ଅଞ୍ଚଳ ଭାବେ ଘୋଷଣା କରାଯିବ । ଖୋର୍ଦ୍ଧା, କଟକ, ପୁରୀ ଓ ଜଗତସିଂହପୁର ଜିଲ୍ଲାକୁ ନେଇ ଗଠିତ ଏହି ବୃହତ ଅଞ୍ଚଳର ବିକାଶ ପାଇଁ "କେନ୍ଦ୍ରୀୟ ଅର୍ଥନୈତିକ ଅଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ' ଗଠନ ହେବ । ଏହାର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରେ ରହିବାକୁ ଥିବା ବେଳେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ), କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ), ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ (ପିକେଡିଏ) ଓ ପାରାଦୀପ ଉନ୍ନୟନ କର୍ତ୍ତୃପକ୍ଷ (ପିଡିଏ) ଉନ୍ନୟନ କର୍ତ୍ତୃପକ୍ଷର କାର୍ଯ୍ୟାଳୟଗୁଡ଼ିକ ଏହାର ଶାଖା କାର୍ଯ୍ୟାଳୟ ଭାବେ କାର୍ଯ୍ୟ କରିବ । ତେବେ ପୂର୍ବରୁ କାର୍ଯ୍ୟରତ ଉନ୍ନୟନ କର୍ତ୍ତୃପକ୍ଷଗୁଡ଼ିକ ଉଚ୍ଛେଦ ନହୋଇ ସେମାନଙ୍କ ଅଧୀନରେ ଥିବା ଅଧିକାରୀ ଓ କର୍ମଚାରୀମାନେ ପୂର୍ବଭଳି କାର୍ଯ୍ୟ ଜାରି ରଖିବେ ।

ଏହି ନୂତନ ବ୍ୟବସ୍ଥା ଫଳରେ ସହରାଞ୍ଚଳ ସହିତ ଆଖପାଖ ଗ୍ରାମାଞ୍ଚଳର ସନ୍ତୁଳିତ ବିକାଶ ହୋଇପାରିବ । ବନ୍ଦର, ଶିଳ୍ପାଞ୍ଚଳ ଓ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ଉନ୍ନତ ଯୋଗାଯୋଗ ବ୍ୟବସ୍ଥା ଗଢ଼ି ଉଠିବା ସହ ପୁଞ୍ଜିନିବେଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ । ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ ରହିବା ଦ୍ୱାରା ଗୋଟିଏ କାର୍ଯ୍ୟର ପୁନରାବୃତ୍ତି ଏଡ଼ାଇ ସମ୍ବଳର ସଠିକ୍ ବିନିଯୋଗ କରାଯାଇପାରିବ । ଆଗାମୀ ଦିନରେ ରାଜ୍ୟର ଅନ୍ୟ ଉପଯୁକ୍ତ ଅଞ୍ଚଳଗୁଡ଼ିକୁ ମଧ୍ୟ ଏହି ବ୍ୟବସ୍ଥା ଅଧୀନକୁ ଅଣାଯାଇପାରିବ ବୋଲି ବିଧେୟକରେ ଉଲ୍ଲେଖ ରହିଛି ।

ପ୍ରସ୍ତାବିତ ବ୍ୟବସ୍ଥା ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଆଞ୍ଚଳିକ କର୍ତ୍ତୃପକ୍ଷ, ମୁଖ୍ୟ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟନିର୍ବାହୀ କମିଟି ଏବଂ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ କମିଟି ଗଠନ କରାଯିବ । ଗୋଟିଏ ସହରର ସୀମା ମଧ୍ୟରେ ସୀମିତ ନରହି ସଡ଼କ, ଯାତାୟାତ, ମାଲ ପରିବହନ, ଜଳ ନିଷ୍କାସନ ଓ ପର୍ଯ୍ୟଟନ କ୍ଷେତ୍ରରେ ସମଗ୍ର ଅଞ୍ଚଳକୁ ଏକକ ଭାବେ ବିଚାର କରି ଯୋଜନା ପ୍ରସ୍ତୁତ ହେବ । ଏହି ବିଲ୍ ଦ୍ୱାରା ରାଜ୍ୟ ରାଜକୋଷ ଉପରେ ତୁରନ୍ତ କୌଣସି ପ୍ରତ୍ୟକ୍ଷ ଆର୍ଥିକ ବୋଝ ପଡ଼ିବ ନାହିଁ କିମ୍ବା କୌଣସି ନୂଆ ପଦବୀ ସୃଷ୍ଟି ହେବ ନାହିଁ । ଭବିଷ୍ୟତରେ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଏକ "ଆଞ୍ଚଳିକ ଉନ୍ନୟନ ପାଣ୍ଠି' ଗଠନ ହେବ । ଏଥିପାଇଁ ଜମିର ମୂଲ୍ୟ ବୃଦ୍ଧିରୁ ମିଳୁଥିବା ରାଜସ୍ୱ, ଉନ୍ନୟନ ଦେୟ, ସରକାରୀ-ଘରୋଇ ସହଭାଗିତା (ପିପିପି) ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନରୁ ଅର୍ଥ ସଂଗ୍ରହ କରାଯିବ ।

ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ଆଞ୍ଚଳିକ କର୍ତ୍ତୃପକ୍ଷ ଗଠନ

ଶ୍ରୀ ସତ୍ୟସାଇ ବାବାଙ୍କ ୧୦୧ତମ ଜନ୍ମଜୟନ୍ତୀ



ଭୁବନେଶ୍ୱର, (ସବ୍ୟୁ): ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ଭୁବନେଶ୍ୱର ସାଇ ଜିଲାର ସାଇ ଜନଜନୀଠାରେ ସତ୍ୟସାଇ ବାବାଙ୍କ ୧୦୧ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି । ପ୍ରାତଃ ନଗର ସଂକୀର୍ତ୍ତନ, ମଙ୍ଗଳବାଦ୍ୟ ପରେ ଦିବ୍ୟ ପ୍ରଶାନ୍ତି ପତାକା ଉତ୍ତୋଳନ କରାଯାଇଥିଲା । ଏହି ଅବସରରେ ରେଡକ୍ରସ ରକ୍ତଭଣ୍ଡାର ସହଯୋଗରେ ଏକ ରକ୍ତଦାନ ଶିବିର ଏବଂ ମୁଖ ଓ ଦନ୍ତ ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ଶିବିର କରାଯାଇଥିଲା। ସଙ୍ଗଠନ ତରଫରୁ ସମସ୍ତ ରୋଗୀଙ୍କ ଆରୋଗ୍ୟ କାମନା କରାଯାଇ କ୍ୟାପିଟାଲ ହସ୍ପିଟାଲ, ହାଇଟେକ ହସ୍ପିଟାଲ, ବିଏମ୍‌ସି ହସ୍ପିଟାଲ, ସମେତ ବିଭିନ୍ନ ହସ୍ପିଟାଲରେ ଫଳ ଓ ପ୍ରସାଦ ବଣ୍ଟନ କରାଯାଇଥିଲା। ସତ୍ୟସାଇ ନାମାର୍ଚ୍ଚନା ,ବେଦଧ୍ୱନି, ଭଜନ ସହିତ ସତ୍ୟସାଇ ହାଇସ୍କୁଲ ପିଲାମାନଙ୍କ ଦ୍ୱାରା ଜନ୍ମଦିନ କେକେ କଟାଯାଇ ବଣ୍ଟନ କରାଯାଇଥିଲା। ମଧ୍ୟାହ୍ନରେ ସମସ୍ତ ଭକ୍ତ ଓ ସାଇ ଆଶ୍ରିତଙ୍କ ସମେତ ସାଧାରଣ ଲୋକ ପ୍ରସାଦ ସେବନ କରିଥିଲେ। ୧୦୧ ନାରାୟଣଙ୍କୁ ଅନ୍ନପ୍ରସାଦ ଓ ବସ୍ତ୍ର ବଣ୍ଟନ କରାଯାଇଥିଲା। ସ୍ଥାନୀୟ କର୍ପୋରେଟରଙ୍କ ଦ୍ୱାରା ଜନ୍ମଦିନ ସ୍ମାରକୀ ଚାରା ରୋପଣ କରାଯାଇଥିଲା । ସ୍ଥାନୀୟ ବିଧାୟକ ଓ ବହୁବିଶିଷ୍ଟ ବ୍ୟକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଭୁବନେଶ୍ୱର ସାଇ ଜିଲ୍ଲା ଅନ୍ତର୍ଗତ ସମସ୍ତ ୬ଟି ସମିତି ରେ ପ୍ରଶାନ୍ତି ପତାକା ଉତ୍ତୋଳନ କରାଯାଇ , ସମସ୍ତ ଭଜନ ମଣ୍ଡଳୀ ଓ ପୋଷ୍ୟ ଗ୍ରାମ ମାନଙ୍କରେ ଭଗବାନ୍ ଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି. ସାନ୍ଧ୍ୟ କାର୍ଯ୍ୟକ୍ରମରେ ଦୀପ ପ୍ରଜ୍ୱଳନ ଓ ବେଦ ପାଠ କରାଯାଇ ଭଜନ ,ସତସଙ୍ଗ , ଭଗବାନ୍ ଙ୍କ ଦିବ୍ୟ ସମ୍ବାଷଣର ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା, ଜନ୍ମଦିନ କେକ୍ କଟାଯାଇ ସମସ୍ତଙ୍କ ବଣ୍ଟନ କରାଯାଇଥିଲା । ଏହାପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ମଙ୍ଗଳ ଆଳତି ଏବଂ ଦିବ୍ୟ ଦର୍ଶନ ସହିତ ଜନ୍ମଦିନ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ଭୁବନେଶ୍ୱର, (ସବ୍ୟୁ) : ଦୁର୍ଘଟଣାରେ ରାପିଡୋର ବାଇକ୍ ଚାଳକ ଶେଷଦେବ ସ୍ୱାଇଁଙ୍କ ମୃତ୍ୟୁ ହୋଇଛି । ଚନ୍ଦ୍ରଶେଖରପୁର ଥାନା ପୋଲିସ ଦୁର୍ଘଟଣା ଘଟାଇଥିବା ହାଇଓ୍ୱାକୁ ଜବତ କରିଥିବା ବେଳେ ଚାଳକ ଫେରାର ହୋଇଯାଇଛି । ଢେଙ୍କାନାଳ ଗଁଦିଆ ଅଞ୍ଚଳରେ ବାଇକ୍ ଆରୋହୀ ଶେଷଦେବଙ୍କ ଘର । ସେ ଭୁବନେଶ୍ୱରରେ ରାପିଡୋରେ ଅନ୍‌ଲାଇନ୍ ବାଇକ୍ ସେବା ଯୋଗାଇ ପରିବାର ପ୍ରତିପୋଷଣ କରୁଥିଲେ । ସୋମବାର ଡମଣାରୁ କଳିଙ୍ଗ ହସ୍ପିଟାଲ ଆଡକୁ ବାଇକ୍‌ରେ ଯାଉଥିବା ବେଳେ ଓମ୍‌ଫେଡ୍ ଛକ ନିକଟରେ ରାସ୍ତାରେ ଥିବା ଏକ ଖାଲ ଯୋଗୁ ପଡିଯାଇଥିଲେ । ଏହି ସମୟରେ ଡମଣା ଆଡକୁ ଯାଉଥିବା ଏକ ହାଇଓ୍ୱା ଟ୍ରକ୍ ତାଙ୍କ ମୁଣ୍ଡ ଉପରେ ଚଢିଯାଇଥିଲା । ଯାହା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଦୁର୍ଘଟଣା ପାଇଁ ରାସ୍ତା ଜାମ୍ ହେବାରୁ ପୋଲିସ ଖବର ପାଇଥିଲା । ଚନ୍ଦ୍ରଶେଖରପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ମାମଲା ରୁଜୁ କରି ତଦନ୍ତ କରୁଛି । ଘଟଣାସ୍ଥଳରୁ ଦୁର୍ଘଟଣା ଘଟାଇଥିବା ଗାଡି ଜବତ ହୋଇଥିବା ବେଳେ ଡ୍ରାଇଭର ଖସିଯାଇଥିବାରୁ ତାକୁ ଗିରଫ କରିବା ପାଇଁ ପୋଲିସ ଛାନ୍‌ଭିନ୍ କରୁଛି ।

ପୂର୍ବାଞ୍ଚଳ ଆଞ୍ଚଳିକ କୃଷି ମେଳା-୨୦୨୬ରେ ସୋଆକୁ ଶ୍ରେଷ୍ଠ ପ୍ରଦର୍ଶନୀ ପୁରସ୍କାର

ଭୁବନେଶ୍ୱର, (ସବ୍ୟୁ): ପୂର୍ବାଂଚଳ ଆଂଚଳିକ କୃଷି ମେଳା-୨୦୨୬ରେ ଶ୍ରେଷ୍ଠ ପ୍ରଦର୍ଶନୀ (ବେଷ୍ଟ ଏଗଜିବିଟର) ପୁରସ୍କାର ହାସଲ କରି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଗୌରବ ଅର୍ଜନ କରିଛି। ଆଇସିଏଆର-କେନ୍ଦ୍ରୀୟ ମହିଳା କୃଷି ସଂସ୍ଥାନ (ଆଇସିଏଆର୍-ସିଆଇଡବ୍ଲ୍ୟୁଏ) ପରିସରରେ ଆୟୋଜିତ ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସଂସ୍ଥାର ୧୨୩ଟି ଷ୍ଟଲ୍ ମଧ୍ୟରେ ସୋଆ ଏହି ସମ୍ମାନ ହାସଲ କରିଛି। ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ ପକ୍ଷରୁ ଆୟୋଜିତ ଏହି ଷ୍ଟଲ୍‌ଟି ଅନୁଷ୍ଠାନର ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ମିଳିତ ପ୍ରୟାସରେ ଆୟୋଜନ କରାଯାଇଥିଲା। ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡକ୍ଟର ମନମୋହନ ମିଶ୍ର, ପ୍ରଫେସର ଡକ୍ଟର ଦେବାଶିଷ ହୋତ. ଆସୋସିଏଟ୍ ପ୍ରଫେସର ଡକ୍ଟର ସତ୍ୟନାରାୟଣ ଶତପଥୀ ଓ ଡକ୍ଟର ରାଜୀବ କୁମାର ବେହେରା ସମେତ ଅନ୍ୟାନ୍ୟ ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ସାମିଲ ହୋଇ ଷ୍ଟଲର ପରିଚାଳନା ଓ ବିଭିନ୍ନ କାର୍ଯ୍ୟକ୍ରମର ଦାୟିତ୍ୱ ତୁଲାଇଥିଲେ। ଷ୍ଟଲରେ ସୋଆର ବିଭିନ୍ନ ଅଭିନବ କୃଷି ଜ୍ଞାନକୌଶଳ,



ଗବେଷଣାଲବ୍ଧ ଉପଲବ୍ଧି ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଉଦ୍ୟୋଗମୂଳକ ଶିକ୍ଷା କାର୍ଯ୍ୟକ୍ରମ (ଏକ୍ସପେରିଏନ୍‌ସିଆଲ୍ ଲର୍ଣ୍ଣିଂ ପ୍ରୋଗ୍ରାମ୍-ଇଏଲ୍‌ପି) ଅନ୍ତର୍ଗତ ବିଭିନ୍ନ ଉତ୍ପାଦ ପ୍ରଦର୍ଶିତ ହୋଇଥିଲା। ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ଦ୍ରବ୍ୟ, ପାଳ ଛତୁର ମଞ୍ଜି, ଛତୁଆ, ସୁପ୍ ପାଉଡର, ଆଚାର, ବିଭିନ୍ନ ଫଳ ମିଶ୍ରିତ ଜାମ୍, ଫଚଗବ୍ୟ ଆଦି ବିଭିନ୍ନ ଜୈବିକ ସାର, ବିଭିନ୍ନ ମଞ୍ଚିରେ ତିଆରି ଘର ସଜା ଜିନିଷ ଆଦି ପ୍ରଦର୍ଶିତ କରାଯାଇଥିଲା। ଷ୍ଟଲର ଅନ୍ୟତମ ଆକର୍ଷଣ ଥିଲା କୃଷକମାନଙ୍କ ପାଇଁ ଆୟୋଜିତ ବ୍ୟବହାରିକ ତାଲିମ କାର୍ଯ୍ୟକ୍ରମ। ବହୁ ସଂଖ୍ୟାରେ କୃଷକ ଷ୍ଟଲ୍ ପରିଦର୍ଶନ କରି ଛତୁ ଚାଷ, ମାଇକ୍ରୋଗ୍ରାନ୍ସ ଉତ୍ପାଦନ ଏବଂ ଜୈବିକ କୃଷି ପଦ୍ଧତି ସଂପର୍କରେ ତାଲିମ ଗ୍ରହଣ କରିଥିଲେ। ଅନୁଷ୍ଠାନର ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଏହି ପଦ୍ଧତିଗୁଡ଼ିକର ବୈଜ୍ଞାନିକ ଦିଗ ଓ ବ୍ୟବହାରିକ ପ୍ରୟୋଗ ସଂପର୍କରେ ସେମାନଙ୍କୁ ଅବଗତ କରାଇଥିଲେ। ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ସମନ୍ୱିତ ଉଦ୍ୟମ ଏବଂ କୃଷକମାନଙ୍କ ସହିତ ଜ୍ଞାନ ଆଦାନପ୍ରଦାନ ଏହି ସଫଳତାକୁ ଅଧିକ ଅର୍ଥପୂର୍ଣ୍ଣ କରିଛି।

ମୋଦୀ-ବାଲେନ ଶାହ ଦ୍ୱିପାକ୍ଷିକ ଆଲୋଚନା

ନେପାଳ ପାଇଁ ୧୫ ହଜାର କୋଟିର ପ୍ୟାକେଜ, ୮ ଚୁକ୍ତି



ନୂଆଦିଲ୍ଲୀ: ନେପାଳ ପ୍ରତିପକ୍ଷ ବାଲେନ ଶାହଙ୍କ ସହ ପ୍ରଥମଥର ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଥମ ବିଦେଶ ଗସ୍ତ ଭାବେ ଭାରତକୁ ବାଛିଥିବା ବାଲେନ ଶାହ ଦିନକ ତଳେ ନୂଆଦିଲ୍ଲୀ ଆସିଥିଲେ। ଆଜି ସେ ମୋଦିଙ୍କ ସହ ଦ୍ୱିପାକ୍ଷିକଙ୍କ ଆଲୋଚନା କରିଛନ୍ତି।ଏହି ସମୟରେ ନେପାଳ ପାଇଁ ପ୍ରଧାନମନ୍ତ୍ରୀ ମୋଦି ୧୫ ହଜାର କୋଟିର ଆର୍ଥିକ ପ୍ୟାକେଜ ଘୋଷଣା କରିଛନ୍ତି। ନିକଟରେ ନେପାଳ ଭୟଙ୍କର ଜଳ ପ୍ରଳୟର ସମ୍ମୁଖୀନ ହୋଇଥିଲା। ଏହି ଜଳ ପ୍ରଳୟ ନେପାଳର ଅଣ୍ଟା ଭାଙ୍ଗି ଦେଇଥିବାରୁ ଭାରତ ସରକାରଙ୍କ ପକ୍ଷରୁ ୧୫ ହଜାର କୋଟିର ପ୍ୟାକେଜ ଘୋଷଣା କରାଯାଇଛି। ଦ୍ୱିପାକ୍ଷିକ ଆଲୋଚନା ପରେ ୩୫ ବର୍ଷୀୟ ନେପାଳ ପ୍ରଧାନମନ୍ତ୍ରୀ ବାଲେନ ଶାହ ନିଜ ଦେଶର ବିକାଶ ପାଇଁ କରିଥିବା ଯୋଜନାକୁ ପ୍ରଶଂସା କରିଛନ୍ତି ମୋଦି। ସେ କହିଛନ୍ତି ଯେ ଚଳିତ ବର୍ଷ ନେପାଳର ଜନତା ବାଲେନ ଶାହଙ୍କୁ ଦେଇଥିବା ଜନାଦେଶ ସେମାନଙ୍କର ଆକାଂକ୍ଷା ଓ ନୂଆ ପିଢ଼ିଙ୍କ ଆଶାର ପ୍ରତିଫଳନ।ମିଳିତ ସମ୍ବୋଧନରେ ମୋଦି କହିଛନ୍ତି, "କ୍ଷମତା ଦଖଲ ପରେ ନିଜର ପ୍ରଥମ ଦ୍ୱିପାକ୍ଷିକ ବିଦେଶ ଗସ୍ତ ଭାବେ ଭାରତକୁ ଆସିଥିବା ନେପାଳ ପ୍ରଧାନମନ୍ତ୍ରୀ ବଲେନ୍ଦ୍ରର ଶାହଙ୍କୁ ମୁଁ ସ୍ୱାଗତ କରି ବେଶ ଉତ୍ସାହିତ।କିଛି ମାସ ତଳେ ଯେତେବେଳେ ସେ ବିଶ୍ୱର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ଭାବେ ଜାତିସଂଘକୁ ସମ୍ବୋଧନ କରୁଥିଲେ ସେତେବେଳେ ଆମେ ତାଙ୍କର ଦୂରଦୃଷ୍ଟି ଓ ଭବିଷ୍ୟତର ସକାରାତ୍ମକ ଯୋଜନାର ଝଲକ ଦେଖିଥିଲୁ।ଏବେ ଗତ କିଛି ଘଣ୍ଟା ଧରି ଆମେ କରିବା ଚର୍ଚ୍ଚା ସମୟରେ ମୁଁ ନେପାଳର ଭବିଷ୍ୟତ ଓ ଭାରତ-ନେପାଳ ସମ୍ପର୍କ ପ୍ରତି ବାଲେନ ଶାହଙ୍କ ସ୍ପଷ୍ଟ ଦୂରଦୃଷ୍ଟି ଏବଂ ପ୍ରତିବଦ୍ଧତାକୁ ମଧ୍ୟ ଅନୁଭବ କରିଛି।"ପ୍ରଧାନମନ୍ତ୍ରୀ ମୋଦିଙ୍କ କହିବା କଥା ଯେ ଭାରତ ଓ ନେପାଳ କେବଳ ପଡ଼ୋଶୀ ନୁହନ୍ତି, ଦୁଇ ଦେଶ ବିଶ୍ୱାସ ଓ ବନ୍ଧୁତାରେ ଆବଦ୍ଧ। ସା କହିଛନ୍ତି, "ଆମେ ସମାନ ଆକାଂକ୍ଷା ଓ ଚ୍ୟାଲେଞ୍ଜର ସାମ୍ନା କରୁଛୁ।ଆମେ କଠିନ ସମୟରେ ପରସ୍ପର ସହ ଛିଡ଼ା ହେଉଛୁ। ନେପାଳର ବନ୍ୟାରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ଆମେ ଭଗୀର ଶୋକ ପ୍ରକାଶ କରୁଛୁ। ନେପାଳରେ ଚାଲିଥିବା ପୁନଃ ନିର୍ମାଣ ଓ ବିକାଶ ପାଇଁ ଆମେ ୨୪ ହଜାର କୋଟି ନେପାଳୀ ଟଙ୍କାର ଗୋଟିଏ ବିକାଶମୂଳକ ସହଯୋଗ ପ୍ୟାକେଜ ଘୋଷଣା କରୁଛୁ।" ନେପାଳ ଭିତ୍ତିଭୂମିର ପୁନଃ ନର୍ମାଣ, ଯୋଗାଯୋଗ ଓ ପ୍ରଳୟ ଯୋଗୁ ଜୀବନ-ଜୀବିକା ଲୋକଙ୍କୁ ଏହି ପ୍ୟାକେଜ ସହାୟତା କରିବ ବୋଲି ମୋଦି ଆଶା କରିଛନ୍ତି। ଅଗଷ୍ଟ ୨୬ରେ ନେପାଳରେ ଆସିଥିବା ଜଳ ପ୍ରଳୟ ୧୫୦୦ ଲୋକ ପ୍ରାଣ ହରାଇଥିବା ବେଳେ ୫୨୦୦ ଜଣ ନିଖୋଜ ହୋଇଯାଇଛନ୍ତି। ଏପଟେ ବାଲେନ ଶାହ ନିଜ ଭାଷଣରେ ଭାରତରେ ପାଇଥିବା ସମ୍ମାନକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ନେପାଳ ଯିବାକୁ ନିମନ୍ତ୍ରଣ କରିଛନ୍ତି। ଭାରତ ଓ ନେପାଳ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ଉଥାପନ କରି ବାଲେନ ଶାହ କହିଛନ୍ତି ଯେ ଦୁଇ ଦେଶ ମଧ୍ୟରେ ଥିବା ଘନିଷ୍ଠତାକୁ ଶବ୍ଦରେ ବ୍ୟାନ କରାଯାଇ ପାରିବ ନାହିଁ। ଭାରତ ପକ୍ଷରୁ ଘୋଷଣା କରାଯାଇଥିବା ସହାୟତା ପାଇଁ ସେ ନୂଆଦିଲ୍ଲୀକୁ ଧନ୍ୟବାଦ ମଧ୍ୟ ଦେଇଛନ୍ତି। ଏହି ଅବସରରେ ଭାରତ ଓ ନେପାଳ ମଧ୍ୟରେ ବେସାମରିକ ସେବାର କ୍ଷମତା ପରୀକ୍ଷଣ, ଅନ୍ତରୀକ୍ଷ ଗବେଷଣା, ସ୍ୱାସ୍ଥ୍ୟ ଓ ଔଷଧ, ନଗର ଉନ୍ନୟନ, ଆୟୁର୍ବେଦ ଓ ପାରମ୍ପରିକ ଚିକିତ୍ସା ଭଳି ୮ଟି ଚୁକ୍ତି ମଧ୍ୟ ସ୍ୱାକ୍ଷରିତ ହୋଇଛି। ଦୁଇ ଦେଶର ନେତା ମିଳିତ ଭାବେ ଯୋଗାଯୋଗ ଓ ଶକ୍ତି ପ୍ରକଳ୍ପର ଉଦଘାଟନ ମଧ୍ୟ କରିଛନ୍ତି। କୌଣସି ଅଧିକାରୀ ଏଫଆଇଆଇଆର ରୁଜୁ ନ କରିବା ଏହି ବର୍ଗ ମଧ୍ୟରେ ଆସୁନାହିଁ। ଯେତେବେଳେ କୋର୍ଟ ବାହାରେ ଅଦାଲତଙ୍କ ନିର୍ଦ୍ଦେଶ ପାଳନ କରାଯାଉ ନାହିଁ ସେତେବେଳେ ଏହାକୁ ପରିଚାଳନା ପାଇଁ ବିକଳ୍ପ ବ୍ୟବସ୍ଥା ରହିଛି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

▸▸କୋର୍ଟରେ ବାହୁବଳୀ ଭଳି ବ୍ୟବହାର

ଜଜ୍‌ଙ୍କୁ ସମାଲୋଚନା କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ: ବିହାରର ଜଣେ ସେସନ୍ସ ବିଚାରପତିଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ସୁପ୍ରିମକୋର୍ଟ। ବିଚାରପତି ଜଣଙ୍କ କରୁଥିବା ପ୍ରଦର୍ଶନକୁ ନିନ୍ଦା କରି ବାହୁବଳୀଙ୍କ ଭଳି ବ୍ୟବହାର ନ କରିବାକୁ ପରାମର୍ଶ ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଜଣେ ପୁଲିସ୍ ଅଧିକାରୀ ଏଫଆଇଆର ରୁଜୁ କରିବାରେ ବିଫଳ ହୋଇଥିଲେ।ଏଥିପାଇଁ ସେସନ୍ସ ଜଜ ଅତ୍ୟନ୍ତ କ୍ଷୁବ୍ଧ ହୋଇ ଉକ୍ତ ପୁଲିସ୍ ଅଧିକାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ମୋଟା ଅଙ୍କର ଜୋରିମାନା ଦେବାକୁ କହିଥିଲେ। ବାସ୍ ସେସନ୍ସ ଜଜଙ୍କ ଏପରି ହରକତକୁ ସମାଲୋଚନା କରିଛନ୍ତି ଦେଶର ସର୍ବୋଚ୍ଚ ଅଦାଲତ। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠଙ୍କ ନିକଟରେ ନ୍ୟାୟିକ ଅଧିକାରୀ ଏହି ମାମଲାକୁ ତାଲିକା ଭୁକ୍ତ କରିଥିଲେ। ଏହାର ଶୁଣାଣି ବେଳେ ସୁପ୍ରିମକୋର୍ଟ ସିଧାସଳଖ ସେସନ୍ସ ଜଜଙ୍କ ଆଇନର ମୂଳଜାଣ୍ଡାକୁ ବୁଝିବା ଓ କୋର୍ଟରେ ତାଙ୍କ ଆଚରଣ ଉପରେ ପ୍ରଶ୍ନ ଉଠାଇଛନ୍ତି। ଖଣ୍ଡପୀଠରେ ଥିବା ଜଷ୍ଟିସ ଜୟମାଲ୍ୟ ବାଗଚି କହିଛନ୍ତି, "ଆଇନ ପ୍ରତି ଥିବା ଆପଣଙ୍କ ବୁଝିବା ଶୈଳୀ ଅତ୍ୟନ୍ତ ନିରାଶାଜନକ। ଆପଣ ଯେଉଁ ଭଳି ଆକ୍ରମଣାତ୍ମକ ଢଙ୍ଗରେ ଜଣେ ଏସ୍ପିକୁ ସମନ କରିଛନ୍ତି ଓ ସମାନ ଦିନରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି, ଏହା ନିଶ୍ଚିତ ଭାବେ ଚିନ୍ତାର ବିଷୟ।" ଏହି ସମୟରେ ଖଣ୍ଡପୀଠ ସେସନ୍ସ ଜଜଙ୍କୁ ବାହୁବଳୀ ଭଳି ବ୍ୟବହାର କରିବା ବନ୍ଦ କରନ୍ତୁ ବୋଲି ପରାମର୍ଶ ଦେଇଛନ୍ତି।ସେସନ୍ସ ଜଜ ବିଚାରପତି ଗୋଟିଏ ମାମଲାରେ ଏଫଆଇଆର ରୁଜୁ ପାଇଁ ନିର୍ଦ୍ଦେଶ ଦେବା ପରେ ପୂରା ବିବାଦ ଆରମ୍ଭ ହୋଇଥିଲା। ନିର୍ଦ୍ଦେଶ ସତ୍ତ୍ୱେ ପୁଲିସ୍ ଅଧିକାରୀ ଏଫଆଇଆର ରୁଜୁ ନ କରିବାରୁ ଏହାକୁ ସେ କୋର୍ଟଙ୍କ ବିରୋଧାଚରଣ ଭାବେ ବିଚାର କରିଥିଲେ। ତତ୍କାଳ ଭାବେ ସେ ଅଧିକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଜୋରିମାନା ଲାଗୁ କରିବାକୁ ମଧ୍ୟ ପଛାଇ ନଥିଲେ। ସେସନ୍ସ କୋର୍ଟ ଆପଣାଇଥିବା କାର୍ଯ୍ୟପ୍ରଣାଳୀକୁ ଯାଞ୍ଚ କରିବା ପରେ ସୁପ୍ରିମକୋର୍ଟ ନିମ୍ନ ଅଦାଲତର ବିଚାରପତିଙ୍କୁ ପ୍ରଶ୍ନ କରିଛନ୍ତି ଯେ କ'ଣ ସେ ନିଜର ଆଇନଗତ କ୍ଷମତା ମଧ୍ୟରେ ପଦକ୍ଷେପ ଗ୍ରହଣ କରିଛନ୍ତି? ଜିଲ୍ଲା ମାଜିଷ୍ଟ୍ରେଟ ଓ ପୁଲିସ୍ ମୁଖ୍ୟଙ୍କୁ ନିଜ କୋର୍ଟକୁ ଡାକିବା, ସେମାନଙ୍କ ଅନୁପସ୍ଥିତିକୁ କୋର୍ଟ ବିରୋଧରେ ଅପରାଧ ଭାବେ ବିବେଚନା କରିବା ଓ ସେହି ଦିନ ବରିଷ୍ଠ ଅଧିକାରୀଙ୍କୁ ଏହି ସବୁ ଆଧାରରେ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ଶୁଣାଇବା କ'ଣ ତାଙ୍କ ଅଧିକାର ମଧ୍ୟରେ ଆସୁଥିଲା? ସେସନ୍ସ ଜଜଙ୍କୁ ଅବମାନନାର ବୈଧାନିକ ପରସୀମା, ବିଏନଏସର ଧାରା ୩୮୪ ଓ ସିଆରପିସିର ଧାରା ୩୪୫ ଜରିଆରେ ଆଇନଗତ ଅଧିକାର ସବୁ କ'ଣ ରହିଛି, ତା'କୁ ବୁଝିବାକୁ ପଡ଼ିବ। ଯଦି କେହି ବ୍ୟକ୍ତି କୋର୍ଟ ରୁମରେ ଭିତରେ କାହାକୁ ଚାପୁଡ଼ା ମାରୁଛନ୍ତି, ଶୁଣାଣି ବେଳେ ଅପଶବ୍ଦର ବ୍ୟବହାର କରୁଛନ୍ତି କିମ୍ବା ସ୍ପଷ୍ଟ ନ୍ୟାୟିକ ନିର୍ଦ୍ଦେଶ ବିରୋଧରେ କୋର୍ଟ ରୁମ ଛାଡୁବାକୁ ମନା କରୁଛନ୍ତି, ତା'ହେଲେ ଏହାକୁ ଅଦାଲତ ବିରୋଧୀ ଅପରାଧ ଭାବେ ବିବେଚନା କରାଯାଇପାରେ।

ୟୁଟ୍ୟୁବର ଧ୍ରୁବ ରାଠୀଙ୍କ ବିରୋଧରେ ଏନବିଡବ୍ଲ୍ୟୁ

ନୂଆଦିଲ୍ଲୀ: ଲୋକପ୍ରିୟ ୟୁଟ୍ୟୁବର ଧ୍ରୁବ ରାଠୀଙ୍କ ଅଡୁଆ ବଢ଼ିଛି। ୨୦୧୮ ମସିହାର ଗୋଟିଏ ଅପରାଧିକ ମାନହାନୀ ମାମଲାରେ ଆଜି ଦିଲ୍ଲୀ କୋର୍ଟ ଧ୍ରୁବ ରାଠୀଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଛନ୍ତି। ଫେସବୁକ ପେଜ୍ 'ଆଇ ସପୋର୍ଟ ନରେନ୍ଦ୍ର ମୋଦି'ର ପ୍ରତିଷ୍ଠା ବିକାଶ ପାଣ୍ଡେ ଦାଖଲ କରିଥିବା ଆବେଦନ ଉପରେ ଆଜି ଦିଲ୍ଲୀ କୋର୍ଟ ଏପରି ପଦକ୍ଷେପ ନେଇଛନ୍ତି। ବର୍ତ୍ତମାନ ଜର୍ମାନୀରେ ରହୁଥିବା ଧ୍ରୁବ ରାଠୀ ଅକ୍ଟୋବର ମାସରେ ଭାରତ ଆସିଥିଲେ। ସେ କକ୍ରୋଚ ଜନତା ପାର୍ଟି ବା ସିଜେପିର ଆନ୍ଦୋଳନରେ ସାମିଲ ହେବାକୁ ଚାହୁଁଥିଲେ ହେଁ ତାଙ୍କୁ ଦିଲ୍ଲୀ ପୁଲିସ୍ ଅନେକ ଘଣ୍ଟା ଧରି ଅଟକ ରଖିଥିଲା। ପରବର୍ତ୍ତୀ ଅବସ୍ଥାରେ ଧ୍ରୁବ ରିଲିଜ ହୋଇଥିଲେ ଓ କିଛି ଦିନ ଭାରତରେ ରହିବା ପରେ ଜର୍ମାନୀ ଫେରି ଯାଇଥିଲେ। କିନ୍ତୁ ଧ୍ରୁବ ରାଠୀଙ୍କୁ ସିଜେପି ଆନ୍ଦୋଳନରେ ସାମିଲ ହେବାକୁ ଅନୁମତି ନ ଦେବାକୁ ନେଇ ବେଶ ବିବାଦ ହୋଇଥିଲା। ରିଲିଜ ପରେ ମଧ୍ୟ ଧ୍ରୁବ ରାଠୀଙ୍କୁ ପୁଲିସ ସାଦା ପୋଷାକରେ ପିଛା କରୁଥିବା ମଧ୍ୟ ସେ ଗୋଟିଏ ଭିଡିଓ ଜାରି କରି କହିଥିଲେ। ଏହାପରେ ଧ୍ରୁବ ଜର୍ମାନୀ ଚାଲି ଯାଇ ସରକାର ଓ ପୁଲିସ ବିରୋଧରେ ଏକାଧିକ ଭିଡିଓ ସୋଶାଲ ମିଡିଆରେ ପୋଷ୍ଟ କରିବାରେ ଲାଗିଛନ୍ତି। ଏପଟେ ଏବେ ତାଙ୍କ ନାଁରେ ସାକେତ କୋର୍ଟର ନ୍ୟାୟିକ ମାଜିଷ୍ଟ୍ରେଟ ଅନମ ରଇସ ଖାନ ସବୁ କିଛି ଶୁଣିବା ପରେ ନିର୍ଦ୍ଦେଶ ଜାରି କରିଛନ୍ତି। ପାଣ୍ଡେ ଅଭିଯୋଗ କରିଛନ୍ତି ଯେ ଧ୍ରୁବଙ୍କ 'ବିଜେପି ଆଇଟି ସେଲ୍ ପାର୍ଟ ୩' ଶୀର୍ଷକ ଗୋଟିଏ ଭିଡିଓରେ ସେ ତାଙ୍କ ବିରୋଧରେ ମିଛ ଓ ଅପମାନଜନକ ଶବ୍ଦ ପ୍ରୟୋଗ କରିଥିଲେ। ଧ୍ରୁବ କରିଥିବା ଦାବି ଯୋଗୁ ତାଙ୍କର ସମ୍ମାନହାନୀ ହୋଇଥିବା ପାଣ୍ଡେ କହିଥିଲେ। ଏହି ଅଭିଯୋଗର ଶୁଣାଣି କରିବା ବେଳେ କୋର୍ଟଙ୍କ ପକ୍ଷରୁ ଏକାଧିକ ସମନ ଧ୍ରୁବଙ୍କୁ ପଠାଯାଇଥିଲା। ସେହିପରି କୋର୍ଟ ୨ ଥର ଜାମିନ ଯୁକ୍ତ ପରୱାନା ବି ଜାରି କରିଥିଲେ। ହେଲେ ସେ କୋର୍ଟରେ ହାଜର ନ ହେବାରୁ ଆଜି ତାଙ୍କ ନାଁରେ ଜାମିନ ବିହୀନ ଗିରଫ ପରୱାନା ଇସ୍ୟୁ କରିଛନ୍ତି। ଏବେ ମାମଲାର ପରବର୍ତ୍ତୀ ଶୁଣାଣି ୨୦୨୬ ମସିହା ଡିସେମ୍ବର ୩ରେ ହେବ।

ଏନଭିଡିଆ ସିଇଓ ପଦକୁ ଫେରିଲେ ହୁଆଙ୍ଗ

ୱାଶିଂଟନ: ଏକ ଚକିତ କରିବା ଭଳି ଘଟଣା ଭାବେ ବିଶ୍ୱର ଅଗ୍ରଣୀ ଏଆଇ ଚିପ୍ ନିର୍ମାତା ଏନଭିଡିଆ ଜେନ୍ସେନ୍ ହୁଆଙ୍ଗଙ୍କୁ ସିଇଓ ପଦକୁ ଫେରାଇ ଆଣିଛି। ତାଙ୍କ ପୁନଃନିଯୁକ୍ତିକୁ କମ୍ପାନି ବୋର୍ଡ ଅନୁମୋଦନ କରିଛି। ଚୀନର ଗୁପ୍ତଚର ସନ୍ଦେହ କରାଯାଉଥିବା ଜଣେ ମହିଳା ଆଲିସ ହୁଆଙ୍ଗଙ୍କ ସହ ପରକାୟା ପ୍ରାପ୍ତି ଧରାପଡ଼ିବା ପରେ ସେ ସିଇଓ ପଦରୁ ଇସ୍ତଫା ଦେଇଥିଲେ। ହୁଆଙ୍ଗ ପୁନଃନିଯୁକ୍ତିକୁ ଆମେରିକା ସରକାରଙ୍କ ମଧ୍ୟ ସବୁଜ ସଙ୍କେତ ମିଳିଛି। ସେ ଜାତୀୟ ସୁରକ୍ଷା ପ୍ରତି ବିପଦ ନୁହନ୍ତି ବୋଲି ସରକାର କହିଛନ୍ତି। ହୁଆଙ୍ଗଙ୍କ ସହ ଏକାଧିକ ଥର ଆଲୋଚନା କରିବା ପରେ ତାଙ୍କୁ ସିଇଓ ପଦ ଫେରାଇଦେବାକୁ ବୋର୍ଡ ନିଷ୍ପତ୍ତି ନେଇଛି। ଏହି ଖବର ପ୍ରଚାର ହେବା ପରେ କମ୍ପାନିର ସେୟାର ମୂଲ୍ୟରେ ୩୧% ବୃଦ୍ଧି ହୋଇଛି। ଏନଭିଡିଆ ସିଇଓ ପଦରୁ ନିଜ ଆଡୁ ହୁଆଙ୍ଗ ଇସ୍ତଫା ଦେବା ପରେ ତାଙ୍କୁ ପୁନଃନିଯୁକ୍ତ କରାଯିବ ନାହିଁ ବୋଲି କମ୍ପାନି ସ୍ପଷ୍ଟ କରିଥିଲା। ତାଙ୍କ ଉତ୍ତରାଧିକାରୀ ଭାବେ ଆପଲରେ ପୂର୍ବତନ ସିଇଓ ଟିମ୍ କୁକ୍ ଓ ଅନ୍ୟ କିଛି ପ୍ରାର୍ଥୀଙ୍କୁ ନାମ ଚର୍ଚ୍ଚା ପରିସରକୁ ଆସିଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତକାଲି ପର୍ଯ୍ୟନ୍ତ କୁକଙ୍କୁ ଜଣେ ଉପଯୁକ୍ତ ପ୍ରାର୍ଥୀ ଭାବେ ବର୍ଣ୍ଣନା କରିଥିଲେ। ହୁଆଙ୍ଗଙ୍କୁ ଫେରାଇ ଆଣିବା ଲାଗି କମ୍ପାନିର କର୍ମଚାରୀ, ଅଂଶଧନକାରୀ ଓ ବ୍ୟବସାୟ ସହଯୋଗୀ ଓ ଟ୍ରମ୍ପ ଚାପ ପକାଇଥିଲେ।ଏକ ଭିଡିଓ ଗେମ୍ ଚିପ୍ ଡିଜାଇନର୍ରୁ ବିଶ୍ୱର ସବୁଠୁ ମୂଲ୍ୟବାନ ଚିପ୍ କମ୍ପାନି ଏନ୍ଭିଡିଆକୁ ଗଠନ କରିବାରେ ଜେନ୍ସେନ୍ଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଚୀନର ମହିଳା ବ୍ୟବସାୟୀ ଆଲିସଙ୍କ ସହ ପରକାୟା ପ୍ରାପ୍ତି ଧରାପଡ଼ିବା ପରେ ତାହା ସ୍ୱୀକାର କରି ହୁଆଙ୍ଗ ଚଳିତ ମାସ ୧୨ରେ ସିଇଓ ପଦରୁ ଇସ୍ତଫା ଦେଇଥିଲେ। ସେହି ଘଟଣାର ପ୍ରଭାବ ସିଲିକନ ଭ୍ୟାଲିଠାରୁ ଆରମ୍ଭ କରି ବେଜିଂ ପର୍ଯ୍ୟନ୍ତ ପଡ଼ିଥିଲା। ତାଙ୍କୁ ଫେରାଇ ଆଣିବା ଲାଗି ହୋଇଥିବା ପିଟିସନରେ ୧,୮୦,୦୦୦ ଲୋକ ଦସ୍ତଖତ କରିଥିଲେ।



'କକ୍ରୋଚ୍ କ୍ଲବ୍' ଆରମ୍ଭ କଲା ସିଜେପି

ନୂଆଦିଲ୍ଲୀ: ଯୁବପିଢ଼ିଙ୍କୁ ଚିନ୍ତା କରିବା, ଶିଖିବା, ନିଜ ମତ ରଖିବା ଓ ହସଖୁସିରେ ସମୟ ବିତାଇବା ପାଇଁ ଏକ ସ୍ୱତନ୍ତ୍ର ମଞ୍ଚ ଯୋଗାଇଦେବା ଲକ୍ଷ୍ୟରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) 'କକ୍ରୋଚ୍ କ୍ଲବ୍' ଆରମ୍ଭ କରିଛି। ଦେଶର ଯୁବପିଢ଼ିଙ୍କ ପାଇଁ ଏହା ଏକ ସ୍ଥାୟୀ କେନ୍ଦ୍ର ଭାବେ କାର୍ଯ୍ୟ କରିବାର ଯୋଜନା ରହିଛି। ଏଠାରେ ବିଭିନ୍ନ ବିଷୟରେ ଆଲୋଚନା, ବକ୍ତୃତା, ଚଳଚ୍ଚିତ୍ର ପ୍ରଦର୍ଶନ, ପାଠପଢ଼ା ସହ ହାସ୍ୟରସାତ୍ମକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସିଜେପିର ସହ-ଆବାହକ ସୌରଭ ଦାସ ରବିବାର ଏକ୍ସରେ ଏହି ଘୋଷଣା କରିଛନ୍ତି। ଯୁବପିଢ଼ିଙ୍କ ଶକ୍ତି ଓ ଚିନ୍ତାଧାରାକୁ ସକାରାତ୍ମକ ଦିଗରେ ଉପଯୋଗ କରି ଦେଶରେ ପରିବର୍ତ୍ତନ ଆଣିବା ଏହି ପଦକ୍ଷେପର ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। କ୍ଲବ୍ରେ ମହାତ୍ମା ଗାନ୍ଧୀ, ଜବାହରଲାଲ ନେହରୁ, ଡ. ବି.ଆର୍. ଆମ୍ବେଡ଼କରଙ୍କ ସମେତ ଅନ୍ୟ ପ୍ରମୁଖ ଚିନ୍ତାନାୟକଙ୍କ ବିଚାର ଉପରେ ବକ୍ତୃତା ଓ ଆଲୋଚନାଚକ୍ର ଆୟୋଜନ କରାଯିବ। ଏହାଦ୍ୱାରା ଯୁବପିଢ଼ି ଦେଶର ସ୍ୱାଧୀନତା ସଂଗ୍ରାମ, ସମ୍ବିଧାନର ଆଦର୍ଶ ଓ ବିଭିନ୍ନ ସାମାଜିକ ପ୍ରସଙ୍ଗ ସମ୍ପର୍କରେ ଜାଣିବା ସହ ନିଜସ୍ୱ ମତ ଗଠନ କରିପାରିବେ।ଏହାବ୍ୟତୀତ ଏଠାରେ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ। ଛାତ୍ରଛାତ୍ରୀଙ୍କ ପାଇଁ ପଢ଼ାପଢ଼ି, ପରୀକ୍ଷା ପ୍ରସ୍ତୁତି ଓ ଅଧ୍ୟୟନ ନିମନ୍ତେ ଶାନ୍ତ ପରିବେଶ ଉପଲବ୍ଧ ହେବ। ଅନ୍ୟପକ୍ଷରେ ଲାଇଭ୍ ପ୍ରଦର୍ଶନ ଓ ଷ୍ଟାଣ୍ଡଅପ୍ କମେଡି ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବକଯୁବତୀ ମନୋରଞ୍ଜନର ସୁଯୋଗ ମଧ୍ୟ ପାଇବେ। ଦାସଙ୍କ କହିବା ଅନୁଯାୟୀ, ଏହି କ୍ଲବ୍ କାହା ଉପରେ କୌଣସି ବିଚାରଧାରା ଲଦି ଦେବାର ସ୍ଥାନ ହେବ ନାହିଁ। ବରଂ ଏଠାରେ ବିଭିନ୍ନ ମତ ଓ ଚିନ୍ତାଧାରା ଉପରେ ଖୋଲା ଆଲୋଚନା ହେବ। ଯୁବପିଢ଼ି ନିଜେ ଚିନ୍ତା କରିବା, ପ୍ରଶ୍ନ ପଚାରିବା ଓ ଭିନ୍ନ ମତକୁ ବୁଝିବାର ସୁଯୋଗ ପାଇବେ।

ସୁପ୍ରିମକୋର୍ଟଙ୍କ ରାୟକୁ ରାପିଡୋର ସ୍ୱାଗତ

ନୂଆଦିଲ୍ଲୀ: କର୍ଣ୍ଣାଟକର ବାଇକ୍ ଟ୍ୟାକ୍ସି ମାମଲାରେ ସୁପ୍ରିମ୍‌କୋର୍ଟ ରାଜ୍ୟ ସରକାରଙ୍କ ଦ୍ୱାରା ଦାଖଲ ଆବେଦନକୁ ଖାରଜ କରିଥିବାରୁ ରାପିଡୋ ଏହି ରାୟକୁ ସ୍ୱାଗତ କରିଛି । ଏହା ଦେଶରେ ବାଇକ୍ ଟ୍ୟାକ୍ସି ସେବାର ବିକାଶ ପାଇଁ ଏକ ବଡ଼ ପଦକ୍ଷେପ ବୋଲି କମ୍ପାନୀ କହିଛି। ଏହି ରାୟଫଳରେ କର୍ଣ୍ଣାଟକରେ ବାଇକ୍ ଟ୍ୟାକ୍ସି ସେବାକୁ ନେଇ ଅଧିକ ସ୍ପଷ୍ଟତା ଆସିବା ସହ ରାଜ୍ୟଗୁଡ଼ିକ ଏଥିପାଇଁ ସ୍ପଷ୍ଟ ନିୟମ ପ୍ରସ୍ତୁତ କରିବାରେ ସହାୟକ ହେବ । ରାପିଡୋର ସହ-ପ୍ରତିଷ୍ଠାତା ପବନ ଗୁଣ୍ଟୁପଲ୍ଲି କହିଛନ୍ତି ଯେ, ବାଇକ୍ ଟ୍ୟାକ୍ସି ଭିଡ଼ଭାଡ଼ ସହରରେ ଯାତ୍ରାଙ୍କ ଯାତାୟତକୁ ସହଜ କରିବା ସହ ବସ୍ ଓ ମେଟ୍ରୋ ଭଳି ପରିବହନ ସେବା ସହ ସଂଯୋଗ ବଢ଼ାଉଛି । ଏହା ଚାଳକମାନଙ୍କ ପାଇଁ ଆୟର ନୂଆ ସୁଯୋଗ ମଧ୍ୟ ସୃଷ୍ଟି କରୁଛି। ଏହି ରାୟ କେବଳ ଆଇନଗତ ସ୍ପଷ୍ଟତା ନୁହେଁ, ବରଂ ଦେଶରେ ସହଜ ଓ ସୁଲଭ ଯାତାୟତ ବ୍ୟବସ୍ଥାର ଆବଶ୍ୟକତାକୁ ସ୍ୱୀକାର କରୁଛି । ବାଇକ୍ ଟ୍ୟାକ୍ସି ସେବାକୁ ସୁରକ୍ଷିତ ଓ ନିୟମିତ କରିବା ପାଇଁ କର୍ଣ୍ଣାଟକ ସରକାରଙ୍କ ସହ କାମ କରିବାକୁ ରାପିଡୋ ପ୍ରସ୍ତୁତ ବୋଲି ସେ କହିଛନ୍ତି ।

ୟୁକ୍ରେନରେ ରୁଷର ରାତିତମାମ ଆକ୍ରମଣ, ୧୫ ମୃତ

କିବ୍: ୟୁକ୍ରେନ୍ ରାଜଧାନୀ କିବ୍ ଓ ଏହାର ଆଖପାଖ ଅଞ୍ଚଳରେ ରୁଷ୍ ରାତିତମାମ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣ କରିଛି। ଏଥିରେ ଅତି କମ୍ରେ ୧୫ ଜଣଙ୍କ ମୃତ୍ୟୁ ହୋଇଛି। କିବ୍‌ରୁ ପ୍ରାୟ ୪୫ କିମି ଦୂର ଡାଇମର୍ ସହରରେ ଏକ ପାଞ୍

ଭାରତ-ନ୍ୟୁଜିଲାଣ୍ଡ ୱେଲିଂଟନ୍ ଟେଷ୍ଟ୍ ଡ୍ର'



ୱେଲିଂଟନ୍,୨୩।୧୧(ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ୱେଲିଂଟନ୍ ଟେଷ୍ଟକୁ ଜିତିବା ଆଶାରେ ଥିଲା ଭାରତ। କିନ୍ତୁ ବୋଲରଙ୍କୁ ସହାୟତା କରୁ ନଥିବା ସ୍ଥାନୀୟ ବେସିନ୍ ରିଜର୍ଭ ପିଚରେ ଏହି ମ୍ୟାଚ୍ ଶେଷ ଅଧିବେଶନ ପର୍ଯ୍ୟନ୍ତ ରୋମାଞ୍ଚକ ଭରି ରହିଥିଲା। ଶେଷରେ ୧୨୦ ଓଭର ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ମ୍ୟାଚକୁ ଅମୀମାଂସିତ ରଖିବାରେ ସଫଳ ହୋଇଥିଲା। ଶେଷ ଦିନରେ ଆଉ ୧୫ ବାକି ଥିଲା ବେଳେ ନ୍ୟୁଜିଲାଣ୍ଡର ଦ୍ୱିତୀୟ ପାଳି ସ୍କୋର୍ ୨୩୯/୫ ରହିଥିଲା।

ଫଳାଫଳ ଆଶା ନଥିବାରୁ ଏହି ସମୟରେ ଉଭୟ ଦଳର ନିଷ୍ପତ୍ତିରେ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଅନ୍ୟପକ୍ଷରେ ଏହି ଅମୀମାଂସିତ ମ୍ୟାଚ୍ ଭାରତର ବିଶ୍ୱ ଟେଷ୍ଟ୍ ଚାମ୍ପିଅନସିପ (ଡବ୍ଲ୍ୟୁଟିସି) ଫାଇନାଲ୍ ଖେଳିବା ଆଶାକୁ ଆହୁରି କଷ୍ଟକର କରିଦେଇଛି। ଭାରତ (୫୦.୦୦ ପିସିଟି)ର ପିସିଟି ଖସିବା ସହ ପୂର୍ବ ଭଳି ଚତୁର୍ଥରେ ରହିଛି। ସେହିପରି ନ୍ୟୁଜିଲାଣ୍ଡ (୬୬.୬୭)ର ପିସିଟି ସହ ଗୋଟିଏ ସ୍ଥାନ ଖସି ତୃତୀୟରେ ପହଞ୍ଚିଛି।

ନ୍ୟୁଜିଲାଣ୍ଡର ପ୍ରଥମ ପାଳି ସ୍କୋର୍ ୩୬୮ ଜବାବରେ ଭାରତ ୭୨୦/୯ ବିଶାଳ ସ୍କୋର କରିଥିଲା। ଫଳରେ ନ୍ୟୁଜିଲାଣ୍ଡ ୩୫୨ ରନ୍ ପଛରେ ପଡ଼ିଥିଲା। ଚତୁର୍ଥ ଦିନ ଶେଷରେ ଘରୋଇ ଦଳ ୧୧୯/୨ କରିଥିଲା। ଶେଷ ଦିନରେ ଫଳାଫଳ ନିଜ ସପକ୍ଷରେ ଆଣିବାକୁ ଭାରତକୁ ୮ ୱିକେଟ୍ର ଆବଶ୍ୟକ ଥିଲା। ସୋମବାରର ପ୍ରଥମ ଅଧିବେଶନରେ ଗତ କାଲିର ଦୁଇ ଅପରାଜିତ ବ୍ୟାଟର୍ ଡେଭନ କନୱେ (୬୫)ଙ୍କୁ ୱାଶିଂଟନ୍ ସୁନ୍ଦର ଓ ରାଚିନ ରବୀନ୍ଦ୍ର (୩୭)ଙ୍କୁ ପ୍ରସିଦ୍ଧ କୃଷ୍ଣ ଆଉଟ୍ କରି ଆଶା ସଞ୍ଚାର କରିଥିଲେ।

ମଧ୍ୟାହ୍ନ ଭୋଜନ ବିରତି ପରେ, ନୂଆ ବଲ୍ ନେବାର ଠିକ୍ ପୂର୍ବରୁ ଦଳୀୟ ସ୍କୋର୍ ୧୭୬ ଥିଲା ବେଳେ ଟମ୍ ବ୍ଲଣ୍ଡେଲ (୧୫)ଙ୍କୁ ଅଂଶୁଲ କମ୍ବୋଜ ପ୍ୟାଭିଲିୟନ୍ ପଠାଇ ଦେଇଥିଲେ। ଏହାପରେ ଡାରିଲ ମିଚେଲ (୪୯*, ୧୮୬ ବଲ୍) ଓ ଗ୍ଲେନ ଫିଲିପ୍ସ (୨୬*, ୧୨୬ ବଲ୍) ଏକାଠି ୪୩ ଓଭର ବ୍ୟାଟିଂ କରି ମ୍ୟାଚ୍କୁ ଅମୀମାଂସିତ ରଖିବାରେ ସକ୍ଷମ ହୋଇଥିଲେ। ଅମୀମାଂସିତ ରଖିବା ଚିନ୍ତାରେ ଏହି ଦୁଇ ବ୍ୟାଟର୍ ଖେଳୁଥିବାରୁ ଚା'ପାନ ବିରତି ପୂର୍ବରୁ ଭାରତୀୟ ବୋଲର ୮ ଓଭର ମେଡେନ୍ ପାଇଥିଲେ। ଏହା ପରେ ମଧ୍ୟ ଲଗାତାର ୪୩ ବଲ୍ରେ କୌଣସି ରନ୍ ହୋଇ ନ ଥିଲା।

ଦ୍ୱିତୀୟ ଟେଷ୍ଟ ଖ୍ରୀଷ୍ଟଚର୍ଚ୍ଚରେ

ୱିକେଟ୍ ନ ଝଡ଼ିବାରୁ ଗିଲ୍ ଶେଷରେ ଦେବଦତ୍ତ ପଡ଼ିକଲ, ଯଶସ୍ୱୀ ଜୟସ୍ୱାଲ ଓ ଧ୍ରୁବ ଜୁରେଲଙ୍କୁ ବୋଲିଂ ଦେଇ ମିଚେଲ ଓ ଫିଲିପ୍ସଙ୍କ ଯୋଡ଼ି ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଗିଲ୍ଙ୍କ ଏହି ଯୋଜନା ବି ବିଫଳ ହେଲେ। ଶେଷରେ ୧୫ ଓଭର ପୂର୍ବରୁ ଉଭୟ ଦଳର ଅଧିନାୟକଙ୍କ ସହମତିରେ ମ୍ୟାଚ୍ ଅମୀମାଂସିତ ଘୋଷଣା ହୋଇଥିଲା। ଅର୍ଦ୍ଧଶତକଠୁ ମାତ୍ର ଗୋଟିଏ ରନ୍ ଦୂରରେ ଥିବା ମିଚେଲ ଏହି ନିଷ୍ପତ୍ତିକୁ ବିରୋଧ କରି ନଥିଲେ। ପ୍ରଥମ ପାଳିରେ ୧୭୫* ଓ ଦ୍ୱିତୀୟରେ ୩୧ ରନ୍ କରିଥିବା ହେନରି ନିକୋଲ୍ସ ମ୍ୟାଚରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦ୍ୱିତୀୟ ଟେଷ୍ଟ ୨୭ ତାରିଖରୁ ଖ୍ରୀଷ୍ଟଚର୍ଚ୍ଚରେ ଖେଳାଯିବ।

ସଂକ୍ଷିପ୍ତ ସ୍କୋର୍: ନ୍ୟୁଜିଲାଣ୍ଡ ପ୍ରଥମ ପାଳି-୩୬୮/୧୦। ଭାରତ ପ୍ରଥମ ପାଳି-୧୬୬ ଓଭରରେ-୭୨୦/୯, ଘୋଷିତ। ନ୍ୟୁଜିଲାଣ୍ଡ ଦ୍ୱିତୀୟ ପାଳି-୧୨୦ ଓଭରରେ ୨୩୯/୫ (ଡେଭନ କନ୍ୱେ ୬୫, ଡାରିଲ ମିଚେଲ ୪୯*, ରାଚିନ ରବୀନ୍ଦ୍ର ୩୭, ହେନରି ନିକୋଲ୍ସ ୩୧, ଗ୍ଲେନ୍ ଫିଲିପ୍ସ ୨୬*, ପ୍ରସିଦ୍ଧ କୃଷ୍ଣ ୨/୨୩, ଯଶପ୍ରୀତ ବୁମ୍ରା ୧/୪୨, ଅଂଶୁଲ କମ୍ବୋଜ ୧/୪୫, ୱାଶିଂଟନ ସୁନ୍ଦର ୧/୬୫)।

ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ: ଚାନ୍ଦିଆ ଏଫସି ଚାମ୍ପିଅନ



ଢେଙ୍କିକୋଟ ,(ସବୁ୍ୟ):ଘଟଗାଁ ବ୍ଲକ ଅନ୍ତର୍ଗତ ରୁଟିଶିଳା ଗ୍ରାମ ପଞ୍ଚାୟତ ଖେଳପଡିଆ ଠାରେ ଯୁବ ଫୁଟବଲ ସଂଘ ପକ୍ଷରୁ ୨୬ତମ ରାଜ୍ୟ ସ୍ତରୀୟ ଟୁର୍ଣ୍ଣାମେଣ୍ଟର ଶୁଭ ଉଦଯାପନୀ ହୋଇଯାଇଛି । ଉକ୍ତ ଉଦଯାପନୀ ଉତ୍ସବରେ ନିମନ୍ତ୍ରିତ ହୋଇ ମୁଖ୍ୟଅତିଥି ଭାବେ ସମାଜସେବୀ ଦେବପ୍ରିୟ ପାତ୍ର, ମୁଖ୍ୟବକ୍ତା ଭାବେ କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳ ସଭାପତି ତଥା ଆଇନଜୀବି ଆଶିଷ ଚକ୍ରବର୍ତ୍ତି ଯୋଗ ଦେଇଥିଲେ । ସେହିପରି ସମ୍ମାନିତ ଅତିଥିଭାବେ ସମାଜସେବୀ ତଥା ଗୋଟେଲ ଗ୍ଲୋବାଲ ଇନର ମ୍ୟନେଜିଂ ଡାଇରେକଫର ସେକ ଇମ୍ରାନ, ଜିଲ୍ଲା ପରିଷଦ ଯାଜ୍ଞସେନୀ ମହାନ୍ତ,ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ସାହୁ, ଚଳଚ୍ଚିତ୍ର ଅଭିନେତ୍ରୀ ଶତୋ ସାହୁ, ଘଟଗାଁ ବ୍ଲକ ଉପାଧ୍ୟକ୍ଷ ଯଦୁମଣି ନାଏକ, ଜିଲ୍ଲା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ଦୁର୍ଯୋଧନ ବାରିକ, ସରପଞ୍ଚ ଗତିକୃଷ୍ଣ ନାଏକ, ସମିତି ସଭ୍ୟ କୈବଲ୍ୟ ନାଏକ, ସତ୍ୟବ୍ରତ ବାରିକ, ଗିରିଧାରୀ ମହାନ୍ତ ଓ ସରପଞ୍ଚ ପ୍ରିୟ ରଞ୍ଜନ ନାଏକ ମଞ୍ଚାସୀନ ହୋଇଥିଲେ ୫ ଫାଇନାଲ ଖେଳରେ ବିଜେତା ଦଳ ଯାଜପୁର ଜିଲ୍ଲାର ଚାନ୍ଦିଆ ଏଫସି କୁ ଅର୍ଥରାଶି ଏକ ଲକ୍ଷ ଟଙ୍କା ସହିତ ସିଲକପ ଓ ଉପବିଜେତା ଜଗାବଳିଆ ଏଫସି କୁ ସତୁରି ହଜାର ଟଙ୍କା ସହିତ କପ ପ୍ରଦାନ କରାଯାଇଥିଲା । ସେହିପରି ସାନ୍ତ୍ୱନାମୂଳକ ପୁରସ୍କାର ଅନ୍ୟ ୪ଟି ଦଳକୁ ଏକଲକ୍ଷ୍ୟ ଟଙ୍କା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ରେ ଭାଷ୍ୟକାର ଥିଲେ କ୍ଷୀରୋଦ କୁମାର ଗିରି ଓ ବୁଲବୁଲ ଆପଟ । ଖେଳରେ ରେଫରୀ ଥିଲେ ବରୁଣ କୁମାର, ବେହେରା, ବିନୋଦ ହନହାଗା, ବିଜୟ କୁମାର, ଚୁନୁ ସିଂ । ଯୁବ ଫୁଟବଲ ସଂଘର ସଭାପତି ହେମନ୍ତ ନାଏକ, ସମ୍ପାଦକ କୈବଲ୍ୟ ନାୟକ, ଉପଦେଷ୍ଟା ଖଗେଶର ମହାନ୍ତଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ ।

ଜାତୀୟ ରିଙ୍ଗ୍ ଟେନିସ୍ ଲାଗି ଓଡ଼ିଶା ଦଳ

ଭୁବନେଶ୍ୱର,୨୩।୧୧(ସବୁ୍): ରାଜସ୍ଥାନରେ ଚଳିତ ମାସ ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ତୃତୀୟ ବରିଷ୍ଠ ରିଙ୍ଗ୍ ଟେନିସ୍ ପ୍ରତିଯୋଗିତା ଲାଗି ସୋମବାର ଓଡ଼ିଶା ଦଳଘୋଷିତ ହୋଇଛି । ପୁରୁଷ ଦଳରେ ନାରାୟଣ ବେହେରା, ଶୁଭମ ପାଣିଗ୍ରାହୀ, ନିର୍ମଳ ସେନ, ଅନୁରାଗ ସ୍ୱାଇଁ, ଡିଏନ୍ ଅଶ୍ୱିନ ତନ୍ତି, କୁମାର ବିଶ୍ୱଜିତ ରାଉତ, ସତ୍ୟସୂର୍ଯ୍ୟ ପ୍ରତାପ ପଣ୍ଡା, ନିସ୍ୱମ ଦେବଦୂତ ସାହୁ ରହିଛନ୍ତି ସେହିପରି ମହିଳା ଦଳରେ ଅଚ୍ଛନ୍ତି ପୂର୍ଣ୍ଣିମା ସାହୁ, ସଞ୍ଜିତା ଦାସ, ଚାନ୍ଦିନୀ ଦାସ, ସୁଦୀପ୍ତା ରାଉତ, ସମ୍ପର୍ଣ୍ଣା ପରିଡ଼ା, ଶୁଭଲକ୍ଷ୍ମୀ ବେହେରା, ସୋୟାଙ୍ଗ ରଶ୍ମି ପରିଡ଼ା, ଦୀପ୍ତିରାଣୀ ଦାସ । ଦଳ ସହ ପ୍ରବନ୍ଧକ ତୃଷ୍ଣାରାଣୀ ପ୍ରଧାନ, ପ୍ରଶିକ୍ଷକ ଅରୁଣ କୁମାର ନାୟକ ଓ ରେଫରି ଅକ୍ଷୟ କୁମାର ସାହୁ ଦଳ ସହ ରାଜସ୍ଥାନ ଗସ୍ତ କରିବେ।

ରାଜ୍ୟସ୍ତରୀୟ ଭାରୋତ୍ତୋଳନ ଚାମ୍ପିଅନସିପରେ ଚମକିଲେ ମୟୂରଭଞ୍ଜ ଖେଳାଳି

୧୭ଟି ପଦକ ସହ ଶ୍ରେଷ୍ଠ ଦଳ ମୟୂରଭଞ୍ଜ ବାଳିକା ଟିମ୍; ପୂର୍ଣ୍ଣିମା ହାଁସଦା ଶ୍ରେଷ୍ଠ ଭାରୋତ୍ତୋଳନକାରୀ



ବାରିପଦା,୨୩।୧୧(ସବୁ୍): ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ୭୩ତମ ଓଡ଼ିଶା ରାଜ୍ୟ ଯୁବ, କନିଷ୍ଠ, ବରିଷ୍ଠ ଏବଂ ୧୨ ଓ ୧୪ ବର୍ଷରୁ କମ୍ ବୟସ ବର୍ଗର ଭାରୋତ୍ତୋଳନ ଚାମ୍ପିଅନସିପ୍-୨୦୨୬ରେ ମୟୂରଭଞ୍ଜ ଜିଲ୍ଲାର ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରି ୧୭ଟି ପଦକ ହାସଲ କରିଛନ୍ତି। ଏଥିରେ ୮ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୫ଟି କାଂସ୍ୟ ପଦକ ରହିଥିବା ବେଳେ ମୟୂରଭଞ୍ଜ ଦଳକୁ ଶ୍ରେଷ୍ଠ ଦଳ ଭାବେ ପୁରସ୍କୃତ କରାଯାଇଛି। ଏଥିସହ ପୂର୍ଣ୍ଣିମା ହାଁସଦା ଶ୍ରେଷ୍ଠ ଭାରୋତ୍ତୋଳନକାରୀ ଭାବେ ସମ୍ମାନିତ ହୋଇଛନ୍ତି। ବେତନଟୀ ଥାନା ଅନ୍ତର୍ଗତ ନଙ୍ଗଳକଟାସ୍ଥିତ ଶକ୍ତିମାନ ଜିମ୍ନାସିୟମରେ ପ୍ରଶିକ୍ଷଣ ନେଉଥିବା ମୟୂରଭଞ୍ଜ ଦଳର ଖେଳାଳିମାନେ ଏହି ସଫଳତା ହାସଲ କରିଛନ୍ତି। ୧୨ ବର୍ଷରୁ କମ୍ ବୟସ ବର୍ଗର ୫୩ କିଲୋଗ୍ରାମ ବିଭାଗରେ ପୂର୍ଣ୍ଣିମା ହାଁସଦା ସ୍ନାଚରେ ୬୦ କେଜି ଓ କ୍ଲିନ୍ ଆଣ୍ଡ ଜର୍କରେ ୭୭ କେଜି, ମୋଟ ୧୩୭ କେଜି ଭାର ଉଠାଇ ସ୍ୱର୍ଣ୍ଣପଦକ ହାସଲ କରିବା ସହ ଶ୍ରେଷ୍ଠ ଭାରୋତ୍ତୋଳନକାରୀ ହୋଇଥିଲେ। ୧୪ ବର୍ଷରୁ କମ୍ ବୟସ ବର୍ଗର ୪୯ କିଲୋଗ୍ରାମ ବିଭାଗରେ ଶୁଭଶ୍ରୀ ମହାନ୍ତ ସ୍ନାଚରେ ୫୮ କେଜି ଓ କ୍ଲିନ୍ ଆଣ୍ଡ ଜର୍କରେ ୭୫ କେଜି, ମୋଟ ୧୩୩ କେଜି ଭାର ଉଠାଇ ସ୍ୱର୍ଣ୍ଣପଦକ ଜିତିଥିଲେ। ମାତ୍ର ୨ ପଏଣ୍ଟ ପାଇଁ ସେ ଶ୍ରେଷ୍ଠ ଭାରୋତ୍ତୋଳନକାରୀ ହେବାରୁ ବଞ୍ଚିତ ହୋଇଥିଲେ। ସେହି ବୟସ ବର୍ଗର ୫୫ କିଲୋଗ୍ରାମ ବିଭାଗରେ ସତ୍ୟମ ସିଂ ସ୍ନାଚ୍ରେ ୭୫ କେଜି ଓ କ୍ଲିନ୍ ଆଣ୍ଡ ଜର୍କରେ ୯୦ କେଜି, ମୋଟ ୧୬୫ କେଜି ଭାର ଉଠାଇ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ୪୦ କିଲୋଗ୍ରାମ ବିଭାଗରେ ସୁମନ ମହାନ୍ତ ସ୍ନାଚ୍ରେ ୪୫ କେଜି ଓ କ୍ଲିନ୍ ଆଣ୍ଡ ଜର୍କରେ ୫୫ କେଜି, ମୋଟ ୧୦୦ କେଜି ଭାର ଉଠାଇ ସ୍ୱର୍ଣ୍ଣପଦକ ଜିତିଥିଲେ। ଅନ୍ୟପକ୍ଷରେ, ଯମୁନା ଟୁଡୁ ୩୬ କିଲୋଗ୍ରାମ ବିଭାଗରେ ସ୍ନାଚରେ ୨୫ କେଜି ଓ କ୍ଲିନ୍ ଆଣ୍ଡ ଜର୍କରେ ୩୮ କେଜି, ମୋଟ ୬୩ କେଜି ଭାର ଉଠାଇ ରୌପ୍ୟପଦକ ହାସଲ କରିଥିଲେ। ତନୁଶ୍ରୀ ସିଂ ୪୯ କିଲୋଗ୍ରାମ ବିଭାଗରେ ମୋଟ ୧୦୮ କେଜି ଏବଂ ଚିନା ସିଂ ୪୫ କିଲୋଗ୍ରାମ ବିଭାଗରେ ମୋଟ ୧୦୯ କେଜି ଭାର ଉଠାଇ କାଂସ୍ୟପଦକ ହାସଲ କରିଥିଲେ। ୧୨ ବର୍ଷରୁ କମ୍ ବୟସ ବର୍ଗର ୪୯ କିଲୋଗ୍ରାମ ବିଭାଗରେ ତପସ୍ୱିନୀ ସିଂ ସ୍ନାଚରେ ୪୭ କେଜି ଓ କ୍ଲିନ୍ ଆଣ୍ଡ ଜର୍କରେ ୬୪ କେଜି, ମୋଟ ୧୧୧ କେଜି ଭାର ଉଠାଇ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ୪୦ କିଲୋଗ୍ରାମ ବିଭାଗରେ ଦେବାଶିଷ ମହାନ୍ତ ସ୍ନାଚରେ ୩୬ କେଜି ଓ କ୍ଲିନ୍ ଆଣ୍ଡ ଜର୍କରେ ୪୩ କେଜି, ମୋଟ ୭୯ କେଜି ଭାର ଉଠାଇ ରୌପ୍ୟପଦକ ଏବଂ ସୋହମ କୁମାର ମହାନ୍ତ ସ୍ନାଚ୍ରେ ୩୦ କେଜି ଓ କ୍ଲିନ୍ ଆଣ୍ଡ ଜର୍କରେ ୪୦ କେଜି, ମୋଟ ୭୦ କେଜି ଭାର ଉଠାଇ କାଂସ୍ୟପଦକ ହାସଲ କରିଥିଲେ। ଶକ୍ତିମାନ ଜିମ୍ନାସିୟମର ଖେଳାଳିମାନଙ୍କ ଏହି ସଫଳତା ପରେ ଜିମ୍ନାସିୟମର ପ୍ରତିଷ୍ଠାତା ତଥା ପ୍ରଶିକ୍ଷକ ପରେଶଚନ୍ଦ୍ର ମହାନ୍ତଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସର୍ବାଧିକ ପଦକ ହାସଲ କରି ମୟୂରଭଞ୍ଜ ଦଳ ଶ୍ରେଷ୍ଠ ଦଳର ପୁରସ୍କାର ପାଇଥିବା ବେଳେ ପୂର୍ଣ୍ଣିମା ହାଁସଦା ଶ୍ରେଷ୍ଠ ଭାରୋତ୍ତୋଳନକାରୀ ଭାବେ ସମ୍ମାନିତ ହୋଇ ଜିଲ୍ଲା ଓ ଜିମ୍ନାସିୟମ୍ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ଆନ୍ତର୍ଜାତୀୟ ଭାରୋତ୍ତୋଳନକାରୀ ମନ୍ଦାକିନୀ ମହାନ୍ତ ଓ ସ୍ନେହା ସୋରେନ, ମୟୂରଭଞ୍ଜ ଭାରୋତ୍ତୋଳନ ସଂଘର ସଭାପତି ତଥା ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ନବକୁମାର ସାହୁ, ଉପସଭାପତି ସଂଗ୍ରାମ କେଶରୀ ଦେବ ଓ ଜିତେନ୍ଦ୍ର ବେହେରା, ଶୁକୁଲ ମୁର୍ମୁ, ଯୁଗ୍ମ ସମ୍ପାଦକ ତରୁଣ ମହାନ୍ତି, କୋଷାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତ, ସହକୋଷାଧ୍ୟକ୍ଷ ହରିନାରାୟଣ ମହାନ୍ତ, ଉପଦେଷ୍ଟା ପ୍ରିୟବ୍ରତ ଦାସ, ଲୋହିତ ଦାସ, ମନୋଜ ରାଉତ, ଙ୍କ. ବିପ୍ଳବରଞ୍ଜନ ବୁଗୁଡେଇ, ଜନାର୍ଦ୍ଦନ ମହାନ୍ତ, ସୁରଜ ଲୋହାର, ସୌମ୍ୟରଞ୍ଜନ ମିଶ୍ର, ହିମାଂଶୁ ଶେଖର ମହାନ୍ତ, ରଜତ ମହାନ୍ତ, ରବୀନ୍ଦ୍ର ହାଁସଦା ଓ ମନୋଜ ମହାନ୍ତ ପ୍ରମୁଖ ପ୍ରଶିକ୍ଷକ ପରେଶଚନ୍ଦ୍ର ମହାନ୍ତ ଏବଂ ସମସ୍ତ କୃତୀ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ଦିନରେ କୃତୀ ଭାରୋତ୍ତୋଳକମାନେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ଯୋଜନା ରହିଥିବା ପ୍ରଶିକ୍ଷକ ପରେଶଚନ୍ଦ୍ର ମହାନ୍ତ ସୂଚନା ଦେଇଛନ୍ତି।

ସିକୁ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ: କେନ୍ଦୁଝର ଚାମ୍ପିଅନ

ଧର୍ମଶାଳା,୨୩।୧୧(ସବୁ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମରେ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ଚାଲିଥିବା ଏକାଦଶ ସର୍ବଭାରତୀୟ ସିକୁ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇଯାଇଛି । ଉଦଯାପନୀ ଦିବସରେ ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚରେ ରାମେଶ୍ୱର ଫାଇଟର୍ସ କେନ୍ଦୁଝର ଟିମ ରାଇଜିଙ୍ଗ ଷ୍ଟୁଡେଣ୍ଟ କଟକ ଟିମକୁ ୫ ୱିକେଟରେ ପରାସ୍ତ କରି ଚଳିତ ବର୍ଷ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ରାଇଜିଙ୍ଗ ଷ୍ଟୁଡେଣ୍ଟ କଟକ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭର ମଧ୍ୟରୁ ୨୨.୨ ଓଭରରେ ସମସ୍ତ ୱିକେଟ ହରାଇ ୧୪୦ ରନ ସଂଗ୍ରହ କରିଥିଲା । ଆଜି ମ୍ୟାଚର ଶ୍ରେଷ୍ଠ ଖେଳାଳୀ ଭାବେ କେନ୍ଦୁଝର ଟିମର ମନିଶ ସେରଓତଙ୍କୁ ଘୋଷଣା କରାଯାଇଥିବା ବେଳେ ଗୋବିନ୍ଦ ପୋଦାରଙ୍କୁ ମ୍ୟାନ ଅଫ ଦି ସିରିଜ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ପୁରୁଷୋତମ ପ୍ରଧାନ ଏବଂ ଶ୍ରେଷ୍ଠ ବୋଲର ଭାବେ ସକ୍ଷମ ଭରଦ୍ୱାଜଙ୍କୁ ଘୋଷଣା କରାଯାଇଥିଲା ।



ଷଷ୍ଠ ପୋଖରାପୁଟ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ବିଜେତା ଦଳକୁ ମିଳିବ ୬୦ ହଜାର ଟଙ୍କା

ଭୁବନେଶ୍ୱର,୨୩।୧୧(ସବୁ୍): ପୋଖରାପୁଟ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଷଷ୍ଠ ସଂସ୍କରଣ 'ପୋଖରାପୁଟ କପ୍' କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ନଭେମ୍ବର ୨୨ରୁ ଆରମ୍ଭ ହୋଇଥିବା ଏହି ତିନିଦିନିଆ ପ୍ରତିଯୋଗିତା ଆସନ୍ତାକାଲି ଶେଷ ହେବ। ଉଦଘାଟନୀ ଉତ୍ସବରେ ଯୁବ ସାମ୍ବାଦିକ ଚକ୍ରଧର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଯୁବି ସ୍ପୋର୍ଟସ୍ ଏକାଡେମୀର ଯୁଧିଷ୍ଠିର ମଲ୍ଲିକ, ଅକ୍ଷୟ ଜେନା, ବିରାଜ ପାତ୍ର ଓ ସଦାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କମିଟିର ସୂଚନା ଅନୁଯାୟୀ, ଏହି ଟୁର୍ଣ୍ଣାମେଣ୍ଟର ଚମ୍ପିଆନ ଦଳକୁ ଟ୍ରଫି ସହ ୬୦,୦୦୦ ଟଙ୍କା ଏବଂ ଉପବିଜେତା (ରନର୍ସ ଅପ୍) ଦଳକୁ ଟ୍ରଫି ସହ ୪୦,୦୦୦ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ସେହିପରି ବ୍ୟକ୍ତିଗତ ପୁରସ୍କାର ଭାବେ ମ୍ୟାନ୍ ଅଫ୍ ଦି ସିରିଜଙ୍କୁ ଟ୍ରଫି ସହ ୫,୦୦୦ ଟଙ୍କା, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ଶ୍ରେଷ୍ଠ ବୋଲରଙ୍କୁ ଟ୍ରଫି ସହ ୩,୦୦୦ ଟଙ୍କା ଲେଖାଏଁ ପୁରସ୍କୃତ କରାଯିବ। ଏହା ବ୍ୟତୀତ ପ୍ରତି ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଖେଳାଳିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଟ୍ରଫି ସହ ୫୦୦ ଟଙ୍କା ପ୍ରଦାନ କରାଯାଉଛି।
ଆୟୋଜକ ଶାଶ୍ୱତ ପଟ୍ଟନାୟକଙ୍କ ସମେତ ପୋଖରାପୁଟ କ୍ରିକେଟ କ୍ଲବର ସମସ୍ତ କର୍ମକର୍ତ୍ତା ଟୁର୍ଣ୍ଣାମେଣ୍ଟକୁ ସଫଳତାର ସହ ପରିଚାଳନା କରୁଛନ୍ତି।

ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃକଲେଜ ଆଥଲେଟିକ୍ସ

ଶୁଭଶ୍ରୀ ମହିଳା ବର୍ଗରେ ଚାମ୍ପିଅନ



ଭୁବନେଶ୍ୱର,୨୩।୧୧(ସବୁ୍): ୭୫ତମ ଉତ୍କଳ ବିଶ୍ୱବିଦ୍ୟାଳୟ ଅନ୍ତଃ କଲେଜ ଆଥଲେଟିକ୍ସ ଚାମ୍ପିଅନସିପରେ ଭୁବନେଶ୍ୱର ଏକାମ୍ର କଲେଜର ଛାତ୍ରୀ ଶୁଭଶ୍ରୀ ପରିଡା ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍